ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

BHUBANESWAR | ◆VOLUME- 44 ◆ISSUE-116 ◆MONDAY ◆19 OCTOBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୧୬ ◆ସୋମବାର ◆୧୯ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

◆ RNI REGD NO: 42041/83 ◆ www.sakalaepaper.com ◆ /sakalanews ◆ /sakalanews ◆ www.thesakala.in

ଆସିଛନ୍ତି ମା’ ଆଜି ପୀଠେ ମହାନବମୀ, ମଣ୍ଡପରେ ମହାଷ୍ଟମୀ...

ଜଳୁଛି ଫ୍ରାନ୍ସ

ଦରବୃଦ୍ଧି ପ୍ରତିବାଦରେ ରାଜରାସ୍ତାକୁ ଓହ୍ଲାଇଲେ ସାଧାରଣ ଜନତା

ଟାଇଗରଙ୍କୁ ଗୁଳି

ମୁମ୍ବାଇର ଜୁହୁସ୍ଥିତ ପୁଷ୍ପା ପାର୍କ ନିକଟରେ ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍‌ଙ୍କୁ ଦୁର୍ବୃତ୍ତଙ୍କ ଗୁଳିମାଡ଼

ଦଶହରା ଶୁଭେଚ୍ଛା

ପବିତ୍ର ଦଶହରା ପର୍ବ ଅବସରରେ ଓଡ଼ିଶାର ସମସ୍ତ ଜନସାଧାରଣ, ପାଠକପାଠିକା, ବିଜ୍ଞାପନଦାତା, ଶୁଭେଚ୍ଛୁ ଓ ବିତରକ ବନ୍ଧୁଙ୍କୁ ‘ସକାଳ’ ପରିବାର ତରଫରୁ ହାର୍ଦ୍ଦିକ ଶୁଭେଚ୍ଛା ।

‘ସକାଳ’ର ଛୁଟି

ପବିତ୍ର ଦଶହରା ପର୍ବ ଉପଲକ୍ଷେ ଅକ୍ଟୋବର ୧୯ , ୨୦ ଓ ୨୧ ତାରିଖ ‘ସକାଳ’ କାର୍ଯ୍ୟାଳୟ ଛୁଟି ରହୁଥିବାରୁ ଏହାର ପରବର୍ତ୍ତୀ ସଂସ୍କରଣ ୨୩ ତାରିଖ (ଶୁକ୍ରବାର) ପ୍ରକାଶ ପାଇବ ।

-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

ପୁଣି ଲଘୁଚାପ ସହ ବାତ୍ୟା ଭୟ

୨୧ରେ ଘୂର୍ଣ୍ଣିବଳୟ
୨୪ରେ ଲଘୁଚାପ
୨୮-୨୯ରେ ଆସିପାରେ ବାତ୍ୟା

■ ଭୁବନେଶ୍ୱର, ୧୮।୧୦ (ସମିସ): ଚଳିତ ମାସ ଶେଷ ଆଡକୁ ବିଗିଡିପାରେ ପାଣିପାଗ। ବଙ୍ଗୋପ ସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ସହ ପୁଣି ବାତ୍ୟା ଭୟ ଆରମ୍ଭ ହୋଇଛି। ବିଭିନ୍ନ ଅନ୍ତର୍ଜାତୀୟ ମଡେଲ ମୁତାବକ ମାସ ଶେଷ ଆଡକୁ ସମ୍ଭାବ୍ୟ ବାତ୍ୟା ଉପକୂଳରେ ସ୍ଥଳଭାଗ ଛୁଇଁପାରେ। ଅର୍ଥାତ୍ ବଙ୍ଗୋପସାଗରରେ ପାଗ ପୁଣି ଥରେ ଅସ୍ଥିର ହେବାକୁ ଯାଉଛି।

ବିଭିନ୍ନ ମଡେଲରୁ ଜଣାପଡୁଛି, ଆସନ୍ତା ୨୧ ତାରିଖ ବେଳକୁ ଆଣ୍ଡାମାନ ସାଗରରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସମ୍ଭାବନା ଅଛି। ଏହା ପ୍ରଭାବରେ ୨୪ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇପାରେ। ପରବର୍ତ୍ତୀ ସମୟରେ ଏହା ଅଧିକ ଘନୀଭୂତ ହୋଇ ୨୮ କିମ୍ବା ୨୯ ତାରିଖ ବେଳକୁ ବାତ୍ୟା ରୂପ ନେଇପାରେ। ତେବେ ଏହାର ତୀବ୍ରତା, ସମ୍ଭାବ୍ୟ ଗତିପଥକୁ ନେଇ ପାଣିପାଗ ବିଭାଗ କିଛି ସ୍ପଷ୍ଟ କରି ନାହିଁ। ଏବେ ସାରାଦେଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅପସରି ଯାଇଛି। ଏହି ସମୟରେ ସୃଷ୍ଟି ହେଉଥିବା ଲଘୁଚାପଗୁଡିକ ଅଧିକ ଶକ୍ତିଶାଳୀ ହେଉଥିବାରୁ, ବାତ୍ୟା ଡରକୁ ଏହା ଖୋରାକ ଯୋଗାଉଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ର ନାଥ ପଶୁପାଳକ ମଧ ବାତ୍ୟା ଆଶଙ୍କାକୁ ଏଡ଼ାଇ ଦେଇ ନାହାନ୍ତି। ମାତ୍ର ଏବେଠାରୁ ଏହାର ତୀବ୍ରତା ଓ ଗତିପଥ ଆକଳନ କରି ହେବନାହିଁ। ହେଲେ ଏବେ ପାଣିପାଗ ସ୍ଥିତି ବାତ୍ୟା ସୃଷ୍ଟି ପାଇଁ ଅନୁକୂଳ ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ବିଶେଷ ଟିପ୍ପଣୀ



ଯାଦବପୁରରେ, ପ୍ରଶାସନ ଏକ ବାମପନ୍ଥୀ ବହି ଦୋକାନକୁ ବୁଲଡୋଜର ଲଗାଇ ହଟାଇଛନ୍ତି। ରାଜନୈତିକ ମତଭେଦ ସ୍ୱାଭାବିକ, କିନ୍ତୁ କେଉଁ ପ୍ରକାରର ଗଣତନ୍ତ୍ର ଲୋକଙ୍କୁ ବହି ବିକ୍ରି ଅଧିକାରରୁ ବଞ୍ଚିତ କରେ? ଚିନ୍ତାଧାରାଗୁଡ଼ିକୁ ବୁଲଡୋଜର ନୁହେଁ, ଯୁକ୍ତି ଦ୍ୱାରା ଚାଲେଞ୍ଜ କରାଯିବା ଉଚିତ। ଭିନ୍ନମତକୁ ସମ୍ମାନ ହେଉଛି ଗଣତନ୍ତ୍ରର ପ୍ରକୃତ ଆତ୍ମା

-ଅଧୀର ରଞ୍ଜନ ଚୌଧୁରୀ (କଂଗ୍ରେସ ନେତା)

ଯନ୍ତରମନ୍ତରରେ ଅନୁପ୍ରବେଶ ଏବଂ ନିଷେଧ ଆଦେଶ ଉଲ୍ଲଂଘନ କରି ତ୍ରିରଙ୍ଗା ଉଡ଼ାଇବା ପାଇଁ ସିଜେପିର ଆଶୁତୋଷ ରାଙ୍କା ଏବଂ ସୌରଭ ଦାସ ଏବେ ବି ନ୍ୟାୟିକ ହାଜତରେ ଅଛନ୍ତି। ଏହା ହିଂସାର କାର୍ଯ୍ୟ ନୁହେଁ। କିନ୍ତୁ ହିନ୍ଦୁ ରକ୍ଷା ଦଳର ସଦସ୍ୟମାନେ ପ୍ରତିବାଦକାରୀଙ୍କୁ ମାଡ଼ ମାରିବା ଘଟଣାରେ ଧରାପଡ଼ି ଜାମିନରେ ଅଛନ୍ତି। କଣ ଏଇଟା ଆଇନ ସମ୍ମତ?

- ରାଜଦୀପ ସରଦେଶାଇ (ବରିଷ୍ଠ ସାମ୍ବାଦିକ)

ଜେନ୍ Z

ଯନ୍ତରମନ୍ତର କୌଣସି ଶାସକଙ୍କ ସମ୍ପତ୍ତି ନୁହେଁ। ଏହା ଲୋକଙ୍କର। ନ୍ୟାୟ ମୋର୍ଚ୍ଚା ରାସ୍ତା, ସମ୍ବିଧାନ ଏବଂ ଗଣତନ୍ତ୍ରର ପୁନରୁଦ୍ଧାର ପାଇଁ ଚେଷ୍ଟା କରୁଛି। ନ୍ୟାୟ ପାଇଁ ଲଢେଇ ଜାରି ରହିଛି।

- ବିବେକ ମିଶ୍ର @iVivekBHU

ଭକ୍ତଙ୍କ ଉପରେ ମାଡ଼ିଗଲା ଟ୍ରକ୍

ମଧ୍ୟପ୍ରଦେଶ ମନ୍ଦିର ନିକଟରେ ୧୫ ମୃତ

ଗ୍ୱାଲିୟର,୧୮ ।୧୦ (ଏଜେନ୍ସି): ମଧ୍ୟପ୍ରଦେଶର ଗ୍ୱାଲିୟରସ୍ଥିତ ଶୀତଳା ମାତା ମନ୍ଦିର ନିକଟରେ ଏକ ଧାନ ବୋଝେଇ ଟ୍ରକ୍ ଭକ୍ତଙ୍କ ଉପରେ ମାଡ଼ିଯିବାରୁ ଅନ୍ତତଃ ୧୫ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ୨୬ଜଣ ଲୋକ ଆହତ ହୋଇଥିବା ବେଳେ କେତେକଙ୍କ ଅବସ୍ଥା ଗୁରୁତର ରହିଛି। ଶନିବାର ବିଳମ୍ବିତ ରାତି ପ୍ରାୟ ୧ଟା ୩୦ ମିନିଟ୍‌ରେ ଏହି ଦୁର୍ଘଟଣା ଘଟିଛି। ଗ୍ୱାଲିୟରର ବରିଷ୍ଠ ପୁଲିସ ଅଧୀକ୍ଷକ ଧର୍ମବୀର ସିଂହଙ୍କ ସୂଚନା ଅନୁଯାୟୀ, ଛିନୋର ପଟୁ ଆସୁଥିବା ଟ୍ରକ୍‌ଟି ଏକ ଖାଲୁଆ ରାସ୍ତାରେ ନିୟନ୍ତ୍ରଣ ହରାଇଥିଲା। ଭାରୀଯାନ ଚଳାଚଳ ନିଷିଦ୍ଧ ଥିବା ଏହି ରାସ୍ତାରେ ପୁଲିସ ବ୍ୟାରିକେଡ୍ ଲଗାଯାଇଥିଲେ ମଧ୍ୟ ଟ୍ରକ୍‌ଟି ତାହାକୁ ଭାଙ୍ଗି ଆଗକୁ ମାଡ଼ିଯାଇଥିଲା। ରାସ୍ତାରେ ଥିବା ଭକ୍ତଙ୍କୁ ଧକ୍କା ଦେବା ପରେ ମନ୍ଦିରର ବାହାର ପାଚେରି ଓ ଫାଟକରେ ପିଟି ହୋଇଥିଲା। ଘଟଣାରେ ଡ୍ୟୁଟିରେ ଥିବା ଦୁଇ ଜଣ ପୁଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ଜିଲ୍ଲାପାଳ ରୁଚିକା ଚୌହାନଙ୍କ ସୂଚନା ଅନୁଯାୟୀ, ଦୁର୍ଘଟଣା ପରେ ତୁରନ୍ତ ଆମ୍ବୁଲାନ୍ସ ଓ ଉଦ୍ଧାରକାରୀ ଦଳକୁ ଘଟଣାସ୍ଥଳକୁ ପଠାଯାଇଥିଲା। ଆହତମାନଙ୍କୁ ହସ୍ପିଟାଲ୍‌ରେ ଚିକିତ୍ସା କରାଯାଉଛି। ନବରାତ୍ରି ଅବସରରେ ରାସ୍ତାରେ ବ୍ୟାରିକେଡ୍ ଓ ପୁଲିସ ଯାଞ୍ଚ ବ୍ୟବସ୍ଥା ଥିବା ସତ୍ତ୍ୱେ ଟ୍ରକ୍‌ଟି କିପରି ସେଠାକୁ ପ୍ରବେଶ କଲା, ତାହାର ତଦନ୍ତ ଆରମ୍ଭ ହୋଇଛି। ଟ୍ରକ୍‌ର ଯାନ୍ତ୍ରିକ ତ୍ରୁଟି ଯାଞ୍ଚ ପାଇଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟର ଏକ ଦଳକୁ ମଧ୍ୟ ନିୟୋଜିତ କରାଯାଇଛି।

ଦଳାଚକଟା ପରେ ସତର୍କ ହେଲା ପ୍ରଶାସନ

କୋଲକାତାର ପ୍ରମୁଖ ପୂଜାମଣ୍ଡପ ବନ୍ଦ

କୋଲକାତା, ୧୮ ।୧୦ (ଏଜେନ୍ସି): ଚୋର୍‌ବାଗାନ୍ ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପରେ ଦଳାଚକଟା ଘଟି ୧୯ ଜଣଙ୍କ ମୃତ୍ୟୁ ଓ ୨୫ ଜଣ ଆହତ ହେବା ପରେ କୋଲକାତା ପ୍ରଶାସନ ପକ୍ଷରୁ ଅନେକ ପ୍ରମୁଖ ପୂଜା ମଣ୍ଡପକୁ ସାମୟିକ ଭାବେ ବନ୍ଦ କରିଦିଆଯାଇଛି। ଶନିବାର ସନ୍ଧ୍ୟାରେ ଭିଡ଼ ନିୟନ୍ତ୍ରଣ ଓ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ପଦକ୍ଷେପ ନିଆଯାଇଥିବା ଜଣେ ଅଧିକାରୀ କହିଛନ୍ତି। ପ୍ରଶାସନର ନିର୍ଦ୍ଦେଶକ୍ରମେ ତାଲା ପ୍ରତ୍ୟୟ, ଆଲିପୁର ସର୍ବଜନୀନ, ଚେତଲା ଅଗ୍ରଣୀ ଓ ବାଲିଗଞ୍ଜ ସର୍ବଜନୀନ ଭଳି ପ୍ରମୁଖ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ପ୍ରବେଶ ବନ୍ଦ କରାଯାଇଛି। ଆଲେନ୍ ପାର୍କରେ ଆୟୋଜିତ କାର୍ଯ୍ୟକ୍ରମକୁ ମଧ୍ୟ ବାତିଲ କରାଯାଇଛି। ସନ୍ତୋଷ ମିତ୍ର ସ୍କୋୟାର ପୂଜା କମିଟି ପକ୍ଷରୁ ମଧ୍ୟ ମଣ୍ଡପରେ ଶ୍ରଦ୍ଧାଳୁଙ୍କ ପ୍ରବେଶ ଉପରେ କଟକଣା ଲଗାଯାଇଛି। କମିଟି ସଭାପତି ସଜଲ ଘୋଷ କହିଛନ୍ତି, ଅତ୍ୟଧିକ ଭିଡ଼ ଯୋଗୁଁ ସମସ୍ତଙ୍କୁ ମଣ୍ଡପ ଭିତରକୁ ପ୍ରବେଶ ଅନୁମତି ଦେବା ସମ୍ଭବ ନୁହେଁ। ତେଣୁ ଶ୍ରଦ୍ଧାଳୁଙ୍କ ପ୍ରବେଶ ସୀମିତ କରାଯାଇଛି। କୋଲକାତା ନିକଟସ୍ଥ ବିଧାନନଗର ଓ ସଲ୍ଟଲେକ୍ ଅଞ୍ଚଳର ପ୍ରମୁଖ ପୂଜା ମଣ୍ଡପଗୁଡ଼ିକୁ ମଧ୍ୟ ବନ୍ଦ ରଖିବାକୁ କୁହାଯାଇଛି। ପରିସ୍ଥିତିର ସମୀକ୍ଷା ପାଇଁ ରବିବାର ରାଜ୍ୟ ପ୍ରଶାସନ ଓ କୋଲକାତା ପୁଲିସର ଅଧିକାରୀମାନେ ବୈଠକ କରିବେ। ସହରରେ ପ୍ରାୟ ୩,୫୦୦ଟି ଦୁର୍ଗାପୂଜା ଆୟୋଜିତ ହେଉଥିବାରୁ ଭିଡ଼ ନିୟନ୍ତ୍ରଣ ଏବେ ପ୍ରଶାସନ ପାଇଁ ବଡ଼ ଆହ୍ୱାନ ହୋଇଛି।

ଏହି ଘଟଣାରେ ପୂଜା ଆୟୋଜକଙ୍କ ସମେତ ୭ ଜଣଙ୍କୁ ପୁଲିସ ଗିରଫ କରିଛି। ଅଭିଯୁକ୍ତଙ୍କ ବିରୋଧରେ ଗିରିଶ ପାର୍କ ଥାନାରେ ଅନିଚ୍ଛାକୃତ ନରହତ୍ୟା ଅଭିଯୋଗରେ ମାମଲା ରୁଜୁ ହୋଇଛି। ସେମାନଙ୍କୁ କୋଲକାତାର ବ୍ୟାଙ୍କଶାଲ୍ ଅଦାଲତରେ ହାଜର କରାଯାଇଛି। ଜାମିନ ଖାରଜ ହେବାପର ସେମାନଙ୍କୁ ୧୦ ଦିନ ପାଇଁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଇତିମଧ୍ୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ରବିବାର ସକାଳେ ଡାକ୍ତରଖାନାକୁ ଯାଇ ଆହତଙ୍କୁ ଭେଟିଛନ୍ତି।

୭ ଗିରଫ

ସୀମାରେ ଗୁଳିବିନିମୟ, ୭ ପାକ୍ ସୈନିକ ମୃତ

ଇସଲାମାବାଦ/କାବୁଲ,୧୮ ।୧୦(ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ସୀମାରେ ଶନିବାର ପ୍ରବଳ ଗୁଳିବିନିମୟ ଘଟି ୭ ଜଣ ପାକିସ୍ତାନୀ ସୈନିକଙ୍କ ମୃତ୍ୟୁ ହୋଇଥିବା ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଛି। ପାଲଟା ଆକ୍ରମଣରେ ଅନେକ ଆଫଗାନ ତାଲିବାନ ଯୋଦ୍ଧା ନିହତ ହୋଇଥିବା ଏବଂ ଏକ ତାଲିବାନ ସାମରିକ ଶିବିର ଧ୍ୱଂସ ହୋଇଥିବା ପାକିସ୍ତାନ ଦାବି କରିଛି। ତେବେ ଉଭୟ ପକ୍ଷର ଦାବି ସ୍ୱାଧୀନ ଭାବେ ଯାଞ୍ଚ ହୋଇପାରିନାହିଁ। ଦୁଇ ଦେଶ ମଧ୍ୟରେ ବିବାଦୀୟ ଡୁରାଣ୍ଡ ଲାଇନ୍ ନିକଟରେ ଏହି ସଂଘର୍ଷ ଘଟିଛି। ପାକିସ୍ତାନର ଅଭିଯୋଗ ଅନୁସାରେ, ଖାଇବର ପଖତୁନଖ୍ୱା ପ୍ରଦେଶର କୁର୍ରମ ଜିଲ୍ଲାରେ ଆଫଗାନ ସୀମାରକ୍ଷୀମାନେ ବିନା କାରଣରେ ଗୁଳି ଚଳାଇଥିଲେ। ଅନ୍ୟପକ୍ଷରେ ଆଫଗାନ ସୁରକ୍ଷା ସୂତ୍ର ପାକିସ୍ତାନୀ ସୈନିକଙ୍କୁ ପ୍ରଥମେ ଗୁଳି ଚଳାଇବା ପାଇଁ ଦାୟୀ କରିଛି। ପାକିସ୍ତାନ ଅଭିଯୋଗ କରୁଛି ଯେ, ଆଫଗାନିସ୍ତାନରେ ଶାସନ କରୁଥିବା ତାଲିବାନ ପ୍ରଶାସନ ତେହରିକ୍-ଏ-ତାଲିବାନ ପାକିସ୍ତାନ (ଟିଟିପି) ଉଗ୍ରପନ୍ଥୀଙ୍କୁ ଆଶ୍ରୟ ଦେଉଛି। ଏହି ଗୋଷ୍ଠୀ ଆଫଗାନ ମାଟିରୁ ପାକିସ୍ତାନରେ ଆକ୍ରମଣ ଯୋଜନା କରୁଥିବା ଇସଲାମାବାଦ ଦାବି କରିଆସୁଛି। ତାଲିବାନ ପ୍ରଶାସନ ଏହି ଅଭିଯୋଗକୁ ଖଣ୍ଡନ କରିଛି। ମିଳିଥିବା ରିପୋର୍ଟ ଅନୁସାରେ, ୨୦୨୬ରେ ଏପର୍ଯ୍ୟନ୍ତ ସୀମାପାର ହିଂସାରେ ଆଫଗାନିସ୍ତାନରେ ୧,୧୦୦ରୁ ଅଧିକ ସାଧାରଣ ନାଗରିକଙ୍କ ଜୀବନ ଯାଇଛି।

ପୁଣି ଜଳିଲା ମଣିପୁର

କୁକି-ନାଗା ଗୋଷ୍ଠୀ ସଂଘର୍ଷ, ଜଣେ ମୃତ

ଇମ୍ଫାଲ,୧୮ ।୧୦(ଏଜେନ୍ସି): ମଣିପୁରର କାମଜୋଙ୍ଗ ଜିଲ୍ଲା ଅନ୍ତର୍ଗତ ଚାସାଦ ଗାଁରେ କୁକି ଓ ନାଗା ଗୋଷ୍ଠୀ ମଧ୍ୟରେ ଗୁଳିବିନିମୟ ଘଟି ଜଣେ ପ୍ରାଣ ହରାଇଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ଶନିବାର ଅପରାହ୍ଣ ପ୍ରାୟ ୨ଟା ୩୦ରେ ଆରମ୍ଭ ହୋଇଥିବା ଗୁଳିମାଡ଼ ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା। ଆହତଙ୍କୁ ଆସାମ ରାଇଫଲ୍ସ ଯବାନମାନେ ଉଦ୍ଧାର କରି ନିଜ ଡାକ୍ତରଖାନାକୁ ନେଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସେଇଖୋହାଉ ହାଓକିପଙ୍କ ମୃତ୍ୟୁ ହୋଇଥିବା ପୁଲିସ କହିଛି। ଅନ୍ୟ ଆହତଙ୍କ ଚିକିତ୍ସା ଚାଲିଛି।

ଏହି ଆକ୍ରମଣରେ ନ୍ୟାସନାଲ୍ ସୋସିଆଲିଷ୍ଟ କାଉନ୍‌ସିଲ୍ ଅଫ୍ ନାଗାଲାଣ୍ଡ-ଇସାକ୍ ମୁଇଭା (ଏନ୍‌ଏସ୍‌ସିଏନ୍-ଆଇଏମ୍) ଓ ମ୍ୟାଁମାରର ତାଙ୍ଗଖୁଲ୍ ଉଗ୍ରପନ୍ଥୀଙ୍କ ସମ୍ପୃକ୍ତି ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି। ତେବେ ଏହି ଅଭିଯୋଗର ସ୍ୱତନ୍ତ୍ର ଯାଞ୍ଚ ହୋଇନାହିଁ। ଗତ ଫେବ୍ରୁଆରିରୁ ଆରମ୍ଭ ହୋଇଥିବା ଏହି ସଂଘର୍ଷରେ ୮ ମାସ ମଧ୍ୟରେ ୫୦ରୁ ଅଧିକ ସାଧାରଣ ନାଗରିକଙ୍କ ମୃତ୍ୟୁ ହୋଇଥିବା ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି। ହିଂସା ଉଖରୁଲ୍‌ରୁ ସେନାପତି, ତାମେଙ୍ଗଲଙ୍ଗ ଓ ଅନ୍ୟ ଜିଲ୍ଲାକୁ ବ୍ୟାପିଥିବା ଖବର ମିଳିଛି। ଚାସାଦ ଗାଁରେ ଆକ୍ରମଣକୁ ନିନ୍ଦା କରି ଆଦିବାସୀ ଏକତା କମିଟି ଅଞ୍ଚଳରେ କେନ୍ଦ୍ରୀୟ ସୁରକ୍ଷା ବଳ ମୁତୟନ ପାଇଁ ଦାବି କରିଛି।

ନିର୍ବାଚନ କମିସନ୍ ନିଯୁକ୍ତି ଆଇନକୁ ସମର୍ଥନ କରି ଅନୁତାପ କଲେ ଜଗନ

ବିଜୟୱାଡ଼ା,୧୮ ।୧୦(ଏଜେନ୍ସି): ୱାଇଏସଆର କଂଗ୍ରେସ ପାର୍ଟି (ୱାଏସ୍‌ଆର୍‌ସିପି) ସୁପ୍ରିମୋ ଆନ୍ଧ୍ର ପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇଏସ ଜଗନ ମୋହନ ରେଡ୍ଡୀ ୨୦୨୩ର ନିର୍ବାଚନ ଆୟୁକ୍ତ ନିଯୁକ୍ତି ଆଇନକୁ ପାର୍ଲାମେଣ୍ଟରେ ସମର୍ଥନ କରିଥିବାରୁ ଗଭୀର ଅନୁତାପ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ନିର୍ବାଚନ ଆୟୋଗଙ୍କ ନିଯୁକ୍ତି ପ୍ରକ୍ରିୟା ସଂପୂର୍ଣ୍ଣ ନିରପେକ୍ଷ ଓ ସରକାରୀ ନିୟନ୍ତ୍ରଣମୁକ୍ତ ହେବା ଆବଶ୍ୟକ। ଚୟନ କମିଟିରୁ ଭାରତର ମୁଖ୍ୟ ବିଚାରପତିଙ୍କୁ ହଟାଇ ଦିଆଯିବା ଫଳରେ କ୍ଷମତାସୀନ ଦଳକୁ ଦୁଇଟି ଭୋଟ୍ ମିଳିଯାଉଛି। ଏହା ବ୍ୟବସ୍ଥାର ଏକ ବଡ଼ ତ୍ରୁଟି। ଏହାସହ ସେ ରାଜ୍ୟ ନିର୍ବାଚନ ଆୟୁକ୍ତଙ୍କ ନିଯୁକ୍ତିରେ ମଧ୍ୟ ସମାନ ନିରପେକ୍ଷତା ଦାବି କରିଛନ୍ତି। ଅନ୍ୟପଟେ, ଆନ୍ଧ୍ର ପ୍ରଦେଶରେ ଚାଲିଥିବା ସ୍ଥାନୀୟ ନିଗମ ନିର୍ବାଚନରେ ଟିଡିପି-ନେତୃତ୍ୱାଧୀନ ଏନଡିଏ ମେଣ୍ଟ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ବାଧା ଦେଉଥିବା ନେଇ ଜଗନ ଗୁରୁତର ଅଭିଯୋଗ ଆଣିଛନ୍ତି। ଏହି ପରିସ୍ଥିତିରେ ଅବାଧ ଓ ନିରପେକ୍ଷ ନିର୍ବାଚନ ନିଶ୍ଚିତ କରିବା ପାଇଁ ଜଗନ ବିଜୟୱାଡ଼ାରେ ରାଜ୍ୟ ନିର୍ବାଚନ ଆୟୁକ୍ତ ଅନିଲ ଚନ୍ଦ୍ର ପୁନେଥାଙ୍କୁ ସାକ୍ଷାତ କରି ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି।

ସାଉଦି ଆରବରେ ଭାରତୀୟଙ୍କ ପାଇଁ ଦୂତାବାସର ଜରୁରୀ ସତର୍କ ସୂଚନା

ରିୟାଦ,୧୮ ।୧୦(ଏଜେନ୍ସି): ସାଉଦି ଆରବରେ ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ସେଠାରେ ରହୁଥିବା ଭାରତୀୟ ନାଗରିକଙ୍କ ପାଇଁ ଭାରତୀୟ ଦୂତାବାସ ଜରୁରୀ ସତର୍କ ସୂଚନା ଜାରି କରିଛି। ୟେମେନର ହୁତି ବିଦ୍ରୋହୀଙ୍କ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ ପରେ ଏହି ପରାମର୍ଶ ଦିଆଯାଇଛି। ଦୂତାବାସ ଅନୁଯାୟୀ, ଜରୁରୀକାଳୀନ ସତର୍କ ସୂଚନା ମିଳିଲେ ଭାରତୀୟମାନେ ଆତଙ୍କିତ ନହୋଇ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ମାନିବା ସହ ନିକଟସ୍ଥ କୋଠା ଭିତରେ ସୁରକ୍ଷିତ ସ୍ଥାନକୁ ଚାଲିଯିବା ଉଚିତ। ଝରକା ଓ କାଚଠାରୁ ଦୂରରେ ଥିବା କୋଠରିରେ ଆଶ୍ରୟ ନେବାକୁ କୁହାଯାଇଛି। ପରିସ୍ଥିତି ସୁରକ୍ଷିତ ନହେବା ପର୍ଯ୍ୟନ୍ତ ଘର ବା କୋଠା ବାହାରକୁ ନଯିବା, ଛାତ ଓ ବାଲକୋନିରୁ ଦୂରେଇ ରହିବା ସହ ଆକ୍ରମଣସ୍ଥଳର ଫଟୋ କିମ୍ବା ଭିଡିଓ ନ ଉଠାଇବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଗାଡ଼ି ଚଳାଉଥିବା ସମୟରେ ସତର୍କ ସୂଚନା ମିଳିଲେ ସେତୁ ଓ ଉଚ୍ଚ ଅଟ୍ଟାଳିକାଠାରୁ ଦୂରରେ ଗାଡ଼ି ଅଟକାଇବାକୁ କୁହାଯାଇଛି। ମକ୍କା, ମଦିନା, ରିୟାଦ ଓ ପୂର୍ବାଞ୍ଚଳରେ ଜରୁରୀ ପରିସ୍ଥିତିରେ ୯୧୧ ଏବଂ ଅନ୍ୟ ଅଞ୍ଚଳରେ ୯୯୮ ନମ୍ବରକୁ ଫୋନ୍ କରିବାକୁ ଦୂତାବାସ ପରାମର୍ଶ ଦେଇଛି। ଅକ୍ଟୋବର ୧୦ରେ ରିୟାଦର କିଙ୍ଗ୍ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ହୋଇଥିବା ଆକ୍ରମଣରେ ଜଣେ ଭାରତୀୟଙ୍କ ମୃତ୍ୟୁ ଓ ଅନେକଙ୍କ ଆହତ ହେବା ପରେ ଦୂତାବାସ ପୁଣିଥରେ ଏହି ସତର୍କତା ଜାରି କରିଛି।

ନିର୍ବାଚନ ଅଧିକାରୀଙ୍କୁ ଫର୍ମ-୬ ଚିନ୍ତା

- ଫର୍ମରେ ପରିବର୍ତ୍ତନ ପାଇଁ ମହାରାଷ୍ଟ୍ରର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପ୍ରସ୍ତାବ
- ପ୍ରଥମ ଭୋଟର ଘୋଷଣା ହଟାଇବାକୁ ଦାବି

ମୁମ୍ବାଇ,୧୮ ।୧୦(ଏଜେନ୍ସି): ଭୋଟର ତାଲିକାରୁ ନାମ ବାଦ୍ ପଡ଼ିଥିବା ଲୋକଙ୍କୁ ପୁନଃ ସାମିଲ ହେବାରେ ସୁବିଧା ଦେବା ପାଇଁ ଫର୍ମ-୬ରେ ପରିବର୍ତ୍ତନ ଲାଗି ଭାରତର ନିର୍ବାଚନ ଆୟୋଗକୁ ପ୍ରସ୍ତାବ ଦେଇଛନ୍ତି ମହାରାଷ୍ଟ୍ରର ମୁଖ୍ୟ ନିର୍ବାଚନ ଅଧିକାରୀ। ପ୍ରଥମ ଥର ପାଇଁ ଭୋଟର ତାଲିକାରେ ନାମ ପଞ୍ଜୀକରଣ କରୁଥିବା ସମ୍ପର୍କିତ ଘୋଷଣାକୁ ହଟାଇବାକୁ ଏଥିରେ ସୁପାରିସ କରାଯାଇଛି। ବର୍ତ୍ତମାନ ଫର୍ମ-୬ରେ ଆବେଦନକାରୀଙ୍କୁ ପ୍ରଥମ ଥର ପଞ୍ଜୀକରଣ କରୁଥିବା ଏବଂ ଅନ୍ୟ କୌଣସି ବିଧାନସଭା କିମ୍ବା ଲୋକସଭା ନିର୍ବାଚନମଣ୍ଡଳୀର ଭୋଟର ତାଲିକାରେ ନାମ ନ ଥିବା ଘୋଷଣା କରିବାକୁ ପଡୁଛି। ମିଥ୍ୟା ଘୋଷଣା କଲେ ଜନପ୍ରତିନିଧିତ୍ୱ ଆଇନ, ୧୯୫୦ର ଧାରା ୩୧ ଅନୁଯାୟୀ ଏକ ବର୍ଷ ପର୍ଯ୍ୟନ୍ତ ଜେଲ୍, ଜରିମାନା କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ରହିଛି। ଏହାକୁ ନେଇ ଭୋଟର ଓ ବୁଥ୍‌ସ୍ତରୀୟ ଅଧିକାରୀମାନେ ଚିନ୍ତା ପ୍ରକାଶ କରିଛନ୍ତି। ଏହି ସମୟରେ ମହାରାଷ୍ଟ୍ରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ଚାଲିଛି। ଚିଠା ତାଲିକାରୁ ନାମ ବାଦ୍ ପଡ଼ିଥିବା ଭୋଟରଙ୍କୁ ଫର୍ମ-୬ ଜରିଆରେ ପୁନଃ ନାମ ସାମିଲ ପାଇଁ ଆବେଦନ କରିବାକୁ କୁହାଯାଉଛି। ଅନ୍ୟପକ୍ଷରେ, ଅକ୍ଟୋବର ୧୦ରେ ନିର୍ବାଚନ ଆୟୋଗ ସ୍ୱତନ୍ତ୍ର ନିବିଡ଼ ସଂଶୋଧନ (ଏସ୍‌ଆଇଆର୍) ଶେଷ ହୋଇଥିବା ରାଜ୍ୟଗୁଡ଼ିକରେ ଫର୍ମ-୬ରୁ ୨୦୦୩ ଭୋଟର ତାଲିକା ସମ୍ପର୍କିତ ଘୋଷଣାକୁ ହଟାଇଥିଲେ। ଏବେ ୧୭ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ଚାଲିବାକୁ ଥିବାବେଳେ ଏହାକୁ ନେଇ ବିରୋଧୀଙ୍କ ଆପତ୍ତି ଓ ଆଇନଗତ ବିବାଦ ଜାରି ରହିଛି।

ଭୋଟଚୋରି ଅଭିଯୋଗ କରୁଛି, ମୋ ବିରୁଦ୍ଧରେ କେସ୍ ହେଉନାହିଁ କାହିଁକି?

ମାର୍ଗାଓ,୧୮ ।୧୦(ଏଜେନ୍ସି): ମୋ ବିରୋଧରେ ୪୫ଟି ମାନହାନୀ ମାମଲା ଦାୟର କରାଯାଇଛି। କିନ୍ତୁ ଭୋଟଚୋରି ନେଇ ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଅନେକ ଥର ଅଭିଯୋଗ କରୁଥିଲେ ମଧ୍ୟ ଏହାକୁ ନେଇ କାହିଁକି ମୋ ବିରୋଧରେ ମାନହାନୀ ମାମଲା ଦାୟର କରାଯାଉ ନାହିଁ? ଆଜି ଗୋଆରେ ଅନୁଷ୍ଠିତ ଦଳୀୟ ସଭାରେ ଏଭଳି ପ୍ରଶ୍ନ କରିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ। ସେ କହିଛନ୍ତି ଯେ ସରକାର ଜାଣିଛନ୍ତି ଭୋଟଚୋରି ଉପରେ ମାନହାନୀ ମାମଲା ଦାଏର କଲେ ଏହା ଆଇନଗତ ଲଢ଼େଇରେ ପରିଣତ ହେବ ଏବଂ ସରକାର ଗୁରୁତର ଭାବେ ଏହି ମାମଲାରେ ଫସିଯିବେ। ଏହା ଜରିଆରେ ପ୍ରକୃତ ସତ୍ୟ ମଧ୍ୟ ସାମ୍ନାକୁ ଆସିଯିବ। ଏହି ଭୟରେ ଭୋଟଚୋରିକୁ ନେଇ ସେମାନେ ମୋ ବିରୋଧରେ କୌଣସି କେସ୍ କରୁ ନାହାନ୍ତି। ସେ କହିଲେ ଯେ ମଧ୍ୟପ୍ରଦେଶ, ହରିଆଣା, କର୍ଣ୍ଣାଟକ, ଛତିଶଗଡ଼, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ଆସାମରେ ଭୋଟଚୋରି କରାଯାଇଛି ଏବଂ ଏସଂପର୍କରେ ତାଙ୍କ ଦଳ ପକ୍ଷରୁ ତଥ୍ୟ ପ୍ରମାଣ ମଧ୍ୟ ଦିଆଯାଇଛି। ବିରୋଧୀ ଦଳ ଭୋଟରଙ୍କୁ କାଟି ଦିଆଯାଇଛି ଏବଂ ବିଜେପି ସପକ୍ଷରେ ଭୋଟରଙ୍କୁ ସାମିଲ କରାଯାଇଛି। ବିଜେପିକୁ ଫାଇଦା ପହଞ୍ଚାଇବା ପାଇଁ ଭୋଟରମାନଙ୍କୁ ଏପଟସେପଟ କରାଯାଇଛି ବୋଲି ରାହୁଲ ଏହି ଅବସରରେ ଅଭିଯୋଗ କରିଛନ୍ତି। ଏଥିପାଇଁ ପ୍ରଧାନମନ୍ତ୍ରୀ ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏବଂ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କୁ ଦାୟୀ କରି ସେ କହିଛନ୍ତି ଯେ ବିଜେପି ସରକାରର ଶେଷ ସମୟ (ଏକ୍ସପାୟରୀ ଡେଟ୍) ଆସିଛି। ଲୋକମାନେ ବିଜେପିର କୌଶଳ ବୁଝିସାରିଛନ୍ତି। ଲୋକମାନେ ହିଁ ବିଜେପିକୁ ଗାଦିଚ୍ୟୁତ କରି ଗଣତନ୍ତ୍ରକୁ ଫେରାଇ ଆଣିବେ।

ଭୁଲ୍ ମାନିଲେ ଉପରାଷ୍ଟ୍ରପତି ଭାନ୍ସ

'ଏଚ୍-୧ବି ଭିସାଧାରୀଙ୍କୁ 'ଚୁକ୍ତିବଦ୍ଧ ଦାସ' କହିବା ଠିକ୍ ନ ଥିଲା'

ୱାଶିଂଟନ, ୧୮ ।୧୦ (ଏଜେନ୍ସି): ଏଚ୍-୧ବି ଭିସାରେ ଆମେରିକାରେ କାମ କରୁଥିବା ବିଦେଶୀ ପେସାଦାରଙ୍କୁ 'ଚୁକ୍ତିବଦ୍ଧ ଦାସ' ବା 'ବନ୍ଧୁଆ ଶ୍ରମିକ' କହିବା ମନ୍ତବ୍ୟକୁ ନେଇ ଆମେରିକାର ଉପରାଷ୍ଟ୍ରପତି ଜେଡି ଭାନ୍ସ ସଫେଇ ଦେଇଛନ୍ତି। ତାଙ୍କ ଶବ୍ଦ ପ୍ରୟୋଗ ଠିକ୍ ନଥିଲା ବୋଲି ସ୍ୱୀକାର କରିବା ସହ ତାଙ୍କ ଉଦ୍ଦେଶ୍ୟ ଭିସାଧାରୀଙ୍କୁ ସମାଲୋଚନା କରିବା ନୁହେଁ, ବରଂ ନିଯୁକ୍ତିଦାତା କମ୍ପାନି ଓ ଭିସା ବ୍ୟବସ୍ଥାକୁ ପ୍ରଶ୍ନ କରିବା ବୋଲି ସେ କହିଛନ୍ତି। ଶନିବାର ସିବିଏସ୍ ନ୍ୟୁଜ୍‌ର ଏକ କାର୍ଯ୍ୟକ୍ରମରେ ଭାନ୍ସ କହିଥିଲେ, ଏଚ୍-୧ବି ଭିସାଧାରୀଙ୍କ ଆଇନଗତ ସ୍ଥିତି ସେମାନଙ୍କ ଚାକିରି ସହ ଜଡ଼ିତ ଥିବାରୁ ନିଯୁକ୍ତିଦାତାଙ୍କ ହାତରେ ଅତ୍ୟଧିକ କ୍ଷମତା ରହୁଛି। ଚାକିରି ହରାଇଲେ ଆମେରିକାରେ ରହିବାର ସୁଯୋଗ ମଧ୍ୟ ପ୍ରଭାବିତ ହୋଇପାରେ। ତେଣୁ ତାଙ୍କ ସମାଲୋଚନା କର୍ମଚାରୀଙ୍କ ବିରୋଧରେ ନୁହେଁ, ଏଭଳି ପରିସ୍ଥିତି ସୃଷ୍ଟି କରୁଥିବା ବ୍ୟବସ୍ଥା ବିରୋଧରେ ବୋଲି ସେ ସ୍ପଷ୍ଟ କରିଥିଲେ। ଭାରତ ସରକାର ଭାନ୍ସଙ୍କ ମନ୍ତବ୍ୟକୁ 'ଅତ୍ୟନ୍ତ ଆପତ୍ତିଜନକ' ବୋଲି କହିଥିଲେ। ଏହି ଶବ୍ଦରେ ଐତିହାସିକ ଓ ଔପନିବେଶିକ ଅତୀତର ଯନ୍ତ୍ରଣାଦାୟକ ସ୍ମୃତି ରହିଥିବା ବୈଦେଶିକ ମନ୍ତ୍ରଣାଳୟ କହିଥିଲା। ଆମେରିକାର ଅର୍ଥନୀତି, ଗବେଷଣା ଓ ନବସୃଜନ କ୍ଷେତ୍ରରେ ପ୍ରବାସୀ ପେସାଦାରଙ୍କ ଅବଦାନକୁ ମଧ୍ୟ ମନ୍ତ୍ରଣାଳୟ ଉଲ୍ଲେଖ କରିଥିଲା। ଭାନ୍ସ ନିଜ ପରିବାରର ଉଦାହରଣ ଦେଇ କହିଥିଲେ ଯେ ତାଙ୍କ ପତ୍ନୀ ଉଷା ଭାନ୍ସ ଭାରତୀୟ ପ୍ରବାସୀଙ୍କ କନ୍ୟା ଏବଂ ତାଙ୍କ ଶାଶୂ-ଶ୍ୱଶୁର ଦକ୍ଷିଣ ଭାରତରୁ ଆମେରିକା ଯାଇଥିଲେ। କୌଣସି ପ୍ରବାସୀଙ୍କୁ ଅମାନବୀୟ ଭାବେ ଚିତ୍ରଣ କରିବା ତାଙ୍କ ଉଦ୍ଦେଶ୍ୟ ନୁହେଁ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ଭାନ୍ସ ଅଭିଯୋଗ କରିଥିଲେ ଯେ କେତେକ କମ୍ପାନି କମ୍ ଦରମାରେ ବିଦେଶୀ କର୍ମଚାରୀଙ୍କୁ ଆଣି ଆମେରିକୀୟ କର୍ମଚାରୀଙ୍କୁ ଚାକିରିରୁ ବାହାର କରୁଛନ୍ତି। ଏହି ପ୍ରସଙ୍ଗରେ ଟାଟା କନସଲଟାନ୍ସି ସର୍ଭିସେସ୍, ଇନ୍‌ଫୋସିସ୍, ୱିପ୍ରୋ, ଏଚ୍‌ସିଏଲ୍‌ଟେକ୍, କଗ୍ନିଜାଣ୍ଟ, କ୍ୟାପ୍‌ଜେମିନି, ମାଇକ୍ରୋସଫ୍ଟ ଓ ଆଡୋବ୍ ସମେତ ଆଠଟି କମ୍ପାନିକୁ ସ୍ଥାୟୀ ଶ୍ରମ ପ୍ରମାଣପତ୍ର କାର୍ଯ୍ୟକ୍ରମରୁ ନିଲମ୍ବିତ କରାଯାଇଥିବା ଖବର ପ୍ରକାଶ ପାଇଥିଲା। ତେବେ ଏହି କାର୍ଯ୍ୟକ୍ରମ ଓ ଏଚ୍-୧ବି ଭିସା ବ୍ୟବସ୍ଥା ଭିନ୍ନ ବୋଲି ଭାରତ ସରକାର ସ୍ପଷ୍ଟ କରିଥିଲେ।

ସୌରଭ, ଆଶୁତୋଷଙ୍କ ମୁକ୍ତି ପରେ ରଣନୀତି ବଦଳାଇବ କକ୍ରୋଚ୍ ପାର୍ଟି

ନୂଆଦିଲ୍ଲୀ,୧୮ ।୧୦(ଏଜେନ୍ସି): ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ବିରୋଧରେ ଚାଲିଥିବା ଆନ୍ଦୋଳନ ଆଗାମୀ ରଣନୀତି ପ୍ରସ୍ତୁତ କରିବ କକ୍ରୋଚ୍ ଜନତା ପାର୍ଟି (ସିଜେପି)। ଦଳର ମୁଖ୍ୟ ଅଭିଜିତ ଦୀପକେ ରବିବାର ଏହା କହିଛନ୍ତି। ନ୍ୟାୟିକ ହେପାଜତରେ ଥିବା ସୌରଭ ଦାସ ଓ ଆଶୁତୋଷ ରାଙ୍କା ମୁକ୍ତ ହୋଇ ଫେରିବା ପରେ ଦଳୀୟ ସଦସ୍ୟମାନେ ଏକାଠି ହୋଇ ପରବର୍ତ୍ତୀ ପଦକ୍ଷେପ ସ୍ଥିର କରିବେ ବୋଲି ସେ କହିଛନ୍ତି। ନିର୍ବାଚନ ଆୟୋଗଙ୍କ ଭୋଟର ତାଲିକାର ସ୍ୱତନ୍ତ୍ର ଗଭୀର ସଂଶୋଧନ ପ୍ରକ୍ରିୟାରେ ଅନିୟମିତତା ହୋଇଥିବା ଅଭିଯୋଗ କରି ସିଜେପି ଦିଲ୍ଲୀରେ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବିରୋଧରେ ପ୍ରତିବାଦ କରୁଛି। ସମ୍ବାଦ ସଂସ୍ଥା ଏଏନ୍‌ଆଇ ଅନୁଯାୟୀ, ଦୀପକେ କହିଛନ୍ତି, 'ସୌରଭ ଓ ଆଶୁ ଫେରିବା ପରେ ଆମେ ଏକାଠି ହେବୁ, ନୂଆ ରଣନୀତି ପ୍ରସ୍ତୁତ କରିବୁ ଏବଂ ଆଗକୁ କିପରି ବଢ଼ିବୁ ତାହା ସ୍ଥିର କରିବୁ।' ଗତ କିଛି ଦିନ ମଧ୍ୟରେ ହୋଇଥିବା ଗିରଫଦାରୀ ଓ ଅଟକ ଘଟଣା ଆନ୍ଦୋଳନକାରୀଙ୍କୁ ଭୟଭୀତ କରିବାର ଉଦ୍ୟମ ବୋଲି ସେ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଏଭଳି ଘଟଣା ସତ୍ତ୍ୱେ ସିଜେପି ପଛକୁ ହଟିବ ନାହିଁ। ଏହା ଏକ ଦୀର୍ଘ ଲଢେଇ ଏବଂ ଦଳ ଏଥିପାଇଁ ପ୍ରସ୍ତୁତ ଅଛି। ଉଲ୍ଲେଖଯୋଗ୍ୟ, ଅକ୍ଟୋବର ୧୬ରେ ଦିଲ୍ଲୀର କନ୍ନଟ୍ ପ୍ଲେସ୍‌ରେ ତ୍ରିରଙ୍ଗା ମାର୍ଚ୍ଚ କରିବାକୁ ଦୀପକେ ଆହ୍ୱାନ ଦେଇଥିଲେ। ଏହା ପୂର୍ବରୁ ଦିଲ୍ଲୀ ପୁଲିସ ତାଙ୍କୁ ମାର୍ଚ୍ଚରେ ସାମିଲ ନହେବାକୁ ନୋଟିସ୍ ଦେଇଥିଲା। ତଥାପି ସେ ଯିବା ସମୟରେ ଅଟକ ହୋଇଥିଲେ ଏବଂ ପରେ ତାଙ୍କୁ ସର୍ତ୍ତମୂଳକ ଜାମିନ ମିଳିଥିଲା। ଅନ୍ୟପକ୍ଷରେ, ନିଷିଦ୍ଧ ଘୋଷିତ ଯନ୍ତରମନ୍ତର ପ୍ରତିବାଦସ୍ଥଳକୁ ଯିବା ଘଟଣାରେ ସିଜେପିର ମୁଖପାତ୍ର ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ଏକ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଦିନ ପାଇଁ ନ୍ୟାୟିକ ହେପାଜତକୁ ପଠାଇଥିଲେ। ସେମାନଙ୍କ ମୁକ୍ତି ପରେ ଆନ୍ଦୋଳନର ପରବର୍ତ୍ତୀ ଦିଗ ସ୍ପଷ୍ଟ ହେବ। ତିହାର ଜେଲ୍‌ରେ ନ୍ୟାୟିକ ହାଜତରେ ଥିବା କକ୍ରୋଚ୍ ଜନତା ପାର୍ଟି (ସିଜେପି)ର କର୍ମୀ ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ମୁକ୍ତ କରିବାକୁ ଦଳ ଦାବି କରିଛି। ଉଭୟଙ୍କ ମୁକ୍ତି ପାଇଁ ଜାମିନଦାରଙ୍କ ଆବଶ୍ୟକ କାଗଜପତ୍ର ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଦାଖଲ କରାଯାଇଛି। ରବିବାର ଅପରାହ୍ଣ ସୁଦ୍ଧା ଏ ନେଇ ନିଷ୍ପତ୍ତି ଆସିବା ଆଶା କରାଯାଉଛି। ଅକ୍ଟୋବର ୧୩ରେ ଯନ୍ତରମନ୍ତରଠାରେ ବିକ୍ଷୋଭ ସମୟରେ ଦିଲ୍ଲୀ ପୁଲିସ ଉଭୟଙ୍କୁ ଅନ୍ୟ କିଛି ସିଜେପି କର୍ମୀଙ୍କ ସହ ଅଟକ ରଖିଥିଲା। ପରେ ସ୍ୱତନ୍ତ୍ର ଅଦାଲତ ସେମାନଙ୍କୁ ୫ ଦିନ ପାଇଁ ନ୍ୟାୟିକ ହାଜତକୁ ପଠାଇଥିଲେ। ଶାନ୍ତି ବଜାୟ ରଖିବା ସମ୍ପର୍କିତ ବଣ୍ଡର ସର୍ତ୍ତ ଉଲ୍ଲଂଘନ କରି ନିଷିଦ୍ଧ ଯନ୍ତରମନ୍ତର ଅଞ୍ଚଳରେ ପ୍ରବେଶ କରିଥିବା ପୁଲିସ ଅଭିଯୋଗ କରିଛି। ଏହା ପୂର୍ବରୁ ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ଶନିବାର ଜାମିନରେ ମୁକ୍ତ ହୋଇଥିଲେ।

ମାତୃରୂପେଣ ସଂସ୍ଥିତା
▶ ପୃଷ୍ଠା ୧୧ ଦେଖନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-116 ◆MONDAY ◆19 OCTOBER 2026 ◆PAGE-12 ◆₹ 7.00

◆ବର୍ଷ-୪୪ ◆ସଂଖ୍ୟା-୧୧୬ ◆ସୋମବାର ◆୧୯ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ଜଳୁଛି ଫ୍ରାନ୍ସ

ଦରବୃଦ୍ଧି, ବେକାରୀ, ଶିକ୍ଷା ବ୍ୟବସ୍ଥାରେ ବିଭ୍ରାଟର ପ୍ରତିବାଦ

ରାସ୍ତାକୁ ଓହ୍ଲାଇଲେ ୫ ଲକ୍ଷରୁ ଅଧିକ ଆନ୍ଦୋଳନକାରୀ

ସାରାଦେଶରେ ବ୍ୟାପକ ହିଂସା

ବିଭିନ୍ନ ସ୍ଥାନରେ ପୋଡ଼ାଜଳା, ଲୁଟ୍‌ପାଟ୍

■ ପ୍ୟାରିସ, ୧୮ ।୧୦ (ଏଜେନ୍ସି): ଶିକ୍ଷା ବ୍ୟବସ୍ଥାରେ ବିଭ୍ରାଟକୁ ବିରୋଧ କରି ଫ୍ରାନ୍ସରେ ଗତ କିଛି ଦିନ ଚାଲିଥିବା ଛାତ୍ରଛାତ୍ରୀ ଆନ୍ଦୋଳନ ଉଗ୍ର ରୂପ ଧାରଣ କରିଛି । ଶିକ୍ଷା ବ୍ୟବସ୍ଥା ବିଭ୍ରାଟ ପ୍ରତିବାଦରେ ଆରମ୍ଭ ହୋଇଥିବା ଆନ୍ଦୋଳନ ଦେଶରେ ଦରଦାମ ବୃଦ୍ଧିକୁ ନେଇ ଉଗ୍ର ହୋଇଉଠିଛି । ଦରଦାମ ବୃଦ୍ଧି ସହିତ ବେକାରୀ ସମସ୍ୟା ପ୍ରତିବାଦରେ ଆଜି ୫ ଲକ୍ଷରୁ ଅଧିକ ଆନ୍ଦୋଳନକାରୀ ରାସ୍ତାକୁ ଓହ୍ଲାଇବା ପରେ ପରିସ୍ଥିତି ଅଣାୟତ୍ତ ହୋଇପଡ଼ିଛି । ଦେଶସାରା ବ୍ୟାପକ ହିଂସା ଓ ଲୁଟପାଟ୍ ଚାଲିଥିବାର ଖବର ମିଳିଛି । ପରିସ୍ଥିତିର ମୁକାବିଲା ଲାଗି ଫ୍ରାନ୍ସ ପ୍ରଶାସନ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୮୦୦ରୁ ଅଧିକ ଆନ୍ଦୋଳନକାରୀଙ୍କୁ ଗିରଫ କରାଯାଇଛି । ଆନ୍ଦୋଳନକାରୀଙ୍କ ସହ ସଂଘର୍ଷରେ ୧୫୦ ଜଣ ପୁଲିସ କର୍ମଚାରୀ ଆହତ ହୋଇଥିବା ପ୍ରଧାନମନ୍ତ୍ରୀ ସେବାଷ୍ଟିଆନ୍ ଲେକର୍ନୁ କହିଛନ୍ତି ।

ରାଜଧାନୀ ପ୍ୟାରିସ୍ ସମେତ ବିଭିନ୍ନ ସହରରେ ଅଗ୍ନିକାଣ୍ଡ, ଦୋକାନ ଲୁଟ୍ ଓ ପୁଲିସ ସହ ବିକ୍ଷୋଭକାରୀଙ୍କ ସଂଘର୍ଷ ଯୋଗୁଁ ପରିସ୍ଥିତି ଅଶାନ୍ତ ହୋଇପଡ଼ିଛି । ଫ୍ରାନ୍ସର ଗୃହମନ୍ତ୍ରୀ ଲୋରାଁ ନୁନେଜ୍‌ଙ୍କ ଅନୁଯାୟୀ, ପ୍ୟାରିସ୍‌ରେ ପ୍ରାୟ ୧.୧ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇଥିଲେ । ପ୍ରଥମେ ଶାନ୍ତିପୂର୍ଣ୍ଣ ଥିବା ଶୋଭାଯାତ୍ରା ସନ୍ଧ୍ୟା ଆଡ଼କୁ ଉଗ୍ର ରୂପ ନେଇଥିଲା । ବିକ୍ଷୋଭକାରୀମାନେ ଗାଡ଼ି ଓ କୋଠାରେ ନିଆଁ ଲଗାଇବା ସହ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ଭଙ୍ଗାରୁଜା କରିଥିଲେ । ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୁଲିସ ଲୁହବୁହା ଗ୍ୟାସ୍ ଓ ୱାଟର କ୍ୟାନନ ପ୍ରୟୋଗ କରିଥିଲା । ବୋର୍ଡ ସହରରେ ବିଳାସପୂର୍ଣ୍ଣ ସାମଗ୍ରୀ ବ୍ରାଣ୍ଡ ଲୁଇ ଭୁଇଟନ୍‌ର ଦୋକାନ ଲୁଟ୍ ହୋଇଥିବା ବେଳେ ଲିଲ୍ ସହରରେ ଆପଲ୍ ଷ୍ଟୋର୍‌କୁ ଟାର୍ଗେଟ୍ କରାଯାଇଥିଲା । ପ୍ୟାରିସ୍‌ରେ ପୋଷାକ ଓ ଖାଦ୍ୟ ସାମଗ୍ରୀ ଦୋକାନଗୁଡ଼ିକରେ ମଧ୍ୟ ଲୁଟ୍‌ପାଟ୍ ହୋଇଛି । ଲିଅନ୍ ସହରର ପର୍ଯ୍ୟଟନ କାର୍ଯ୍ୟାଳୟରେ ନିଆଁ ଲାଗିଥିବା ବେଳେ ଲିମୋଜ୍ ସହରର ଟାଉନ୍ ହଲ୍‌ର ଛାତର ଏକ ଅଂଶ ଭୁଶୁଡ଼ି ପଡ଼ିଛି । ଗ୍ରେନୋବଲ୍, ଆଭିନିଅନ୍, ପାଉ, ମଣ୍ଟପେଲିଅର୍ ଓ ଭାଲାନ୍ସ ସହରରେ ମଧ୍ୟ କୋଠାବାଡ଼ି କ୍ଷତିଗ୍ରସ୍ତ ହୋଇଛି ।

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ହିଂସା, ଅଗ୍ନିକାଣ୍ଡ ଓ ଲୁଟ୍‌ପାଟ୍‌ରେ ସାମିଲ ଲୋକଙ୍କ ବିରୋଧରେ କଠୋର ଆଇନଗତ ପଦକ୍ଷେପ ନେବାକୁ ଚେତାବନୀ ଦେଇଛନ୍ତି । ପ୍ରଧାନମନ୍ତ୍ରୀ ଲେକର୍ନୁ ମଧ୍ୟ ହିଂସା ଜରିଆରେ କାହାକୁ ରାଜନୈତିକ ଏଜେଣ୍ଡା ଲାଗୁ କରିବାକୁ ଦିଆଯିବ ନାହିଁ ବୋଲି କହିଛନ୍ତି । ଅନ୍ୟପଟେ, ପୁଲିସର ବଳପ୍ରୟୋଗ ନେଇ ମଧ୍ୟ ତଦନ୍ତ ଚାଲିଛି । ପୁଲିସର ଆଚରଣ ସମ୍ପର୍କରେ ଅତି କମ୍‌ରେ ୨୪ଟି ଅଭିଯୋଗର ଯାଞ୍ଚ କରାଯାଉଛି । ଫ୍ରାନ୍ସର ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ଅଭାବ ଓ ▶ପୃଷ୍ଠା-୭

ଓଡ଼ିଶାର ନୂଆ ରାଜ୍ୟପାଳ

ଶପଥ ନେଲେ ବ୍ରଜମୋହନ

■ ଭୁବନେଶ୍ୱର, ୧୮ ।୧୦ (ସମିସ): ଓଡ଼ିଶାର ନବନିଯୁକ୍ତ ରାଜ୍ୟପାଳ ଭାବେ ବ୍ରଜମୋହନ ରାମ ରବିବାର ଶପଥ ଗ୍ରହଣ କରିଛନ୍ତି । ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱରସ୍ଥିତ ଲୋକଭବନର ନବନିର୍ମିତ ଅଭିଷେକ ହଲ୍‌ରେ ଆୟୋଜିତ ସ୍ୱତନ୍ତ୍ର ସମାରୋହରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି । ଏହା ସହିତ ରାଜ୍ୟର ସାମ୍ବିଧାନିକ ମୁଖ୍ୟ ଭାବେ ବ୍ରଜମୋହନ ରାମ ନିଜର ନୂଆ ଦାୟିତ୍ୱ ଗ୍ରହଣ କରିଛନ୍ତି ।

ଅଭିଷେକ ହଲ୍‌ରେ ଶପଥ ପାଠ କରାଇଲେ ହାଇକୋର୍ଟ ମୁଖ୍ୟ ବିଚାରପତି

ସମାରୋହରେ ୬୦୦ ଅତିଥି ସାମିଲ, ଝାଡ଼ଖଣ୍ଡରୁ ୩୦୦

ଏହି ଶପଥ ଗ୍ରହଣ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ରାଜ୍ୟ ମନ୍ତ୍ରିପରିଷଦର ସଦସ୍ୟ, ସାଂସଦ, ବିଧାୟକ, ବରିଷ୍ଠ ପ୍ରଶାସନିକ ଓ ପୁଲିସ ଅଧିକାରୀ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ । ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଉପବାଚସ୍ପତି ଭବାନୀଶଙ୍କର ଭୋଇ ଏବଂ ବିଜେପି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ମଧ୍ୟ ଉତ୍ସବରେ ସାମିଲ ହୋଇଥିଲେ ।

ସମାରୋହରେ ପ୍ରାୟ ୬୦୦ ଅତିଥି ଯୋଗ ଦେଇଥିବା ବେଳେ ଝାଡ଼ଖଣ୍ଡରୁ ପ୍ରାୟ ୩୦୦ ଅତିଥି ଆସିଥିଲେ । ସେମାନଙ୍କ ରହଣି ପାଇଁ ରାଜ୍ୟ ଅତିଥି ଭବନ, ସର୍କିଟ୍ ହାଉସ୍, ଓଟିଡିସିର ପାନ୍ଥନିବାସ ଏବଂ କେତେକ ଘରୋଇ ହୋଟେଲରେ ବ୍ୟବସ୍ଥା କରାଯାଇଥିଲା । ଉତ୍ସବକୁ ଦୃଷ୍ଟିରେ ରଖି ଲୋକସେବା ଭବନ ଓ ଲୋକଭବନ ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା ।

ଉଲ୍ଲେଖଯୋଗ୍ୟ, ନବନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମ ଶନିବାର ଏକ ସ୍ୱତନ୍ତ୍ର ବିମାନରେ ଭୁବନେଶ୍ୱରରେ ପହଞ୍ଚିଥିଲେ । ବିମାନବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ତାଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । ଭୁବନେଶ୍ୱରରେ ▶ପୃଷ୍ଠା-୭

ହଜମ ହେଉନି ସୁଜାତାଙ୍କ ଲୋକପ୍ରିୟତା

ଏଆଇରେ ଡିପ୍ ଫେକ୍ ଭିଡିଓ ବନାଇ ମିଥ୍ୟା ପ୍ରଚାର କରାଯାଉଛି: ବିଜେଡି

■ ଭୁବନେଶ୍ୱର, ୧୮ ।୧୦ (ସମିସ): ହଜମ ହେଉନି ସୁଜାତା କାର୍ତ୍ତିକେୟନ୍ ପାଣ୍ଡିଆନ୍‌ଙ୍କ ଲୋକପ୍ରିୟତା । ଏହାକୁ ନେଇ ବିରୋଧୀ ଆରମ୍ଭ କରିଛନ୍ତି ଷଡ଼ଯନ୍ତ୍ର ।

କ୍ୟାପିଟାଲ ଥାନାରେ ଏତଲା ସହ କଠୋର କାର୍ଯ୍ୟାନୁଷ୍ଠାନ ଦାବି

ଡିପ୍ ଫେକ୍ ଜରିଆରେ ତାଙ୍କ ନାମରେ ମିଥ୍ୟା ପ୍ରଚାର ପ୍ରସାର କରାଯାଉଛି । ଏଭଳି ମିଥ୍ୟା ପ୍ରଚାରକୁ ବିଜେଡି ପ୍ରତିବାଦ କରାଯିବା ସହ କ୍ୟାପିଟାଲ ଥାନାରେ ଏତଲା ଦେଇ କାର୍ଯ୍ୟାନୁଷ୍ଠାନ ଦାବି କରିଛି । ବିଜେଡିର ବରିଷ୍ଠ ମହିଳା ନେତ୍ରୀ ସୁଜାତା ରାଉତ କାର୍ତ୍ତିକେୟନଙ୍କୁ ଟାର୍ଗେଟ କରି କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଦ୍ୱାରା ପ୍ରସ୍ତୁତ କଥିତ ଡିପ୍ ଫେକ୍ ଭିଡିଓ ଏବଂ ସ୍ୱର ନକଲ କରାଯାଇଥିବା ବିଷୟବସ୍ତୁ ସୋସିଆଲ ମିଡିଆରେ ପ୍ରସାର ବିରୋଧରେ କ୍ୟାପିଟାଲ୍ ଥାନାରେ ବିଧିବଦ୍ଧ ଅଭିଯୋଗ କରିଛି । ଏଥିରେ ଏଫ୍‌ଆଇଆର୍ ରୁଜୁ ▶ପୃଷ୍ଠା-୭

ଏମ୍‌କେସିଜିରେ ଆଖିବୁଜିଲେ କନ୍ଧମାଳର ଦୁଇ ମୁଣ୍ଡିଆ ଶିଶୁ

■ ବ୍ରହ୍ମପୁର, ୧୮ ।୧୦ (ସମିସ): ଏମକେସିଜି ମେଡିକାଲ କଲେଜ ଓ ହସପିଟାଲରେ ୧୧ ତାରିଖରେ ଜନ୍ମ ନେଇଥିବା ୨ ମୁଣ୍ଡିଆ ଶିଶୁର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି । ଶିଶୁ ବିଭାଗର ଡାକ୍ତରଙ୍କ ଅକ୍ଲାନ୍ତ ପରିଶ୍ରମ ସତ୍ତ୍ୱେ ମଳଦ୍ୱାର ବିହୀନ ଏହି ଶିଶୁଟି ସପ୍ତାହ ଭିତରେ ଆଖି ବୁଜି ଦେଇଛି । କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ତିଡିପଦର ଗ୍ରାମର ତ୍ରିଲୋଚନ ମାଝୀଙ୍କ ପତ୍ନୀ ରୁନି ମାଝୀ(୨୨)ଙ୍କ ପ୍ରଥମ ଗର୍ଭରୁ ଏହି ଶିଶୁଟି ଜନ୍ମ ହୋଇଥିଲା । ଶିଶୁଟିର ୨ଟି ମୁଣ୍ଡ ସହ ୨ଟି ମେରୁଦଣ୍ଡ, ୨ଟି ହାତ ଓ ୨ଟି ଗୋଡ଼ ରହିଥିଲା । ହେଲେ ମଳଦ୍ୱାର ନଥିଲା । ଶିଶୁ ବିଭାଗର ଆଇସିୟୁରେ ରଖି ତାର ଚିକିତ୍ସା କରାଯାଉଥିଲା । ସ୍ୱତନ୍ତ୍ର ଡାକ୍ତରୀ ▶ପୃଷ୍ଠା-୭

ପାର୍ବଣରେ ଅଶାନ୍ତ ରୌପ୍ୟନଗରୀ

ନାବାଳକକୁ ଛୁରି ଭୁସି ହତ୍ୟା

■ କଟକ, ୧୮ ।୧୦ (ସମିସ): କ୍ୟାଣ୍ଟନ୍‌ମେଣ୍ଟ ଥାନା ଅନ୍ତର୍ଗତ ତଳ ବାଲିଯାତ୍ରା ପଡ଼ିଆ ମହାନଦୀ କୂଳରୁ ଜଣେ ନାବାଳକଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ଜଣଙ୍କ ହେଲେ ବାଦାମବାଡ଼ି ଥାନା ଅନ୍ତର୍ଗତ ରାଜାବଗିଚା ଅଞ୍ଚଳର ନାବାଳକ ସୁଶାନ୍ତ କୁମାର ସାହୁ(୧୫)। ତାଙ୍କୁ ଦୁର୍ବୃତ୍ତମାନେ ପଛପଟୁ ଧାରୁଆ ଛୁରିରେ ଆକ୍ରମଣ କରିଥିଲେ । ସେ ଖସିଯିବାକୁ ଚେଷ୍ଟା କରିଥିବା ବେଳେ ଗୋଡ଼େଇ ଗୋଡ଼େଇ ଛୁରି ଭୁସିଥିବା ପୁଲିସର ପ୍ରାଥମିକ ତଦନ୍ତରୁ ସ୍ପଷ୍ଟ ହୋଇଛି । ଘଟଣାସ୍ଥଳରୁ ୩୦୦ମିଟର ପର୍ଯ୍ୟନ୍ତ ରକ୍ତଛିଟା ପଡ଼ିଥିବା ବେଳେ ନିଶା ସାମଗ୍ରୀ ଜବତ କରାଯାଇଛି । ଘଟଣାସ୍ଥଳରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ କରି ଫେରିଥିଲେ । କେଉଁ କାରଣରୁ ଏହି ହତ୍ୟାକାଣ୍ଡ ସଙ୍ଗଠିତ ହୋଇଛି ତାହା ସ୍ପଷ୍ଟ ହୋଇ ପାରିନାହିଁ ।

ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁରର ଛାନ୍‌ବିନ୍

ପୂର୍ବରୁ ମିଳିଥିଲା ଧମକ

ଘରୁ ଡାକିନେଇ ମାରି ଫିଙ୍ଗିଦେଲେ: ମୃତକଙ୍କ ବାପା

ପୁଲିସ ସୂଚନା ଅନୁସାରେ, ସୁଶାନ୍ତ ଗତକାଲି ସକାଳେ ଘରୁ ବାହାରି ଯାଇଥିଲେ । ମାତ୍ର ଦୀର୍ଘ ସମୟ ବିତିଯିବା ପରେ ମଧ୍ୟ ସେ ଘରକୁ ଫେରି ନଥିଲେ । ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ବି ତାଙ୍କର କୌଣସି ସନ୍ଧାନ ପାଇ ନଥିଲେ । ଆଜି ରବିବାର ସକାଳେ ମହାନଦୀକୁ ଗାଧୋଇବା ପାଇଁ ଯାଇଥିବା କିଛି ସ୍ଥାନୀୟ ▶ପୃଷ୍ଠା-୭

ଅଭିନେତା ଟାଇଗର ଶ୍ରଫ୍‌ଙ୍କୁ ଗୁଳିମାଡ଼

■ ମୁମ୍ବଇ, ୧୮ ।୧୦ (ଏଜେନ୍ସି): ମୁମ୍ବଇର ଜୁହୁସ୍ଥିତ ପୁଷ୍ପା ପାର୍କ ନିକଟରେ ବଲିଉଡ୍ ଅଭିନେତା ଟାଇଗର ଶ୍ରଫ୍‌ଙ୍କୁ ଲକ୍ଷ୍ୟ କରି ଗୁଳିମାଡ଼ ହୋଇଛି । ଏକ ମୋଟରସାଇକେଲରେ ତିନିଜଣ ଅଜ୍ଞାତ ଦୁର୍ବୃତ୍ତ ଆସି ଟାଇଗରଙ୍କୁ ଲକ୍ଷ୍ୟ କରି ଗୁଳିଚାଳନା କରିଛନ୍ତି । ତେବେ ଏହି ଆକ୍ରମଣରେ ଟାଇଗର ଶ୍ରଫ୍ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ଏବଂ ତାଙ୍କ ଦେହରେ କୌଣସି ଗୁଳି ବାଜିନାହିଁ ବୋଲି ମୁମ୍ବଇ ପୁଲିସ ସ୍ପଷ୍ଟ କରିଛି । ହେଲେ ଟାଇଗରଙ୍କ ଡ୍ରାଇଭର ଏବଂ ଜଣେ ଅଟୋରିକ୍ସା ଡ୍ରାଇଭର ଏହି ଘଟଣାରେ ଆହତ ହୋଇଛନ୍ତି ।

ଦୁଇ ଆହତ

ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ଏହି ଆକ୍ରମଣରେ ହାତ ଥିବା ସନ୍ଦେହ କରାଯାଇଛି । ବିଦେଶରେ ରହୁଥିବା ବିଷ୍ଣୋଇ ଗ୍ୟାଙ୍ଗର ଅନିଲ ପଣ୍ଡିତ ଏବଂ ହରମନ ସାନ୍ଧୁ ଏକ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ଗୁଳିକାଣ୍ଡ ପାଇଁ ନିଜକୁ ଦାୟୀ କରିଥିବା ଜଣାପଡ଼ିଛି । ମାତ୍ର ପୁଲିସ ପକ୍ଷରୁ ଏହାର ସଠିକତା ଯାଞ୍ଚ ହୋଇନାହିଁ । ବିଷ୍ଣୋଇଙ୍କ ସହଯୋଗୀ ହ୍ୟାରୀ ବକ୍ସରଙ୍କ ପକ୍ଷରୁ ଟାଇଗର ଶ୍ରଫ୍‌ଙ୍କୁ ପୂର୍ବରୁ ଧମକ ଦିଆଯାଇଥିଲା । ଏହି ଘଟଣାକୁ ନେଇ ମହାରାଷ୍ଟ୍ରରେ ରାଜନୈତିକ ଆଲୋଡ଼ନ ସୃଷ୍ଟି ହୋଇଛି । କଂଗ୍ରେସ ନେତା ସଚିନ ସାୱନ୍ତ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ଭୁଷୁଡ଼ି ପଡ଼ିଥିବା ଅଭିଯୋଗ କରିବା ସହ ମୁଖ୍ୟମନ୍ତ୍ରୀଙ୍କୁ ସମାଲୋଚନା କରିଛନ୍ତି । ବାବା ସିଦ୍ଦିକିଙ୍କ ହତ୍ୟା ଏବଂ ସଲମାନ ଖାନଙ୍କ ଘର ନିକଟରେ ଗୁଳିଚାଳନା ପରେ ଏବେ ଟାଇଗରଙ୍କୁ ଉପରକୁ ଗୁଳିମାଡ଼ ଏହାର ପ୍ରମାଣ ବୋଲି ସେ କହିଛନ୍ତି ।

ସକାଳ THE SAKALA

www.sakalaepaper.com

ଶାରଦୀୟ ଦୁର୍ଗାପୂଜା ପାଇଁ ପଟ୍ଟାମୁଣ୍ଡାଇ ଉତ୍ସବମୁଖର

ପଟ୍ଟାମୁଣ୍ଡାଇ,୧୮।୧୦(ସମିସ): ପଟ୍ଟାମୁଣ୍ଡାଇ ଅଞ୍ଚଳର ଅନନ୍ୟ ଗଣପର୍ବ ଶାରଦୀୟ ଦୁର୍ଗାପୂଜା ପାଇଁ ସମଗ୍ର ଅଞ୍ଚଳ ଉତ୍ସବ ମୁଖର ହୋଇପଡିଛି। ମହାଅଷ୍ଟମୀ ପୂଜା ଦୁଇଦିନ ପଡୁଥିବାବେଳେ ନୂଆଗାଁସ୍ଥ ଅଧିଷ୍ଠାତ୍ରୀ ଦେବୀ ମା' କନକଦୁର୍ଗାଙ୍କ ପୀଠରେ ପାଳିତ ହୋଇଛି ମହାଷ୍ଟମୀ ପୂଜା। ମା'ଙ୍କ ଷୋଡ଼ଶ ଉପଚାରରେ ପୂଜାର୍ଚ୍ଚନା କରାଯିବା ସହିତ ଜମିଦାର ଅମଳରୁ ଚାଲିଆସୁଥିବା ସ୍ୱତନ୍ତ୍ର ରୀତିନୀତିରେ ମା' କନକ ଦୁର୍ଗାଙ୍କ ପୂଜାର୍ଚ୍ଚନା କରାଯାଇଛି। ସହରରେ ନିର୍ମିତ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜାମଣ୍ଡପରେ ବ୍ରତଧାରୀ ଓ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ତେବେ ବିଭିନ୍ନ ପୂଜା ମଣ୍ଡପରେ ଆସନ୍ତାକାଲି ମଧ୍ୟ ଅଷ୍ଟମୀ ପୂଜାବିଧି ଓ ବ୍ରତ ପାଳିତ ହେବ।

ପ୍ରାୟ ୧୦୦ ବର୍ଷର ପୁରୁଣା ପଟ୍ଟାମୁଣ୍ଡାଇର ଶାରଦୀୟ ଉତ୍ସବର ଲମ୍ବା ଇତିହାସ ରହିଥିବାବେଳେ ଚଳିତବର୍ଷ ଶାରଦୀୟ ଦୁର୍ଗାପୂଜା ଉତ୍ସବକୁ ଯାକଯମକରେ ବିପୁଳ ଆନନ୍ଦ ଉଲ୍ଲାସର ସହିତ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯାଉଛି। ବିଭିନ୍ନ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ସାଜସଜ୍ଜା କରାଯାଇଥିବାବେଳେ ଆକର୍ଷଣୀୟ ତୋରଣ

ନିର୍ମାଣ କରାଯାଇଛି। ପଟ୍ଟାମୁଣ୍ଡାଇ ଦୁର୍ଗାପୂଜା ଅଞ୍ଚଳରେ ଗଣପର୍ବ ଭାବେ ପାଳନ କରାଯିବା ନେଇ ଏହାର ସାରା ଓଡିଶାରେ ସ୍ୱତନ୍ତ୍ର ସୁନାମ ରହିଛି। ତେବେ ଜିଲ୍ଲାର ଅନ୍ୟ ଅଞ୍ଚଳରେ ଦୁର୍ଗାପୂଜା ହେଉଥିଲେ ମଧ୍ୟ ପଟ୍ଟାମୁଣ୍ଡାଇ ଦୁର୍ଗାପୂଜା ଉତ୍ସବ ପାଳନ କରାଯିବା ଉପରେ ସବୁରି ନଜର ରହିଥାଏ। ବିଭିନ୍ନ ପୂଜାମଣ୍ଡପରେ ୨୭ଟି ଭିନ୍ନ ଭିନ୍ନ ଦେବାଦେବୀଙ୍କ ମେଢ଼ ଶୋଭା ମଣ୍ଡନ କରିଥିବାବେଳେ ଷଷ୍ଠୀ ତିଥିଠାରୁ ଦଶହରା ପର୍ଯ୍ୟନ୍ତ ବୈଦିକ ରୀତିନୀତିରେ ପୂଜାର୍ଚ୍ଚନା କରାଯିବ। ଆଜି ବହୁ ପୂଜାମଣ୍ଡପରେ ସପ୍ତମୀ ପୂଜା ପାଳନ ହେଉଥିବାରୁ ବିଭିନ୍ନ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ପଟ୍ଟାମୁଣ୍ଡାଇ ସହରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିବାରୁ ଜନଗହଳି ଦେଖିବାକୁ ମିଳିଛି। ପଟ୍ଟାମୁଣ୍ଡାଇ ବ୍ଲକର ଅଳପୁଆ, ତରଡ଼ିପାଳ, ଅମୃତମଣୋହି, ନୀଳକଣ୍ଠପୁର, ମାଳିପୁର, କଣ୍ଡାବଣ, ମଦନପୁର ଆଦି ବିଭିନ୍ନ ଅଞ୍ଚଳରେ ଶାରଦୀୟ ଦୁର୍ଗାପୂଜା ଉତ୍ସବ ପାଳନ ହେଉଛି। ସ୍ଥାନରେ ଶାରଦୀୟ ଦୁର୍ଗା ପୂଜାର ମାହୋଲ ସମଗ୍ର ଅଞ୍ଚଳକୁ ଉତ୍ସବ ମୁଖର କରିଦେଇଛି।

ନାଲୁବାବାଙ୍କ ଆଶ୍ରମରେ ଦୁର୍ଗାପୂଜା

ଡେରାବିଶ, ୧୮।୧୦(ସମିସ): ଡେରାବିଶ ବ୍ଲକ୍‌ର ପଲେଇ ପଞ୍ଚାୟତ ଅନ୍ତର୍ଗତ ନାଲୁବାବା ଆଶ୍ରମରେ ମା' ଦୁର୍ଗାଙ୍କ ପୂଜା ଧୂମଧାମରେ ଚାଲିଛି। ଗତକାଲି ଷଷ୍ଠୀ ତିଥିଠାରୁ ପୂଜା ପାଇଆସୁଛନ୍ତି। ଚାନ୍ଦିରେ ପ୍ରସ୍ତୁତ ଅଳଙ୍କାରରେ ସୁସଜ୍ଜିତ ମା'ଙ୍କ ମୃଣ୍ମୟ ମୂର୍ତ୍ତି ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଯେଉଁ ଶ୍ରଦ୍ଧାଳୁମାନେ ସପ୍ତମୀ ବ୍ରତ କରିଥିଲେ ସେମାନେ ମା'ଙ୍କ ନିକଟରେ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ଏଥିସହ ପୂଜା କମିଟି ପକ୍ଷରୁ ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ମଧ୍ୟ ଲୋକମାନେ ଉପଭୋଗ କରୁଛନ୍ତି। ଆଶ୍ରମ ପକ୍ଷରୁ ମା'ଙ୍କୁ ଦର୍ଶନ କରିବାକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

ଗୋଖଣି ଗୋକର୍ଣ୍ଣେଶ୍ୱର ମନ୍ଦିର ଦାନବାକ୍ସ ନେଇଗଲେ ଦୁର୍ବୃତ୍ତ

ରାଜନଗର, ୧୮।୧୦(ସମିସ): ରାଜନଗର ଥାନା ଅନ୍ତର୍ଗତ ଡେରା ପଞ୍ଚାୟତର ଗୋଖଣି ଗୋକର୍ଣ୍ଣେଶ୍ୱର ମନ୍ଦିର ଦାନବାକ୍ସକୁ ଦୁର୍ବୃତ୍ତ ଟେକିନେଇଛନ୍ତି। ଗତକାଲି ରାତି ପ୍ରାୟ ୧୧ଟା ସମୟରେ ଦୁର୍ବୃତ୍ତ ମନ୍ଦିର ଭିତରେ ଶାବଳ ନେଇ ପଶିଥିଲା। ମନ୍ଦିର ଦାନବାକ୍ସ ଶାବଳରେ ତାଡ଼ିବାକୁ ଚେଷ୍ଟା କରିଥିଲା। ଦାନବାକ୍ସ ତଡ଼ିବାରେ ସଫଳ ନ ହେବାରୁ ଟେକି ନେଇ ଆସିଥିଲା। ମନ୍ଦିରରେ ଲାଗିଥିବା ସିସିଟିଭିରେ ଦୁର୍ବୃତ୍ତର କଳା କରନାମା କଏଦ ହୋଇଛି। ଆଜି ସକାଳେ ସେବାୟତମାନେ ମନ୍ଦିରକୁ ଆସି ଦାନବାକ୍ସ ନ ଥିବା ଦେଖିଥିଲେ। ମନ୍ଦିରଠାରୁ ୬୦ ମିଟର ଦୂରରେ ରାଧାକୃଷ୍ଣଙ୍କ ମନ୍ଦିର ନିକଟରେ ଖାଲି ଦାନବାକ୍ସ ପଡିଥିବା ଦେଖିବାକୁ ପାଇଥିଲେ। ଦାନବାକ୍ସରେ ଥିବା ଟଙ୍କା ଓ ସୁନା ରୂପାକୁ ଦୁର୍ବୃତ୍ତ ଲୁଟି ନେଇଛନ୍ତି। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଏ ନେଇ ଥାନାରେ ଏତଲା ଦିଆଯାଇଛି। ଅଭିଯୋଗ ପାଇ ପୁଲିସ ପହଞ୍ଚି ତଦନ୍ତ କରିଛି।

ଯୁବ ଛାତ୍ର କଂଗ୍ରେସ ପକ୍ଷରୁ ଅଗ୍ନିବିପନ୍ନଙ୍କୁ ସହାୟତା

ରାଜନଗର,୧୮।୧୦(ସମିସ): ରାଜନଗର ବ୍ଲକ ମହିଷାସୁର ପଞ୍ଚାୟତ ଅନ୍ତର୍ଗତ ତରପଦା ଗ୍ରାମରେ ଗତ ବୁଧବାର ସନ୍ଧ୍ୟାରେ ବିଚିତ୍ର ରାଉତ, ପ୍ରଭାକର ରାଉତ, ରଞ୍ଜନ ରାଉତ, ହେମନ୍ତ କୁମାର ବିଶ୍ୱାଳଙ୍କ ଘରେ ଗ୍ୟାସ ସିଲିଣ୍ଡରରୁ ଅଗ୍ନିକାଣ୍ଡ ଘଟି ଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିଲା। ରାଜନଗର କଂଗ୍ରେସ ନେତା ପ୍ରଶାନ୍ତ କୁମାର ରାଉତଙ୍କ ପରାମର୍ଶକ୍ରମେ ଯୁବ ଛାତ୍ର କଂଗ୍ରେସ ପକ୍ଷରୁ ବିପନ୍ନଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ସାହାଯ୍ୟର ହାତ ବଢାଇଥିଲେ। ଏଥିରେ ଯୁବ କଂଗ୍ରେସ ସଭାପତି ସୁଶୀଲ କୁମାର ପ୍ରଧାନ ଓ ଛାତ୍ର କଂଗ୍ରେସ ସଭାପତି ଅଭିକ ଦାସଙ୍କ ନେତୃତ୍ୱରେ ବ୍ଲକ୍ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରଗତି ସେଠୀ, ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ରଶ୍ମିରଞ୍ଜନ ରାଉତ, ଛାତ୍ର ନେତା ସୌରଭ କୁମାର ଜେନା, ରଶ୍ମିରଞ୍ଜନ ରାଉତ, ସ୍ମୃତିରଞ୍ଜନ ଜେନା, ସତୀଶ ନାୟକ, ମେଘମାଳା ରାଉତରାୟ, ନିଳିମା ଜେନା, ରାଜଶ୍ରୀ ସ୍ୱାଇଁ, ଅକ୍ଳାନ୍ତ ରାଉତ, ଲକ୍ଷ୍ମୀପ୍ରିୟା ବିଶ୍ୱାଳ, ସୁସ୍ମିତା ମହାନ୍ତି, ସ୍ମୃତିରେଖା ସେଠୀ, ରାଖି ରାଉତରାୟ, ବିଭୁପ୍ରସାଦ ସାହୁ, ଗୋପାଳକୃଷ୍ଣ ଦାସ, ବାପି ପରିଡା, ପ୍ରକାଶ ସେଠୀ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ବିପନ୍ନ ପରିବାରଙ୍କୁ ପଲିଥିନ, ଶୁଖିଲା ଖାଦ୍ୟ, ଛତା, ଟର୍ଚ୍ଚ, ପୋଷାକ ପ୍ରଦାନ କରିଥିଲେ।

କୃତୀ ଛାତ୍ରୀଙ୍କୁ ମେଧାବୃତ୍ତି ପ୍ରୋତ୍ସାହନ ରାଶି ପ୍ରଦାନ

ଗୋବିନ୍ଦପୁର,୧୮।୧୦(ସମିସ): ଆଳି ବ୍ଲକ ଅନ୍ତର୍ଗତ ପାଳିମି ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ସେଠୀଙ୍କୁ ବସନ୍ତ କୁମାରୀ ମହାନ୍ତି ସ୍ମୃତି କମିଟି ଟ୍ରଷ୍ଟ ପକ୍ଷରୁ ୨୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏହି ଉପଲକ୍ଷେ ସଭାରେ ପ୍ରଧାନଶିକ୍ଷୟିତ୍ରୀ ସୁଭସ୍ମିତା ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଟ୍ରଷ୍ଟର ପରିଚାଳକ ଦୁର୍ଗାପ୍ରସାଦ ଦାସ, ଦିଲ୍ଲୀପ କୁମାର ଦାସ, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅମୀୟ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଏହି ଟ୍ରଷ୍ଟ ପକ୍ଷରୁ ସମାଜସେବୀ ତଥା ପୂର୍ବତନ ସରପଞ୍ଚ କୁଳମଣି ଦାସଙ୍କ ସ୍ମୃତି ଉଦ୍ଦେଶ୍ୟରେ ଚଳିତ ଶିକ୍ଷାବର୍ଷରେ ବିଦ୍ୟାଳୟ ବାର୍ଷିକ କ୍ରୀଡ଼ାର ସିନିୟର ଓ ଜୁନିୟର ଚାମ୍ପିଅନ ହୋଇଥିବା ଛାତ୍ରଛାତ୍ରୀଙ୍କୁ ୧୦ ହଜାର ଟଙ୍କା ପ୍ରଧାନଶିକ୍ଷୟିତ୍ରୀ ପ୍ରଦାନ କରିଥିଲେ।

ଓବିସି ସେଲ୍ ଉପାଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ପଟ୍ଟାମୁଣ୍ଡାଇ,୧୮।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ବରିଷ୍ଠ କଂଗ୍ରେସ ନେତା ଧନେଶ୍ୱର ଦାସଙ୍କୁ ଓଡ଼ିଶା ପ୍ରଦେଶ କଂଗ୍ରେସ ଓବିସି ସେଲ ପକ୍ଷରୁ ଉପାଧ୍ୟକ୍ଷ ନିଯୁକ୍ତି କରାଯିବା ପରେ ପଟ୍ଟାମୁଣ୍ଡାଇ କଂଗ୍ରେସ କମିଟି ଓ ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାର କଂଗ୍ରେସ କର୍ମୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ଏହି ଉପଲକ୍ଷେ ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ନବନିଯୁକ୍ତ ରାଜ୍ୟ ଓବିସି ସେଲ ଉପାଧ୍ୟକ୍ଷ ଶ୍ରୀ ଦାସଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସଭାରେ ପିସିସି ସାଧାରଣ ସମ୍ପାଦକ ହଳଧର ସେଠୀ, କେନ୍ଦ୍ରାପଡ଼ା ଜିଲ୍ଲା କୋଷାଧ୍ୟକ୍ଷ ଭାଗୀରଥି ଜେନା, ଓବିସି ମୋର୍ଚ୍ଚା ରାଜ୍ୟ ସମ୍ପାଦକ ବେଣୁଧର ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ଅଶ୍ୱିନୀ ପାତ୍ର, କୃଷକ ମୋର୍ଚ୍ଚା ରାଜ୍ୟସଭାପତି ବିଜୟ ଦାସ, ନବନିର୍ମାଣ କୃଷକ ସଂଗଠନ ଜିଲ୍ଲା ସଂଯୋଜକ ଦାଶରଥୀ ସାହୁ ଓ ପଟ୍ଟାମୁଣ୍ଡାଇ ବ୍ଲକ କଂଗ୍ରେସ କମିଟି ଉପସଭାପତି ଦୁଃଶାସନ ପ୍ରଧାନଙ୍କ ସହିତ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇ ରାଜ୍ୟ କଂଗ୍ରେସ ନେତୃ ମଣ୍ଡଳୀଙ୍କୁ ଧନ୍ୟବାଦ ଜଣାଇବା ସହିତ ଶ୍ରୀ ଦାସଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ପଦ୍ମଶ୍ରୀ ବାବା ବଳିଆଙ୍କ ପ୍ରବଚନ

ମା' ଦୁର୍ଗାଙ୍କ ପାଦଠାରୁ ମଥା ପର୍ଯ୍ୟନ୍ତ ସମସ୍ତ ଦେବାଦେବୀ ଅବସ୍ଥାନ କରନ୍ତି

ଗରଦପୁର, ୧୮।୧୦(ସମିସ): ଶାରଦୀୟ ଦୁର୍ଗାପୂଜା ଉପଲକ୍ଷେ ପାଟକୁରା ପଞ୍ଚାୟତର ସମସରା ଗ୍ରାମର ମା' ଦୁର୍ଗାପୂଜା କମିଟି ପକ୍ଷରୁ ଆୟୋଜିତ ନବମ ବାର୍ଷିକ ପୂଜା ଉତ୍ସବର ସପ୍ତମୀ ତିଥିରେ ଯୋଗଦେଇ ପଦ୍ମଶ୍ରୀ ବାବା ବଳିଆ କହିଥିଲେ, ମା' ଦୁର୍ଗାଙ୍କ ପାଦର ନଖଠାରୁ ମଥାର କେଶ ପର୍ଯ୍ୟନ୍ତ ସମସ୍ତ ଦେବାଦେବୀ ଅବସ୍ଥାନ କରିଥା'ନ୍ତି। ଏହି ଆଶ୍ୱିନ ମାସରେ ପ୍ରଭୁ ରାମଚନ୍ଦ୍ର ଲଙ୍କାକୁ ଗମନ କରିବାକୁ ସମୁଦ୍ରରେ ନିର୍ମାଣ କରିଥିବା ସେତୁ ବନ୍ଧର ପ୍ରତିଷ୍ଠା ପାଇଁ ମା' ଦୁର୍ଗାଙ୍କୁ ଆହ୍ୱାନ କରିଥିଲେ। ଯଦିଓ ବସନ୍ତ ଋତୁରେ ମା' ଦୁର୍ଗା ବାସନ୍ତୀ ଦୁର୍ଗା ନାମରେ ଆର୍ବିଭାବ ହୁଅନ୍ତି, କିନ୍ତୁ ସେତେବେଳେ ପ୍ରଭୁ ରାମଚନ୍ଦ୍ରଙ୍କ ପ୍ରାର୍ଥନାରେ ମୁଗ୍ଧ ହୋଇ ମା' ଦୁର୍ଗା ସେତୁ ପ୍ରତିଷ୍ଠା ପାଇଁ ଆର୍ବିଭାବ ହୋଇଥିଲେ।

ସେହିଦିନଠାରୁ ଆଶ୍ୱିନ ମାସରେ ଶାରଦୀୟ ଦୁର୍ଗାପୂଜା ଅନୁଷ୍ଠିତ ହୋଇଆସୁଛି। ଆମ୍ଭେମାନେ ଦୁର୍ଗା ମଣ୍ଡପରେ ମା' ଦୁର୍ଗାଙ୍କୁ ପୂଜାର୍ଚ୍ଚନା କରିବା ସମୟରେ ସମସ୍ତ ଦେବାଦେବୀ ଆମ୍ଭମାନଙ୍କର ଅର୍ଘ୍ୟ ଗ୍ରହଣ କରିଥା'ନ୍ତି। ଆମମାନଙ୍କ ମଧ୍ୟରେ ଯେପରି ଭାବେ ଅହଙ୍କାର, ଈର୍ଷା, ହିଂସା, ଲୋଭ ଓ ପରଶ୍ରୀକାତରତା ରହିଛି, ତାହା ହିଁ ହେଉଛି ମହିଁଷାସୁର। ମହିଁଷାସୁରର ସେନାପତି ରକ୍ତବାହୁ ଥିଲେ। ଆଜି ବି ସମାଜରେ ଧର୍ମ ନାମରେ ହିଂସା ସୃଷ୍ଟି କରୁଥିବା ବ୍ୟକ୍ତିବିଶେଷ ଜଣେ ଜଣେ ରକ୍ତବାହୁ ସ୍ୱରୂପ ଅଟନ୍ତି। ଏହି ପ୍ରବଚନ ସଭାରେ ବାବା ବଳିଆ କହିଥିଲେ ଯେ, ଆଜିର ଯୁବ ଗୋଷ୍ଠୀଙ୍କୁ ନିଶା ଛାଡ଼ିବା ପାଇଁ ଭିକ୍ଷା ମାଗିବା ସହିତ ବୃକ୍ଷ ରୋପଣ ଓ ଗ୍ରାମରେ ରାସ୍ତା ସଫାସୁତୁରା ରଖିବାକୁ ଆହ୍ୱାନ ଦେଇଥିଲେ।

ବୈଦିକ ଶିବିର ପାଇଁ ଜିଲ୍ଲା ଆର୍ଯ୍ୟ ସମାଜର ପ୍ରସ୍ତୁତି ବୈଠକ

ଡେରାବିଶ,୧୮।୧୦(ସମିସ): କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆସ୍ଥ ଦୟାନନ୍ଦ ସେବାଶ୍ରମ ପରିସରରେ ଚଳିତ ମାସ ୨୨, ୨୩ ଓ ୨୪ ତିନିଦିନ ଧରି ସେବାଶ୍ରମରେ ଆୟୋଜିତ ହେବାକୁ ଥିବା ବୈଦିକ ଶିବିରର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆର୍ଯ୍ୟ ସମାଜର ସଭାପତି ନିମାଇଁ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପସଭାପତି ସୁବାସ ଚନ୍ଦ୍ର ଖୁଣ୍ଟିଆ, ସମ୍ପାଦକ ମଦନ ମୋହନ ବେହେରା, ସହସମ୍ପାଦକ ଶଶୀଭୂଷଣ ନାୟକ, କୋଷାଧ୍ୟକ୍ଷ ବିଜୟ କୁମାର ସ୍ୱାଇଁ, ରମାକାନ୍ତ ପରିଡ଼ା, କ୍ଷୀରୋଦ ମହାରଣା, ମୁକ୍ତିକାନ୍ତ ଜେନା, ବସନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ରହି ଏହି ବୈଠକର ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତିନିଦିନ ବ୍ୟାପୀ ହେବାକୁ ଥିବା ଏହି ନିଃଶୁଳ୍କ ବୈଦିକ ଶିକ୍ଷା ଶିବିରରେ ମୁଖ୍ୟତଃ ସନ୍ଧ୍ୟା ଉପସନା, ଯୋଗ ପ୍ରାଣାୟମ, ବ୍ୟାୟାମ, ଯଜ୍ଞଶିକ୍ଷା, ପ୍ରାକୃତିକ ଚିକିତ୍ସା ସମ୍ପର୍କରେ ମୁନିଋଷିଙ୍କ ଦ୍ୱାରା ପ୍ରଣୀତ ଆଧାରରେ ଶିକ୍ଷା ଦିଆଯିବ। ସୁଖି ପରିବାର, ସୁଖି ଗୃହସ୍ଥ, ଉତ୍ତମ ସମାଜ, ବିକଶିତ ରାଷ୍ଟ୍ର ନିର୍ମାଣ ଏହି ଶିକ୍ଷା ଶିବିରର ମୁଖ୍ୟ ଉଦ୍ଦେଶ୍ୟ ହେବ ବୋଲି କର୍ମକର୍ତ୍ତା ସୂଚନା ଦେଇଛନ୍ତି। ଭବିଷ୍ୟତ ପିଢ଼ିକୁ କୁମାର୍ଗରୁ ନିବୃତ୍ତ କରାଇବା ସହିତ ସଂସ୍କାରିତ ମାର୍ଗରେ ଜୀବନ ଅତିବାହିତ କରିବା ପାଇଁ ପ୍ରେରଣା ଦିଆଯିବ। ଶିବିରର ଶେଷ ଦିବସରେ ଆର୍ଯ୍ୟ ପ୍ରତିନିଧି ସଭାର କାର୍ଯ୍ୟକାରୀ ସଭାପତି ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ଓ ସଂଯୋଜକ ଦୁଷ୍ମନ୍ତ କୁମାର ସ୍ୱାଇଁ ଆଶ୍ରିବଚନ ପ୍ରଦାନ ନିମନ୍ତେ ସମ୍ମତି ପ୍ରଦାନ କରିଥିବା କର୍ମକର୍ତ୍ତା ପ୍ରକାଶ କରିଛନ୍ତି। ଏହି ଶିକ୍ଷା ଶିବିରରେ ଯୋଗଦାନ ପାଇଁ ପୂର୍ବରୁ ନାମ ପଞ୍ଜୀକରଣ ନିମନ୍ତେ ୮୨୪୯୭ ୬୪୬୩୭, ୯୨୩୭୫ ୪୩୧୨୧ ଓ ୯୯୩୭୬ ୮୦୯୭୩ରେ ଯୋଗାଯୋଗ କରିବାକୁ ସମ୍ପାଦକ ଶ୍ରୀ ବେହେରା ନିବେଦନ କରିଛନ୍ତି।

ଖମୋଳ ଆଞ୍ଚଳିକ ସାଧନକେନ୍ଦ୍ରସ୍ତରୀୟ ସୁରଭି

ଡେରାବିଶ, ୧୮।୧୦(ସମିସ): ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ଖମୋଳ ସରକାରୀ ଉପ୍ରା ବିଦ୍ୟାଳୟ ସାଧନକେନ୍ଦ୍ର ସ୍ତରୀୟ ସୁରଭି ମହୋତ୍ସବ ଗତକାଲି ଖମୋଳ ପଞ୍ଚାୟତ ବାଗ୍‌ଦେବୀ ନୋଡାଲ ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ପ୍ରମୋଦ କୁମାର ମଲ୍ଲଙ୍କ ସଂଯୋଜନାରେ ଆୟୋଜିତ ଏହି ଉତ୍ସବକୁ ମଣ୍ଡଳ ଶିକ୍ଷାଧିକାରୀ ମଦନମୋହନ କର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏ ଉପଲକ୍ଷେ ଆୟୋଜିତ ସଭାରେ ବାଗ୍‌ଦେବୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବିଥିକା ଦାସ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ସଚିକାନ୍ତ ମିଶ୍ର, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ପଞ୍ଚାୟତର ସମିତିସଭ୍ୟ ଅକ୍ଷୟ କୁମାର ନାୟକ, ପଞ୍ଚସଖା ଶିକ୍ଷାସେତୁ ସଭାପତି ଅବନୀ କୁମାର ଜେନା ଓ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ କୁମାର ଆଚାର୍ଯ୍ୟ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଏହି କ୍ଲଷ୍ଟର ଅଧୀନ ୭ଟି ବିଦ୍ୟାଳୟର ଶତାଧିକ ପ୍ରତିଯୋଗୀ କନିଷ୍ଠ ଓ ବରିଷ୍ଠ ବର୍ଗରେ ବିଭକ୍ତ କରାଯାଇ ୨୩ ବିଭାଗରେ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଲଲାଟ କେଶରୀ ଭୂୟାଁ, ଗୌରାଙ୍ଗ ଚରଣ ସାହୁ, ପ୍ରଶାନ୍ତ କୁମାର ଶତପଥି, ପ୍ରତାପ ଚନ୍ଦ୍ର ଶତପଥି, ସିଆରସିସି ନିର୍ମଳ କୁମାର ଜେନା, ଚିତ୍ରଶିଳ୍ପୀ ଅଭିରାମ ନାୟକ ଯୋଗ ଦେଇଥିଲେ। ପ୍ରତିଯୋଗିତାକୁ ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ସେଠୀ, ନିରଞ୍ଜନ ନାୟକ, ପ୍ରମୋଦ କୁମାର ରାଉତରାୟ, ଜୟାନନ୍ଦ ନାୟକ, ଶିକ୍ଷୟିତ୍ରୀ ସାଗରିକା ରାଉତ, ସୁନିତା ଦାସ ପ୍ରମୁଖ ପରିଚାଳନା କରିଥିଲେ। ଏ ଅବସରରେ ଅତିଥିମାନେ କୃତୀ ଛାତ୍ରଛାତ୍ରୀଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଆଞ୍ଚଳିକ ସାଧନକେନ୍ଦ୍ର ଅଧୀନ ସମସ୍ତ ବିଦ୍ୟାଳୟର ମାର୍ଗଦର୍ଶକ ଶିକ୍ଷକ ଓ ବାଗ୍‌ଦେବୀ ବିଦ୍ୟାପୀଠର ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ। ଅଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଧର୍ମପ୍ରାଣା ଲତା ସୂତାରଙ୍କ ଶ୍ରଦ୍ଧାଞ୍ଜଳି ସଭା

ପଟ୍ଟାମୁଣ୍ଡାଇ,୧୮।୧୦(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦୋଷିଆ ପଞ୍ଚାୟତ ବୁଆଲୋ ଗ୍ରାମର ବିଶିଷ୍ଟ କାଷ୍ଠ ଶିଳ୍ପୀ ସୁରେନ୍ଦ୍ର ସୂତାରଙ୍କ ଧର୍ମପତ୍ନୀ ଧର୍ମପ୍ରାଣା ଲତା ସୂତାରଙ୍କ ଏକାଦଶାହ ଅବସରରେ ବୁଆଲୋଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ମୃତ୍ୟୁଞ୍ଜୟ ସୂତାରଙ୍କ ପୌରୋହିତ୍ୟରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ କିଶୋର ତରାଇ, ଦଳିତ ନେତା ନୃସିଂହ ମଲିକ, ପୂର୍ବତନ ସରପଞ୍ଚ ପ୍ରଭାତ ପ୍ରଧାନ, ସଂଗୀତା ଓଝା, ସୁକାନ୍ତ ଦାସ, ପ୍ରହଲ୍ଲାଦ ଓଝା, ପ୍ରଫୁଲ୍ଲ ସୂତାର, ବିଶ୍ୱହିନ୍ଦୁ ପରିଷଦ ସଭାପତି ଦେବାଶିଷ ପଣ୍ଡା, କାର୍ଯ୍ୟକାରୀ ସଭାପତି ଅମ୍ବୁଜ ଭୂଷଣ ନାୟକ, ଶିବପ୍ରସାଦ ସୂତାର, କାହ୍ନୁଚରଣ ଓଝା, ସରସ୍ୱତୀ ଶିଶୁ ଶିକ୍ଷାମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରଭୁଦତ୍ତ ଦାଶ, ବିଜୟ ନାୟକ, ନାରାୟଣ ଚନ୍ଦ୍ର ସାହୁ, ପ୍ରଭାକର ସାହୁ, ସୌମ୍ୟରଞ୍ଜନ ଦାସ, ନୃସିଂହ ସୂତାର, ରମାକାନ୍ତ ସୂତାର, ଉମାକାନ୍ତ ସୂତାର ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ଜନ୍ମେଜୟ ସୂତାର ଧନ୍ୟବାଦ ଦେଇଥିଲେ।

ଜମିବାଡ଼ି ବିବାଦରୁ ପଡ଼ୋଶୀଙ୍କୁ ହତ୍ୟା ଉଦ୍ୟମ

ଦୁଇ ଅଭିଯୁକ୍ତ ଗିରଫ; ବନ୍ଧୁକ, ଗୁଳି ଓ କାତି ଜବତ

କେନ୍ଦ୍ରାପଡ଼ା,୧୮।୧୦(ସମିସ)

କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଗୁଳନଗର ପଞ୍ଚାୟତର ସୁଜାନଗର ଗ୍ରାମରେ ଏକ ସଙ୍ଗୀନ ଘଟଣା ସାମ୍ନାକୁ ଆସିଛି। ପଡ଼ୋଶୀ ପରିବାର ଉପରେ ସଶସ୍ତ୍ର ଆକ୍ରମଣ ତଥା ହତ୍ୟା ଉଦ୍ୟମ ଅଭିଯୋଗରେ ସଦର ଥାନା ପୁଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ବେଆଇନ ମାରଣାସ୍ତ୍ର ଜବତ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଉଛନ୍ତି ସୁଜାନଗର ଗ୍ରାମର ମଖନ ଖାଁଙ୍କ ପୁଅ ମଞ୍ଜୁର ଖାଁ ଓ ରମଜାନ ଖାଁ ବୋଲି ଜଣାପଡ଼ିଛି।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସୁଜାନଗର ଗ୍ରାମର ମୀର୍ଜା ତାୟାରୁ ବେଗଙ୍କ ପରିବାର ସହିତ ଅଭିଯୁକ୍ତ ମଞ୍ଜୁର ଓ ରମଜାନଙ୍କ ପରିବାର ସହିତ ଏକ ଜମିବାଡ଼ିକୁ କେନ୍ଦ୍ର କରି ଦୀର୍ଘଦିନରୁ ତିକ୍ତତା ଲାଗି ରହିଥିଲା। ବିବାଦର ସମାଧାନ ହେବା ପରିବର୍ତ୍ତେ ଦିନକୁ ଦିନ ଉଭୟ ପକ୍ଷଙ୍କ ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଥିଲା। ପରିସ୍ଥିତି ଏପରି ହୋଇଥିଲା ଯେ ଅଭିଯୁକ୍ତମାନେ ମିର୍ଜା ତାୟାରୁ ବେଗଙ୍କ ପରିବାରକୁ ସମ୍ପୂର୍ଣ୍ଣ ସଫା କରିଦେବା ପାଇଁ ଯୋଜନା କରିଥିଲେ। ଏଥିପାଇଁ ସେମାନେ ଆଗୁଆ ବେଆଇନ ଭାବେ ଅସ୍ତ୍ରଶସ୍ତ୍ର ଠୁଳ କରି ପ୍ରସ୍ତୁତ ହୋଇଥିଲେ। ଅଭିଯୁକ୍ତମାନେ ମାରଣାସ୍ତ୍ର ଧରି ପଡ଼ୋଶୀ ପରିବାର ଉପରେ ଆକ୍ରମଣ କରିବା ପାଇଁ ଉଦ୍ୟମ କରୁଥିବାବେଳେ ଏ ନେଇ ଥାନାରେ ସୂଚନା ଦିଆଯାଇଥିଲା। ଅଭିଯୋଗ ପାଇବା କ୍ଷଣି କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଚଢ଼ଉ କରିଥିଲା। ପୁଲିସର ତ୍ୱରିତ ପଦକ୍ଷେପ ଯୋଗୁଁ ଏକ ଅପ୍ରୀତିକର ପରିସ୍ଥିତି ଟଳିଯାଇଛି। ଘଟଣାସ୍ଥଳରୁ ଉଭୟ ଅଭିଯୁକ୍ତଙ୍କୁ କାବୁ କରିବା ସହ ସେମାନଙ୍କ ନିକଟରୁ ଏକ ବନ୍ଧୁକ, ଏକ ରାଉଣ୍ଡ ଜୀବନ୍ତ ଗୁଳି, ଗୋଟିଏ ମାଗାଜିନ ଓ ଏକ ଧାରୁଆ କାତି ଜବତ କରାଯାଇଛି। ସଦର ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଯେ, ଜମି ବିବାଦକୁ କେନ୍ଦ୍ର କରି ଏହି ହତ୍ୟା ଉଦ୍ୟମ ଯୋଜନା କରାଯାଇଥିଲା। ଅଭିଯୋଗ ଆସିବା ମାତ୍ରେ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଅସ୍ତ୍ରଶସ୍ତ୍ର ଜବତ କରିଛି। ଏ ନେଇ ମିର୍ଜା ତାୟାରୁ ବେଗଙ୍କ ପତ୍ନୀ ଅମିନା ବିବିଙ୍କ ଲିଖିତ ଅଭିଯୋଗ ଉପରେ ସଦର ଥାନାରେ ୬୪୫/୨୦୨୬ରେ ହତ୍ୟା ଉଦ୍ୟମ ଓ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ଦଫାରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କ ବିରୋଧରେ ୨୫ ଓ ୨୭ ଆର୍ମ ଆକ୍ଟ ସହ ଭାରତୀୟ ନ୍ୟାୟ ସଂହିତାର ୩୩୧(୪), ୨୯୬,୩୦୪(୨), ୩୫୧(୨), ୩୫୧(୩), ୭୪,୧୧୫(୨), ୩(୫)ରେ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତମାନେ ଏହି ବନ୍ଧୁକ ଓ ଗୁଳି କେଉଁଠାରୁ, କାହା ଜରିଆରେ ସଂଗ୍ରହ କରିଥିଲେ ତା'ର ଚେର ଖୋଜିବା ପାଇଁ ପୁଲିସ ପଚରାଉଚରା ଜାରି ରଖିଛି। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ସୁଜାନଗର ଗ୍ରାମରେ ଶାନ୍ତିଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣରେ ରଖିବା ପାଇଁ ପୁଲିସ ମୁତୟନ ହୋଇଛି। ଆଜି ଉଭୟ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କହିଛନ୍ତି।

କରଣ ସମାଜର ଲେଖନୀ ପୂଜନ ଉତ୍ସବ

ଢେଙ୍କାନାଳ,୧୮ ।୧୦(ସମିସ): ସ୍ଥାନୀୟ ସୂର୍ଯ୍ୟ ମଣ୍ଡପ ଠାରେ ସର୍ବପୁରାତନ କରଣ ସମାଜର ସାଧାରଣ ସଭା ଏବଂ ଲେଖନୀ ପୂଜା ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ସଭାପତି ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ପୌରହିତ୍ୟରେ ଲେଖନୀ ପୂଜା ଅନୁଷ୍ଠିତ ହୋଇଥିଲା। ପରେ ସଭାପତି ଜାନକୀ ବଲଭ ପଟ୍ଟନାୟକ ଓ ସମ୍ପାଦକ ରବିନାରାୟଣ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସାଧାରଣସଭା ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଦସ୍ୟ ଯୋଗିନାଥ ମହାନ୍ତି, ଦୀପକ ପ୍ରସାଦ ପଟ୍ଟନାୟକ, ପ୍ରସନ୍ନ କୁମାର ପଟ୍ଟନାୟକ, ପ୍ରଶାନ୍ତ ମହାନ୍ତି, ଲକ୍ଷ୍ମୀପ୍ରସାଦ ପଟ୍ଟନାୟକ, ରାଜେଶ ପଟ୍ଟନାୟକ, ଉଦୟନାଥ ମହାନ୍ତି ପ୍ରମୁଖ କରଣ ସମାଜର ଆଗାମୀ ରୂପରେଖ, ନୂତନ ସଦସ୍ୟ ଗ୍ରହଣ, ସାମଜିକ କାର୍ଯ୍ୟକ୍ରମ ଆୟୋଜନ ଏବଂ ସମାଜକୁ ସୁଦୃଢ଼ କରିବାର ବିଭିନ୍ନ ଦିଗ ଉପରେ ନିଜର ମତାମତ ରଖିବା ସହ ଅସ୍ୱିୟା ମନୋଭାବର ଉର୍ଦ୍ଧ୍ୱରେ ରହି ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସର୍ବବସମ୍ମତି କ୍ରମେ ନୂତନ ସଭାପତି ଭାବେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଥିବାବେଳେ କାର୍ଯ୍ୟକାରୀ ସଭାପତି ଭାବେ ରବି ନାରାୟଣ ମହାନ୍ତି, ଉପସଭାପତି ଦୀପକ ପ୍ରସାଦ ପଟ୍ଟନାୟକ, ରାଜେଶ କୁମାର ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ପଟ୍ଟନାୟକ, ସମ୍ପାଦକ ଭାବେ ଯୋଗୀନାଥ ମହାନ୍ତି, ସହ-ସମ୍ପାଦକ ଅଜୟ ଚରଣ ପଟ୍ଟନାୟକ ଓ ଲକ୍ଷ୍ମୀଧର ପଟ୍ଟନାୟକ, କୋଷାଧ୍ୟକ୍ଷ ଭାବେ ଗିରିଜାକାନ୍ତ ମହାନ୍ତିଙ୍କ ନାମ ଘୋଷଣା କରାଯାଇଥିଲା। କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ସତିଶ୍ କୁମାର ପଟ୍ଟନାୟକ, ପ୍ରସନ୍ନ କୁମାର ପଟ୍ଟନାୟକ, ଜିତେନ୍ଦ୍ର ପଟ୍ଟନାୟକ, ବନବିହାରୀ ମହାନ୍ତି, ଉଦୟନାଥ ମହାନ୍ତି, ରବିନାରାୟଣ ପଟ୍ଟନାୟ ଓ ନାରାୟଣ ପଟ୍ଟନାୟକଙ୍କ ନାମ ଘୋଷଣା କରାଯାଇଥିଲା। ଏହି କମିଟି ସମସ୍ତ ସଦସ୍ୟମାନଙ୍କ ସହ ବ୍ୟକ୍ତିଗତଭାବେ ଆଲୋଚନା କରି ଦୁଇମାସ ମଧ୍ୟରେ ଏକ ସାଧାରଣସଭା ଆହୁତ କରିବେ। ସମାଜର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜୟକୃଷ୍ଣ ପଟନାୟକ, ନଗେନ୍ଦ୍ର ମହାନ୍ତି, ମନ୍ମଥ ପଟ୍ଟନାୟକ, ନରେନ୍ଦ୍ର କୁମାର ମହାନ୍ତି, ଅବିନାଶ ପଟ୍ଟନାୟକ, ରବୀନ୍ଦ୍ର ପଟ୍ଟନାୟକ, ନିର୍ମଳ ପଟ୍ଟନାୟକ, ସତ୍ୟଜିତ ପଟ୍ଟନାୟକ, ବିଭୂତି ବଲ୍ଲଭ ପଟ୍ଟନାୟକ, ବିପିନି ବିହାରୀ ପଟ୍ଟନାୟକ, ବିରଜା ପଟ୍ଟନାୟକ, ଅଜୟ କୁମାର ପଟ୍ଟନାୟକ, ବସନ୍ତ କୁମାର ମହାନ୍ତି, ସ୍ୱରୁପାନନ୍ଦ ଦାସ ପ୍ରମୁଖଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

କାହା ଭରସାରେ ଦୁର୍ଗାପୂଜା ଭିଡ଼ରେ ମହିଳାଙ୍କ ସୁରକ୍ଷା

ମେଢ଼ରେ ନେତାଙ୍କ ଭିଡ଼, ରାସ୍ତାରେ ଅସୁରକ୍ଷିତ ନାବାଳିକା

କେନ୍ଦ୍ରାପଡ଼ା,୧୮ ।୧୦(ସମିସ):

ଚାରିଆଡ଼େ ଉତ୍ସବର ମାହୋଲ। ମା' ଦୁର୍ଗାଙ୍କ ଆଗମନରେ ଉତ୍ସବମୁଖର ହୋଇଉଠିଛି କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଅଞ୍ଚଳ। ଆକର୍ଷଣୀୟ ତୋରଣ, ସୁସଜ୍ଜିତ ପୂଜାମଣ୍ଡପ ଓ ମା'ଙ୍କ ଦର୍ଶନ ପାଇଁ ପ୍ରତିଦିନ ଜମୁଛି ହଜାର ହଜାର ଭକ୍ତଙ୍କ ଭିଡ଼। ମେଢ଼ରୁ ମେଢ଼ ବୁଲି ମା'ଙ୍କ ଦର୍ଶନ କରୁଛନ୍ତି ଶ୍ରଦ୍ଧାଳୁ। ଏଥିସହିତ ବିଭିନ୍ନ ପୂଜା ମଣ୍ଡପରେ ନେତା ଓ ସ୍ଥାନୀୟ ରାଜନୈତିକ ବ୍ୟକ୍ତିଙ୍କ ଉପସ୍ଥିତି ମଧ୍ୟ ଦେଖିବାକୁ ମିଳୁଛି। ହେଲେ ଏହି ଉତ୍ସବର ଭିଡ଼ ଭିତରେ ସାଧାରଣ ମହିଳା ଓ ନାବାଳିକାଙ୍କ ସୁରକ୍ଷାକୁ ନେଇ ଉଠିଛି ଗୁରୁତର ପ୍ରଶ୍ନ। ପୂଜା ମଣ୍ଡପରେ ଲୋକଙ୍କ ଭିଡ଼ ବଢ଼ୁଥିବାବେଳେ ରାସ୍ତାଘାଟରେ ସୁରକ୍ଷା ବ୍ୟବସ୍ଥା କେତେ ମଜବୁତ, ତାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଉଛି।

କେତେକ ସ୍ଥାନରେ ନାବାଳକ ଗୋଷ୍ଠୀଙ୍କ ଉତ୍ପାତ ବଢ଼ୁଥିବାବେଳେ ମହିଳା ଓ ନାବାଳିକାଙ୍କ ସୁରକ୍ଷା ନେଇ ଚିନ୍ତା ବଢ଼ିଛି। ଗରଦପୁର ଅଞ୍ଚଳରେ ମା'ଙ୍କ ଦର୍ଶନ ସାରି ଫେରୁଥିବା ଜଣେ ନାବାଳିକା ଅସଦାଚରଣର ଶିକାର ହୋଇଥିବା ଘଟଣା ଏହି ଚିନ୍ତାକୁ ଆହୁରି ଗମ୍ଭୀର କରିଛି। ପ୍ରଶ୍ନ ଉଠୁଛି, ଧାର୍ମିକ ଉତ୍ସବରେ ଯୋଗଦେବାକୁ ଯାଇ ଯଦି ଜଣେ ନାବାଳିକା ସନ୍ଧ୍ୟା ସମୟରେ ରାସ୍ତାରେ ସୁରକ୍ଷିତ ରହିପାରୁନାହାନ୍ତି, ତେବେ ମହିଳା ସୁରକ୍ଷା ନେଇ ପ୍ରଶାସନର ଦାବିର ମୂଲ୍ୟ କ'ଣ? ଲୋକଙ୍କ ଭିଡ଼ ନିୟନ୍ତ୍ରଣ, ଅସାମାଜିକ ଯୁବକଙ୍କ ଉପରେ ନଜର ଓ ସମ୍ବେଦନଶୀଳ ସ୍ଥାନରେ ପୁଲିସ ମୁତୟନ କରିବା ଦାୟିତ୍ୱ କାହାର? କେବଳ ଗରଦପୁରର ଏହି ଘଟଣା ନୁହେଁ, ମହିଳା ଓ ନାବାଳିକାମାନେ ରାସ୍ତାରେ ଯାତାୟାତ କରିବା ସମୟରେ ଅସଦାଚରଣର ଶିକାର ହେଉଥିବା ନେଇ ବିଭିନ୍ନ ମହଲରେ ଅଭିଯୋଗ ରହିଛି। କିନ୍ତୁ ସାମାଜିକ ସମ୍ମାନ ଓ ପାରିବାରିକ ମର୍ଯ୍ୟାଦା କ୍ଷୁଣ୍ଣ ହେବା ଭୟରେ ଅନେକ ପୀଡ଼ିତା ଓ ସେମାନଙ୍କ ପରିବାର ମୁହଁ ଖୋଲିବାକୁ ପଛଘୁଞ୍ଚା ଦେଉଥିବା କୁହାଯାଉଛି। ଫଳରେ ଏପରି ଘଟଣା ସମ୍ପର୍କରେ ପୁଲିସ ପାଖରେ ଅଭିଯୋଗ ପହଞ୍ଚିପାରୁନାହିଁ ଓ ଅଭିଯୁକ୍ତମାନେ ଆଇନର ଭୟରୁ ଦୂରେଇ ରହୁଥିବା ଆଶଙ୍କା ସୃଷ୍ଟି ହେଉଛି।

ଏଠାରେ ଆଉଏକ ପ୍ରଶ୍ନ ଉଠୁଛି, ପୂଜାମଣ୍ଡପକୁ ଯାଇ ନେତାମାନେ ଲୋକଙ୍କ ସହ ମିଶୁଛନ୍ତି। ଶୁଭେଚ୍ଛା ଜଣାଉଛନ୍ତି, ଜନସମ୍ପର୍କ ବଢ଼ାଉଛନ୍ତି। କିନ୍ତୁ ସାଧାରଣ ଲୋକଙ୍କ ସୁରକ୍ଷା ପାଇଁ କେତେ ତତ୍ପରତା ପ୍ରକାଶ ପାଉଛି? ପୂଜା ସମୟରେ ମହିଳା ଓ ନାବାଳିକାଙ୍କ ସୁରକ୍ଷା କେବଳ ପୁଲିସର ଦାୟିତ୍ୱ ନୁହେଁ; ଏହା ପ୍ରଶାସନ,

କେବେ ଚେତିବ ପୁଲିସ ପ୍ରଶାସନ

ପୂଜା କମିଟି ଓ ସମାଜର ମଧ୍ୟ ସାମୂହିକ ଦାୟିତ୍ୱ। ଆଗକୁ କେନ୍ଦ୍ରାପଡ଼ା ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବ। ଏହି ସମୟରେ ମଧ୍ୟ ହଜାର ହଜାର ଲୋକ ପୂଜାମଣ୍ଡପକୁ ଆସିବେ। ତେଣୁ ଏବେଠାରୁ ପୁଲିସ ପ୍ରଶାସନ ସତର୍କ ନ ହେଲେ ଭିଡ଼ର ସୁଯୋଗ ନେଇ ଅସାମାଜିକ ବ୍ୟକ୍ତିମାନେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ପୂଜା ମଣ୍ଡପ ଓ ଯାତାୟାତର ମୁଖ୍ୟ ରାସ୍ତାରେ ପୁଲିସ ପାଟ୍ରୋଲିଂ ବୃଦ୍ଧି, ସନ୍ଧ୍ୟା ସମୟରେ ସମ୍ବେଦନଶୀଳ ସ୍ଥାନରେ ପୁଲିସ ମୁତୟନ, ସାଧା ପୋଷାକରେ ପୁଲିସ ନଜରଦାରି, ଭିଡ଼ ନିୟନ୍ତ୍ରଣ ଓ ଅଭିଯୋଗ ଗ୍ରହଣ ପାଇଁ ତ୍ୱରିତ ବ୍ୟବସ୍ଥା ଗ୍ରହଣ କରିବା ଜରୁରୀ। ଏଥିସହିତ ପୂଜା କମିଟିଗୁଡ଼ିକ ମଧ୍ୟ ସ୍ୱେଚ୍ଛାସେବୀ ନିୟୋଜିତ କରି ମହିଳା ଓ ଶିଶୁଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ମା' ଦୁର୍ଗାଙ୍କ ପୂଜା ନାରୀଶକ୍ତିର ଆରାଧନାର ପ୍ରତୀକ। ଏପରି ପବିତ୍ର ଉତ୍ସବ ସମୟରେ ଯଦି ନାରୀ ଓ ଶିଶୁମାନେ ନିଜକୁ ଅସୁରକ୍ଷିତ ମଣନ୍ତି, ତେବେ ଏହାଠାରୁ ବଡ଼ ବିଡ଼ମ୍ବନା ଆଉ କ'ଣ ହୋଇପାରେ? ଦେବୀଙ୍କ ଆରାଧନା ସହିତ ନାରୀଙ୍କ ସମ୍ମାନ ଓ ସୁରକ୍ଷାକୁ ମଧ୍ୟ ସମାନ ଗୁରୁତ୍ୱ ଦେବାକୁ ପଡ଼ିବ। ଏବେ ପ୍ରଶ୍ନ ହେଉଛି, ଏହି ଘଟଣାରୁ କେନ୍ଦ୍ରାପଡ଼ା ପୁଲିସ ଓ ଜିଲ୍ଲା ପ୍ରଶାସନ କେବେ ଚେତିବେ? ଗଜଲକ୍ଷ୍ମୀ ପୂଜା ପୂର୍ବରୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରାଯିବ ନା ଆଉ ଏକ ଅଘଟଣ ପରେ ହିଁ ପ୍ରଶାସନର ନିଦ ଭାଙ୍ଗିବ? ଏହାର ଉତ୍ତର ଅପେକ୍ଷାରେ ରହିଛନ୍ତି ଜିଲ୍ଲାବାସୀ।

କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କୁଇଓ,୧୮ ।୧୦(ସମିସ): ଆମ୍ବପାଳ ନତଡ଼ା ଉଚ୍ଚ ବିଦ୍ୟାଳୟ ପରିସରରେ ଉତ୍କଳ ଆଇକନିକ ସ୍ପୋର୍ଟ କ୍ଲବର ପତିପ୍ରଭଞ୍ଜନ ରାଜୀବରଞ୍ଜନ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଉଦଘାଟିତ ହୋଇଛି। ଉଦଘାଟନୀ ମ୍ୟାଚ ରାକସବାହାଲ ଓ ଦେଉଳବେଡ଼ା ମଧ୍ୟରେ ହୋଇଥିଲା। ରାକସବହାଲ ବିଜୟୀ ହେଇଛି। ଦ୍ୱିତୀୟ ମ୍ୟାଚ ଛେଣ୍ଡିପଦା ଓ ହାଣ୍ଡିଧୁଁଆ ମଧ୍ୟରେ ହୋଇଥିଲା। ହାଣ୍ଡିଧୂଆଁ ବିଜୟୀ ହୋଇଛି। ପ୍ରତିଯୋଗିତାରେ ୧୬ ଦଳ ଅଂଶଗ୍ରହଣ କରିଛନ୍ତି। ଆସନ୍ତା ୨୫ ତାରିଖ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ନତଡ଼ା ସରପଞ୍ଚ ପ୍ରଣତି ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ସମ୍ମାନିତ ଅଥିତି ଭାବେ ନତଡ଼ା ସମିତି ସଭ୍ୟ ସତ୍ୟନାରାୟଣ ମାଝୀ, ସମ୍ବଲପୁର ସାଂସଦଙ୍କ ବ୍ଲକ ପ୍ରତିନିଧି ବିଜୟ କୁମାର ମାଝୀ, ସମାଜସେବୀ ଯୁଧିଷ୍ଠିର ପ୍ରଧାନ, ଅରକ୍ଷିତ ପ୍ରଧାନ, ପୂର୍ବତନ ପ୍ରଧାନଶିକ୍ଷକ ପୀତବାସ ମାଝୀ, ନତଡ଼ା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ତ୍ରିଲୋଚନ ପ୍ରଧାନ, ବ୍ୟବସାୟୀ ଗୋବର୍ଦ୍ଧନ ସେଠୀ, ମନୋଜ ନାୟକ ପ୍ରମୁଖ ଯୋଗେଦେଇଥିଲେ। କ୍ଲବ ସଭାପତି ରାଜେଶ କୁମାର ପ୍ରଧାନ, ସଦସ୍ୟ ରାଜୁ ବିଶ୍ୱାଳ, ସୁଜିତ ସାହୁ, ସୂର୍ଯ୍ୟକାନ୍ତ ମାଝୀ, ସିଦ୍ଧାନ୍ତ ନାୟକ, ପ୍ରବୀର ନାୟକ, ସ୍ୱାଗତ ସାହୁ, ଅରଜିତ ସାହୁ, ଅବିନାଶ ବିଶ୍ୱାଳ, ପ୍ରିୟବ୍ରତ ନାୟକ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।

୬୬ତମ ଦୁର୍ଗାମାଧବ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଅନୁଗୋଳ,୧୮ ।୧୦(ସମିସ): ସ୍ଥାନୀୟ ତଳମୂଳ ହାଇସ୍କୁଲ ପଡ଼ିଆରେ ୬୬ତମ ଦୁର୍ଗାମାଧବ ଟୁର୍ଣ୍ଣାମେଣ୍ଟ ଉଦ୍ଘାଟିତ ହୋଇଛି। ଏହି ଅବସରରେ ଆୟୋଜିତ ଉଦ୍ଘାଟନୀ କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ସମ୍ପାଦକ ବିପ୍ଳବ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବିଶିଷ୍ଟ ଶିକ୍ଷାବିତ୍ ଅଭିରାମ ପଟ୍ଟନାୟକ, ତଳମୂଳ ଶାସନ ସରପଞ୍ଚ ଶିବାନୀ ଶତପଥୀ ଓ ସୋନାଲି ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଟୁର୍ଣ୍ଣାମେଣ୍ଟର ଉଦ୍ଘାଟନୀ ଦିବସରେ ତଳମୂଳ ଓ ଆଠମଲ୍ଲିକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଅଞ୍ଚଳରେ କ୍ରୀଡ଼ାର ବିକାଶ ଓ ଯୁବପିଢ଼ିଙ୍କ ମଧ୍ୟରେ ଖେଳ ପ୍ରତି ଆଗ୍ରହ ବୃଦ୍ଧି ଦିଗରେ ଏଭଳି ଟୁର୍ଣ୍ଣାମେଣ୍ଟର ଗୁରୁତ୍ ରହିଛି। ତରୁଣ କ୍ଲବର ସଭାପତି ପ୍ରଦୀପ ପଟ୍ଟନାୟକ ଓ ସମ୍ପାଦକ ସୁନୀଲ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

୨୩ରେ ରାଜା ସୌଭାଗ୍ୟ ଚନ୍ଦ୍ର ଦେବ ସ୍ମୃତି ବାର୍ଷିକ ପାଇକ ମହାସଭା

ତାଳଚେର,୧୮ ।୧୦(ସମିସ): ଆସନ୍ତା ୨୩ ତାରିଖ ତାଳଚେର ରାଜପ୍ରାସାଦରେ ରାଜା ସୌଭାଗ୍ୟ ଚନ୍ଦ୍ର ଦେବ ସ୍ମୃତି ବାର୍ଷିକ ପାଇକ ମହାସଭା ଅନୁଷ୍ଠିତ ହେବ। ଏ ନେଇ ତାଳଚେର ରାଜାସାହେବ ବିଜୟେନ୍ଦ୍ର ଚନ୍ଦ୍ର ଦେବ୍ ବୀରବର ହରିଚନ୍ଦନ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି। ସେ ଦିନ ତାଳଚେର ଏବଂ ଏହାର ନିକଟବର୍ତ୍ତୀ ଗ୍ରାମ ଯଥା; ବୁଢ଼ାପଙ୍କ, ସନ୍ଥପଡ଼ା, ଗୋପାଳପ୍ରସାଦ, କିଶୋରୀପାଳ, କଙ୍କାଳି, ରେଙ୍ଗାଲି, ବଜ୍ରକୋଟ, ଦେରେଙ୍ଗେ, କୁଲେଇ ସୁଲେଇପାଳ, ଝୁଲାଖୁଣ୍ଟିଆ, ପୁରାଗଡ଼ ଏବଂ ସର୍ଦ୍ଧାପୁରରୁ ପ୍ରାୟ ୧୫ଟି ପାଇକ ଦଳ ସକାଳ ୧୦ରେ ତାଳଚେର ଫାଷ୍ଟ ଗେଟ୍‌ଠାରେ ଏକତ୍ରିତ ହେବେ। ସେଠାରୁ ପାରମ୍ପରିକ କଳା କୌଶଳ ଓ ଶୃଙ୍ଖଳା ପ୍ରଦର୍ଶନ ପୂର୍ବକ ଶୋଭାଯାତ୍ରାରେ ସହର ପରିକ୍ରମା କରି ରାଜପ୍ରାସାଦ ଅଭିମୁଖେ ଯାତ୍ରା କରିବେ। କାର୍ଯ୍ୟକ୍ରମରେ ତାଳଚେର ରାଜା ବିଜୟେନ୍ଦ୍ର ଚନ୍ଦ୍ର ଦେବ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଏବଂ ଉପଜିଲ୍ଲାପାଳ ପ୍ରଜ୍ଞାନନ୍ଦନ ଗିରି ଅତିଥି ଭାବେ ଯୋଗଦେବେ। ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମାଆ ହିଙ୍ଗୁଳା ଗୋପାଳ ପ୍ରାସାଦରୁ ବାହାରି ରାଜପ୍ରାସାଦରେ ବିରାଜମାନ କରିବେ। ତେଣୁ ତାଳଚେରର ସମସ୍ତ ନାଗରିକ ଫାଷ୍ଟ ଗେଟ୍‌ରୁ ରାଜପ୍ରାସାଦ ପର୍ଯ୍ୟନ୍ତ ହେବାକୁ ଥିବା ଶୋଭାଯାତ୍ରାରେ ସାମିଲ ହେବା ସହ ରାଜପ୍ରାସାଦଠାରେ ମହାସଭାରେ ଯୋଗଦେବା ପାଇଁ ରାଜାସାହେବ ନିମନ୍ତ୍ରଣ କରିଛନ୍ତି।

ଅନଲରେ ୫୮ ବର୍ଷର ଦୁର୍ଗାପୂଜା ପରମ୍ପରା

ଭୁବନ,୧୮ ।୧୦(ସମିସ): ଭୁବନ ବ୍ଲକର ବିଭିନ୍ନ ଗ୍ରାମରେ ମଧ୍ୟ ଦୁର୍ଗାପୂଜାକୁ ନେଇ ଉତ୍ସବର ମାହୋଲ ଦେଖିବାକୁ ମିଳିଛି। ବ୍ଲକର ଅନଲ ଦୁର୍ଗାପୂଜା ପ୍ରତିଷ୍ଠାନରେ ଦୀର୍ଘ ୫୮ ବର୍ଷ ଧରି ମା'ଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ୧୯୬୯ ମସିହାରୁ ଏଠାରେ ପୂଜା ଆରମ୍ଭ ହୋଇଥିବା କୁହାଯାଏ। ଦୀର୍ଘବର୍ଷର ପରମ୍ପରା ଓ ଗ୍ରାମବାସୀଙ୍କ ଆସ୍ଥା ଏହି ପୂଜାକୁ ସ୍ୱତନ୍ତ୍ର ପରିଚୟ ଦେଇଛି। ସେହିପରି ଜିରାଳ ଚଣ୍ଡୀ ମନ୍ଦିର ପରିସରରେ ୧୯୭୮ ମସିହାରୁ ଦୁର୍ଗାପୂଜା ଆରମ୍ଭ ହୋଇଥିବାବେଳେ ଦୀଘି ଗ୍ରାମର ପଶ୍ଚିମ ସାହିରେ ୧୯୯୧ ମସିହାରୁ ମା'ଙ୍କ ପୂଜା କରାଯାଇଆସୁଛି। ମୃଦଙ୍ଗା ଗ୍ରାମର କ୍ଷତ୍ରିୟ ସାହିରେ ମଧ୍ୟ ଦୁର୍ଗାପୂଜାର ପରମ୍ପରା ରହିଛି। ବାଲିବୋ ପଞ୍ଚାୟତ ଅନ୍ତର୍ଗତ ଗଡ଼ଗହିଁପୁର ଗ୍ରାମରେ ୧୯୯୫ ମସିହାରୁ ପୂଜା ଆରମ୍ଭ ହୋଇଥିଲା। ଏହାବ୍ୟତୀତ ଯାଜପୁର ଜିଲ୍ଲା ସୁକିନ୍ଦା ବ୍ଲକ ସୀମାନ୍ତରେ ଥିବା ଢେଙ୍କାନାଳ ଜିଲ୍ଲାର ମୃଦଙ୍ଗା ପଞ୍ଚାୟତ ଅନ୍ତର୍ଗତ କୁଣ୍ଡା ଗ୍ରାମରେ ଦୀର୍ଘ ୨୭ ବର୍ଷ ଧରି ଶାନ୍ତିଶୃଙ୍ଖଳାର ସହ ମା'ଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ଚଳିତବର୍ଷ ଦ୍ୱିତୀୟଥର ପାଇଁ ପଳାଶପିଠିଆ ଗ୍ରାମରେ ମା' ଦୁର୍ଗାଙ୍କ ପୂଜା ଆୟୋଜନ କରାଯାଉଛି। ଏଥିପାଇଁ ଗ୍ରାମବାସୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଛି। ପ୍ରତ୍ୟୁଷ କରିଛାଟିଙ୍କ ନେତୃତ୍ୱରେ ପୂଜାର ଆୟୋଜନ କରାଯାଉଥିବା ଜଣାପଡ଼ିଛି। ପୁରୁଣା ପରମ୍ପରାକୁ ବଜାୟ ରଖିବା ସହ ନୂତନ ଉଦ୍ୟମ ମାଧ୍ୟମରେ ଗ୍ରାମାଞ୍ଚଳରେ ଦୁର୍ଗାପୂଜାର ଆକର୍ଷଣ ବଢ଼ିବାରେ ଲାଗିଛି। ମା' ଦୁର୍ଗାଙ୍କ ଆଗମନରେ ସାରା ଭୁବନ ଅଞ୍ଚଳ ଭକ୍ତିମୟ ହୋଇଉଠିଛି। ବିଭିନ୍ନ ପୂଜା ମଣ୍ଡପରେ ଧୂପ, ଦୀପ, ଘଣ୍ଟ, ଶଙ୍ଖ ଓ ହୁଳହୁଳିରେ ପରିବେଶ ପ୍ରକମ୍ପିତ ହେଉଥିବାବେଳେ ମା'ଙ୍କ ଦର୍ଶନ ପାଇଁ ଭକ୍ତମାନଙ୍କ ଆଗମନ ଜାରି ରହିଛି। ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ପୂଜା କମିଟିଗୁଡ଼ିକ ପକ୍ଷରୁ ବ୍ୟବସ୍ଥା କରାଯାଇଛି।

ସମ୍ପାଦକୀୟ

ଅନ୍ୟର ଜୀବନରେ ଦଖଲ ଦେଇ ତୁମ ଜୀବନର ମୂଲ୍ୟବାନ ସମୟ ନଷ୍ଟ କରନାହିଁ।
-ଷ୍ଟିଭ୍ ଜବ୍ସ୍

ସକାଳ
THE SAKALA

ଦେଶୀ ବନାମ ସରକାରୀ ମଦ

ଇଣ୍ଟରନେଟ୍ ବ୍ୟବହାର ମୌଳିକ ଅଧିକାରଭୁକ୍ତ। ଅଶ୍ଲୀଳ ଓ ଯୌନ ନିର୍ଯାତନା ଆଳରେ ଶିଶୁ ଓ କିଶୋରମାନଙ୍କୁ ଇଣ୍ଟରନେଟ୍ ବ୍ୟବହାରରୁ ସମ୍ପୂର୍ଣ୍ଣ ବାରଣ କରାଯାଇପାରିବ ନାହିଁ କି କଟକଣା ଜାରି କରିବା ଉଚିତ ନୁହେଁ। 'ଜଷ୍ଟ ରାଇଟ୍ ଫର ଚିଲ୍ଡ୍ରେନ୍ ଆଲାଏନ୍ସ' ନାମକ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଦାଖଲ ଆବେଦନର ପ୍ରାଥମିକ ଶୁଣାଣି ବେଳେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଶୃଙ୍ଖଳା, ଓ ସୁରକ୍ଷାକୁ ଗୁରୁତ୍ୱ ଦେଲେ ପରିସ୍ଥିତି ଅଧିକ ବିଗିଡ଼ିଯିବାର ଆଶଙ୍କା ଥିବାରୁ ଇଣ୍ଟରନେଟ୍ କଟକଣା ବଦଳରେ ଯୌନ ସଚେତନତାକୁ ଅଗ୍ରାଧିକାର ଦେବାକୁ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି।

ଆବେଦନକାରୀଙ୍କ ଯୁକ୍ତି ଅନୁଯାୟୀ ଶିଶୁ ଓ କିଶୋରମାନଙ୍କ ମସ୍ତିଷ୍କ ପରିପକ୍ୱ ହୋଇ ନ ଥିବାରୁ ସେମାନେ ଠିକ୍ ଭୁଲ୍ ଜାଣିପାରୁନାହାନ୍ତି। ତେଣୁ ଇଣ୍ଟରନେଟ୍‌ରେ ଉପଲବ୍ଧ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ସେମାନେ ପ୍ରଭାବିତ, କ୍ଷତିଗ୍ରସ୍ତ ଓ ପୀଡ଼ିତ ହେଉଛନ୍ତି। ଏଭଳି ଆପତ୍ତିଜନକ ଦୃଶ୍ୟଶ୍ରାବ୍ୟକୁ ନିୟନ୍ତ୍ରଣ କରିବାରେ ସାମାଜିକ ଗଣମାଧ୍ୟମ ସଂସ୍ଥାମାନେ ବିଫଳ ହୋଇଥିବା ମଧ୍ୟ ଆବେଦନକାରୀ ଅଭିଯୋଗ କରିଛନ୍ତି। ଏହାର ଉତ୍ତରରେ ଖଣ୍ଡପୀଠ କହିଛନ୍ତି ଯେ ଆପତ୍ତିଜନକ ସାଇଟ୍ ବନ୍ଦ କରିବା ବା କଟକଣା ଜାରି କରିବା କାର୍ଯ୍ୟ ସରକାରଙ୍କର। କିନ୍ତୁ କେତେକ ନିର୍ଦ୍ଦିଷ୍ଟ ସାଇଟ୍‌ର ଦ୍ୱାହି ଦେଇ ପିଲାମାନଙ୍କୁ ସମ୍ପୂର୍ଣ୍ଣ ରୂପେ ଇଣ୍ଟରନେଟ୍ ବ୍ୟବହାରରୁ ବାରଣ କରାଯାଇପାରିବ ନାହିଁ। ସୁରକ୍ଷା ବନାମ ସ୍ୱାଧୀନତା ପ୍ରସଙ୍ଗରେ ବିବାଦ ଉଠିବା ଠିକ୍ ନୁହେଁ। ଆପତ୍ତିଜନକ ସାଇଟ୍ ବନ୍ଦ କରିବା ପାଇଁ ଅଦାଲତ ପୂର୍ବରୁ ଯେଉଁ ନିର୍ଦ୍ଦେଶନାମା ଜାରି କରିଥିଲେ ତାହା କେତେଦୂର ଅଗ୍ରସର ହୋଇଛି ସେ ସମ୍ପର୍କରେ ଆଗାମୀ ଡିସେମ୍ବର ୧୦ ତାରିଖରେ ହେବାକୁ ଥିବା ଉପରୋକ୍ତ ମାମଲାର ପରବର୍ତ୍ତୀ ଶୁଣାଣିରେ ସତ୍ୟପାଠ ଦାଖଲ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

୨୦୨୦, ଜାନୁଆରୀ ୧୦ ତାରିଖରେ 'ଅନୁରାଧା ଭାସିନ୍ ବନାମ କେନ୍ଦ୍ର ସରକାର' ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଥିଲେ ଯେ ସମ୍ବିଧାନର ଧାରା ୧୯ (୧) (ଏ) ଏବଂ ୧୯ (୧) (ଜି) ଅନୁଯାୟୀ ବାକ୍ ସ୍ୱାଧୀନତା ଓ ଅଭିବ୍ୟକ୍ତିର ସ୍ୱାଧୀନତା ସହିତ ଇଣ୍ଟରନେଟ୍ ମାଧ୍ୟମରେ କୌଣସି ବ୍ୟବସାୟ କରିବା ସମ୍ବିଧାନ ପ୍ରଦତ୍ତ ମୌଳିକ ଅଧିକାରଭୁକ୍ତ। କିନ୍ତୁ ଇଣ୍ଟରନେଟ୍ ବ୍ୟବହାର ମୌଳିକ ଅଧିକାରଭୁକ୍ତ କି ନୁହେଁ ତାହାକୁ ଭବିଷ୍ୟତର ପ୍ରସଙ୍ଗ ଭାବେ ଅଭିହିତ କରି ଅଦାଲତ ଏଡ଼ାଇ ଯାଇଥିଲେ। କିନ୍ତୁ ୨୦୨୫ ଏପ୍ରିଲ୍ ମାସରେ 'ପ୍ରଜ୍ଞାପ୍ରସୂନ ବନାମ କେନ୍ଦ୍ର ସରକାର' ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ରାୟ ଦେଇଥିଲେ ଯେ ସମ୍ବିଧାର ଧାରା ୨୧ ଅନୁଯାୟୀ ସମସ୍ତ ବର୍ଗର ଜନସାଧାରଣଙ୍କ ପାଇଁ ଇଣ୍ଟରନେଟ୍ ଉପଲବ୍ଧ ନିଶ୍ଚିତ କରାଇବା ସରକାରଙ୍କ ଦାୟିତ୍ୱ। ଏବେ ଅନେକ ଅଞ୍ଚଳରେ ଇଣ୍ଟରନେଟ୍ ହିଁ ପିଲାମାନଙ୍କ ପାଇଁ ଶିକ୍ଷା ଆହରଣର ଏକମାତ୍ର ମାଧ୍ୟମ ହୋଇଛି। ବରଂ ମୋବାଇଲ୍ ଫୋନ୍ ଓ ଇଣ୍ଟରନେଟ୍ ବ୍ୟବହାରରେ ଚାଇଲ୍ଡ ମୋଡ୍ (କେବଳ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ) ବ୍ୟବସ୍ଥା ବିକଶିତ କଲେ ପିଲାମାନଙ୍କୁ ବିପଥଗାମୀ ହେବାରୁ ସୁରକ୍ଷା ଦିଆଯାଇପାରିବ ବୋଲି ଖଣ୍ଡପୀଠ ମତ ବ୍ୟକ୍ତ କରିଛନ୍ତି।

ଖଣ୍ଡପୀଠ ଶିଶୁ ଓ କିଶୋରମାନଙ୍କ ମନସ୍ତତ୍ତ୍ୱକୁ ଠିକ୍ ରୂପେ ପଢ଼ିପାରିଛନ୍ତି। ତେଣୁ କହିଛନ୍ତି ଯେ ଯଦି ସେମାନଙ୍କ ଅବାଧ ଉଣ୍ଟରନେଟ୍ ବ୍ୟବହାରକୁ ବାରଣ କରାଯାଏ ବା ସମ୍ପୂର୍ଣ୍ଣ କଟକଣା ଲଗାଯାଏ ତେବେ ସମସ୍ୟାର ସମାଧାନ ହୋଇଯିବ ନାହିଁ। ବରଂ ସେମାନେ ଲୁଚାଛପାରେ ଏହାର ବ୍ୟବହାର କରିବେ, ଯାହା ଅଧିକ ବିପଜ୍ଜନକ। ଖଣ୍ଡପୀଠଙ୍କ ଏହି ମନ୍ତବ୍ୟ ମଦ ନିଷେଧର ଔଚିତ୍ୟ ଅନୌଚିତ୍ୟ ପରି ଦ୍ୱନ୍ଦ୍ୱ ଓ ଯୁକ୍ତି ସହିତ ମେଳ ଖାଉଛି। ସମାଜର ଗୋଟିଏ ମହଲର ଯୁକ୍ତି ହେଉଛି ସରକାର ମଦ ଦୋକାନ ଓ ବିକ୍ରି ବନ୍ଦ କରିଦେଲେ ନିଶାମୁକ୍ତ ସମାଜ ଗଠନ ସମ୍ଭବ ହୋଇପାରନ୍ତା ଏବଂ ଅପରାଧ ହ୍ରାସ ପାଇପାରନ୍ତା। କିନ୍ତୁ ଭିନ୍ନମତବାଦୀଙ୍କ ଯୁକ୍ତି ହେଉଛି ଯଦି ସରକାରୀ ଅନୁମୋଦିତ ମଦ ଦୋକାନ ବନ୍ଦ ହୋଇଯାଏ ତେବେ ଚୋରାରେ ଦେଶୀ ଓ ଭେଜାଲ୍ ମଦ ବିକ୍ରି ବଢ଼ିବ, ଯାହାକୁ ନିୟନ୍ତ୍ରଣ କରିବା ସମ୍ଭବ ନୁହେଁ। ତେଣୁ ଲୋକମାନେ ଭେଜାଲ୍ ଓ ବିଷାକ୍ତ ମଦ ପିଇ ମୃତ୍ୟୁମୁଖରେ ପଡ଼ିପାରନ୍ତି। ବିହାରରେ ସରକାରୀ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ହୋଇସାରିଛି; କିନ୍ତୁ ମଦୁଆ ସଂଖ୍ୟାରେ ହ୍ରାସ ଘଟିନାହିଁ।

ବାସ୍ତବରେ ଇଣ୍ଟରନେଟ୍ ମଧ୍ୟ ସେଭଳି ଏକ ନିଶା ପାଲଟି ଯାଇଛି, ଯେଉଁଥିରେ ଆବାଳବୃଦ୍ଧବନିତା ଆସକ୍ତ ହୋଇସାରିଛନ୍ତି। ଏହି ଆସକ୍ତି ବଢ଼ି ଚାଲିଛି। ଖଣ୍ଡପୀଠଙ୍କ ଅନୁଭବ କରିବା ଭଳି ଯଦି ଆଜିର ଦିନରେ ଇଣ୍ଟରନେଟ୍ ବନ୍ଦ ହୋଇଯାଏ ତେବେ ଅଧିକାଂଶ ମାନସିକ ଭାରସାମ୍ୟ ହରାଇବାର ଆଶଙ୍କା ରହିଛି। ଶିଶୁମାନେ ଆହୁରି ସମ୍ବେଦନଶୀଳ ହୋଇଥିବାରୁ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଅଧିକ କ୍ଷତିଗ୍ରସ୍ତ ହୋଇପାରେ। ଅପରପକ୍ଷରେ ଇଣ୍ଟରନେଟ୍‌ରେ ଆସୁଥିବା ବିଭିନ୍ନ କଣ୍ଟେଣ୍ଟ ଶିଶୁ ଓ କିଶୋରମାନଙ୍କୁ ମତିଭ୍ରଷ୍ଟ ଓ ବିଚଳିତ କରୁଥିବାର ଅଭିଯୋଗ ମଧ୍ୟ କମ୍ ନୁହେଁ। ତେଣୁ ନୀତି ନିର୍ଦ୍ଧାରକଙ୍କ ପାଇଁ ବର୍ତ୍ତମାନ ସବୁଠାରୁ ବଡ଼ ଆହ୍ୱାନ ଯେ ଶିଶୁ ଓ କିଶୋରମାନଙ୍କ ପାଇଁ ଇଣ୍ଟରନେଟ୍ କଟକଣା ନିଷ୍ପତ୍ତିକୁ ବଳବତ୍ତର ରଖିବେ ନା ସମ୍ପୂର୍ଣ୍ଣ ଉନ୍ମୁକ୍ତ କରିଦେବେ। ଅର୍ଥାତ୍ ସରକାରୀ ମଦ ଓ ଦେଶୀ ମଦ ଭିତରୁ ଗୋଟିକୁ ବାଛିବା ଭଳି ଦ୍ୱନ୍ଦ୍ୱ ଇଣ୍ଟରନେଟ୍ ବ୍ୟବହାର କଟକଣାରେ ସୃଷ୍ଟି ହୋଇଛି। ଆମ ମତରେ ଦେଶୀ ମଦ ଉତ୍ପାଦନକୁ ସମ୍ପୂର୍ଣ୍ଣ ବିଲୋପ କରିସାରି ସରକାରୀ ମଦ ଦୋକାନ ବନ୍ଦ ହେବା ଶ୍ରେୟସ୍କର। ଅନୁରୂପ ଭାବେ କାମନା ଉଦ୍ଦୀପକ ସ୍ରୋତକୁ ବନ୍ଦ କରିଦେଲେ ଇଣ୍ଟରନେଟ୍ ପ୍ରତି ଆସକ୍ତି ଆପେ ଆପେ ଲୋପ ପାଇଯିବ। କିନ୍ତୁ ଏଥିରୁ ଯେଉଁ ବିପୁଳ ଅର୍ଥରାଶି ମିଳୁଛି (ଠିକ୍ ଅବକାରୀ ରାଜସ୍ୱ ପରି) ତାହାକୁ କେତେଦୂର ସରକାର ତ୍ୟାଗ କରିପାରିବେ ତାହା ହିଁ ଅସଲ ସମସ୍ୟା।

ଶକ୍ତି ଉପାସନାର ବୈଜ୍ଞାନିକ ମହତ୍ତ୍ୱ

ହେମନ୍ତ କୁମାର ଗନ୍ତାୟତ

ଆମ ସନାତନ ଧର୍ମର ସଂସ୍କୃତି ଅତୀବ ମହାନ୍ ଓ ବିଜ୍ଞାନସମ୍ମତ। ଏହାର ବ୍ୟାବହାରିକ ଓ ଆଧ୍ୟାତ୍ମିକ କର୍ମାଦି ବିଜ୍ଞାନ ଓ ଦାର୍ଶନିକ ତତ୍ତ୍ୱ ଉପରେ ଆଧାରିତ। ତେଣୁ ଏହି ଧର୍ମ ଯୁଗ ଯୁଗ ଧରି ମାନବ ସମାଜକୁ ଦିଗଦର୍ଶନ ଦେଇଚାଲିଛି। ସେଥିମଧ୍ୟରୁ ଅନ୍ୟତମ ହେଉଛି 'ଶକ୍ତି ଉପାସନା'। ଶକ୍ତି ଉପାସନା ତତ୍ତ୍ୱକୁ ଜାଣିବାକୁ ହେଲେ ସର୍ବପ୍ରଥମେ ଏହାର ଶାବ୍ଦିକ ଓ ଦାର୍ଶନିକ ଅର୍ଥକୁ ବୁଝିବାକୁ ହେବ।

'ଶକ୍ତି' ଶବ୍ଦର ସଂସ୍କୃତ ଅର୍ଥ 'କାୟଜନନସାମର୍ଥ୍ୟମ୍' - ଅର୍ଥାତ୍ 'କାୟ' ଅର୍ଥ ଶରୀର ବା କୋଷସମୂହ, 'ଜନନ' ଅର୍ଥ ଉତ୍ପନ୍ନ କରିବା ଏବଂ 'ସାମର୍ଥ୍ୟମ୍' ଅର୍ଥ କ୍ଷମତା। ସରଳ ଭାଷାରେ କହିବାକୁ ଗଲେ 'ସମସ୍ତ ବିଷୟ ସୃଷ୍ଟି କରିବାରେ ଯେ ସମର୍ଥା' ସେ ହେଉଛି 'ଶକ୍ତି'। ବିଜ୍ଞାନ ଅନୁସାରେ, କାର୍ଯ୍ୟ କରିବାର ସାମର୍ଥ୍ୟକୁ ଶକ୍ତି କୁହାଯାଏ। ସେଭଳି 'ଉପାସନା'ର ଅର୍ଥ ସେବା ବା ଶୁଶ୍ରୂଷା। ସଂସ୍କୃତରେ 'ଉପାସନମିତି' (ନିକଟରେ ବସିବା) କୁହାଯାଇଛି। ଅର୍ଥାତ୍ ଯାହାଙ୍କ ସମୀପରେ ବସି ଧ୍ୟାନ କଲେ ତାହାଙ୍କ ଗୁଣାଦି ହୃଦୟରେ ସଞ୍ଚାରିତ ହୁଏ ଏବଂ ପବିତ୍ରତା, ଶାନ୍ତି ଓ ଆନନ୍ଦ ମିଳେ ତାହାକୁ 'ଉପାସନା' କୁହାଯାଏ।

ଏହି ଶକ୍ତିକୁ ନେଇ ଆଧୁନିକ ପଦାର୍ଥ ବିଜ୍ଞାନ କହେ ଯେ; ବ୍ରହ୍ମାଣ୍ଡର କୌଣସି ବି ବସ୍ତୁ ସ୍ଥାୟୀ ନୁହେଁ, ସବୁ କିଛି ଶକ୍ତିର ଏକ ରୂପାନ୍ତର ମାତ୍ର। ଆଲବର୍ଟ ଆଇନଷ୍ଟାଇନଙ୍କ ପ୍ରସିଦ୍ଧ ସୂତ୍ର $E=mc^2$ ପ୍ରମାଣିତ କରେ ଯେ, ବସ୍ତୁତ୍ୱ ଏବଂ ଶକ୍ତି ପରସ୍ପରଠାରୁ ଭିନ୍ନ ନୁହନ୍ତି, ବରଂ ଗୋଟିଏ ଅନ୍ୟରେ ଦେଖାଯାଉଥିବା ରୂପ। ଆମ ଭାରତୀୟ ଋଷିମାନେ ହଜାର ହଜାର ବର୍ଷ ପୂର୍ବରୁ ଏହି ସତ୍ୟକୁ ଦର୍ଶନ ଶାସ୍ତ୍ର ମାଧ୍ୟରେ ପ୍ରକାଶ କରିଛନ୍ତି। ସେମାନେ କହିଥିଲେ ଯେ ସଂସାରର ପ୍ରତ୍ୟେକ କଣିକାରେ 'ଚିତ୍-ଶକ୍ତି' ବା 'ଚୈତନ୍ୟ ଶକ୍ତି' ବିଦ୍ୟମାନ ରହିଛି। ଯାହା ବିଶ୍ୱବ୍ରହ୍ମାଣ୍ଡର ମୂଳ ଆଧାର। ଏହା ଦ୍ୱାରା ହିଁ ସୃଷ୍ଟି, ସ୍ଥିତି ଓ ପ୍ରଳୟ ନିୟନ୍ତ୍ରିତ ହୋଇଥାଏ। ଆମ୍ଭେମାନେ ଯେଉଁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ କାଳୀ, ସରସ୍ୱତୀ ଓ ଲକ୍ଷ୍ମୀ କିମ୍ବା ନବଦୁର୍ଗା ଏବଂ ଦଶମହାବିଦ୍ୟାଙ୍କୁ ପୂଜା କରୁ, ସେମାନେ ପ୍ରକୃତରେ ପ୍ରକୃତିର ବିଭିନ୍ନ ଶକ୍ତି ଉତ୍ସର ପ୍ରତୀକ ଅଟନ୍ତି। ତେଣୁ ଦେବୀ ମାହାତ୍ମ୍ୟରେ କୁହାଯାଇଛି: 'ଯା ଦେବୀ ସର୍ବଭୂତେଷୁ ଶକ୍ତି ରୂପେଣ ସଂସ୍ଥିତା'।

ଏ ଶକ୍ତିକୁ ନେଇ ସାଂଖ୍ୟ ଦର୍ଶନର ପ୍ରବର୍ତ୍ତକ ମହର୍ଷି କପିଳ କହିଛନ୍ତି ଯେ, ପ୍ରକୃତି (ଶକ୍ତି) ହେଉଛି ସମଗ୍ର ବ୍ରହ୍ମାଣ୍ଡର ମୂଳକାରଣ। 'ସାଂଖ୍ୟ' ମତରେ ସମଗ୍ର ସୃଷ୍ଟିରେ ଦୁଇଟି ମୂଳ ତତ୍ତ୍ୱ ରହିଛି, ଯଥା: ପ୍ରକୃତି ଓ ପୁରୁଷ। ପ୍ରକୃତି ସତ୍ତ୍ୱ, ରଜଃ ଓ ତମଃ ତ୍ରିଗୁଣର ଅଧିକାରିଣୀ। ଏହି ଗୁଣଗୁଡ଼ିକ ଯେତେପର୍ଯ୍ୟନ୍ତ ସନ୍ତୁଳିତ ଥା'ନ୍ତି, ସୃଷ୍ଟି ଅବ୍ୟାକୃତ ଅବସ୍ଥାରେ ରହିଥାଏ ଏବଂ ଯେତେବେଳେ ସନ୍ତୁଳନ ବିଗିଡ଼ିଯାଏ ସୃଷ୍ଟିର ବିକାଶ ପ୍ରକ୍ରିୟା ଆରମ୍ଭ ହୁଏ। କିନ୍ତୁ 'ସାଂଖ୍ୟ' ମତରେ ପୁରୁଷ ନିଷ୍କ୍ରିୟ ଓ ଶୁଦ୍ଧ ଚେତନମୟ। ଏ ପୁରୁଷ କୌଣସି କାର୍ଯ୍ୟ କରନ୍ତି ନାହିଁ, ବରଂ କେବଳ ସାକ୍ଷୀ ଭାବେ ରହନ୍ତି। ଯେବେ ପ୍ରକୃତି ଓ ପୁରୁଷ ପରସ୍ପର ନିକଟତର ହୁଅନ୍ତି, ସେ ସମୟରେ ସୃଷ୍ଟିର ସର୍ଜନା ହୋଇଥାଏ। ପରନ୍ତୁ ଭୌତିକ ବିଜ୍ଞାନର ନିୟମ ଅନୁସାରେ ବ୍ରହ୍ମାଣ୍ଡରେ ଥିବା ମୋଟ ଶକ୍ତିର ପରିମାଣ ସର୍ବଦା ସମାନ ବା ସ୍ଥିର ରହେ। ଏହି ଶକ୍ତିକୁ କେବେ ସୃଷ୍ଟି କରାଯାଇପାରିବ ନାହିଁ କିମ୍ବା ନଷ୍ଟ କରିହେବ ନାହିଁ। ଏହା କେବଳ ନିଜର ରୂପ ବଦଳାଇଥାଏ। ଉଦାହରଣତଃ ଯେତେବେଳେ ଆମେ ହାତ ଦୁଇଟିକୁ ଘଷନ୍ତି, ସେତେବେଳେ ହାତର ଯାନ୍ତ୍ରିକ ଶକ୍ତି ଦ୍ୱାରା ତାହା ତାପଜ ଶକ୍ତିରେ ରୂପାନ୍ତରିତ ହୋଇଯାଏ। ଶକ୍ତି ଏଠାରେ ନଷ୍ଟ ହୁଏନାହିଁ, କେବଳ ରୂପ ବଦଳାଏ। ଯାହାକୁ 'ସାଂଖ୍ୟ ଦର୍ଶନ'ର 'ସତ୍କାର୍ଯ୍ୟବାଦ' ସିଦ୍ଧାନ୍ତରେ କୁହାଯାଇଛି: 'ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ'। ଅର୍ଥାତ୍, ଶୂନ୍ୟ ଅସତ୍ୟରୁ କିଛି ସୃଷ୍ଟି ହୋଇପାରିବ ନାହିଁ ଏବଂ ଯାହା ସତ୍ୟ ବା ଅଛି, ତା'ର କେବେ ସମ୍ପୂର୍ଣ୍ଣ ବିନାଶ ହୋଇପାରିବ ନାହିଁ।

ଶକ୍ତିର ମହତ୍ତ୍ୱ ଓ ଗୁରୁତ୍ୱ ବେଦାଦି ମନ୍ତ୍ରରେ ମଧ୍ୟ ଦେଖାଯାଏ। 'ଦେବୀ ସୂକ୍ତମ୍'ରେ କୁହାଯାଇଛି ଯେ: 'ଅହଂ ରୁଦ୍ରେଭିର୍ବସୁଭିଶ୍ଚରାମ୍ୟହମାଦିତ୍ୟୈରୁତ ବିଶ୍ୱଦେବୈଃ / ଅହଂ ମିତ୍ରାବରୁଣୋଭା ବିଭର୍ମ୍ୟହମିନ୍ଦ୍ରାଗ୍ନୀ ଅହମଶ୍ୱିନୋଭା' ଏଠାରେ ସ୍ୱୟଂ ବାଗ୍‌ଦେବୀ (ପରମାଶକ୍ତି) କହୁଛନ୍ତି 'ମୁଁ ହିଁ ରୁଦ୍ର, ବସୁ, ଆଦିତ୍ୟ ଏବଂ ସମସ୍ତ ବିଶ୍ୱଦେବଙ୍କ ସ୍ୱରୂପରେ ବିଚରଣ କରେ। ମୁଁ ହିଁ ମିତ୍ର, ବରୁଣ, ଇନ୍ଦ୍ର, ଅଗ୍ନି ଓ ଅଶ୍ୱିନୀକୁମାର ଦ୍ୱୟଙ୍କୁ ଧାରଣ କରିଛି।' ଅର୍ଥାତ୍ 'ବ୍ରହ୍ମାଣ୍ଡର ସମସ୍ତ ଶକ୍ତିର ଆଧାର ମୁଁ ହିଁ ଅଟେ।' ସେଭଳି 'ଶ୍ୱେତାଶ୍ୱତର' ଉପନିଷଦର 'ବ୍ରହ୍ମଶକ୍ତି' ମନ୍ତ୍ରରେ ବର୍ଣ୍ଣିତ ଅଛି - 'ପରାସ୍ୟ ଶକ୍ତିର୍ବିବିଧୈବ ଶ୍ରୂୟତେ ସ୍ୱାଭାବିକୀ ଜ୍ଞାନବଳକ୍ରିୟା ଚ।' ଅର୍ଥାତ୍ ବେଦାନ୍ତ ଅନୁସାରେ, ସେହି ପରମାତ୍ମାଙ୍କର ଶକ୍ତି ପରମ (ସର୍ବଶ୍ରେଷ୍ଠ) ଏବଂ ଏହା ବିଭିନ୍ନ ରୂପରେ ପ୍ରକାଶିତ ହୁଏ। ତାଙ୍କର ଜ୍ଞାନ, ବଳ ଓ କ୍ରିୟା ସ୍ୱାଭାବିକ ବା ସ୍ୱତଃସ୍ଫୂର୍ତ୍ତ ଅଟେ। ସେହିପରି ବୈଦିକ 'ଦେବୀ ସୂକ୍ତ' ମନ୍ତ୍ରରେ ଉଲ୍ଲେଖ ରହିଛି - 'ଅହଂ ରାଷ୍ଟ୍ରୀ ସଂଗମନୀ ବସୂନାଂ ଚିକିତୁଷୀ ପ୍ରଥମା ଯଜ୍ଞିୟାନାମ୍। ତାଂ ମା ଦେବା ବ୍ୟଦଧୁଃ ପୁରୁତ୍ରା ଭୂରିସ୍ଥାତ୍ରାଂ ଭୂର୍ଯ୍ୟାବେଶୟନ୍ତୀମ୍।' ଅର୍ଥ: ମୁଁ ହିଁ ସମଗ୍ର ସଂସାରର ସ୍ୱାମିନୀ (ରାଷ୍ଟ୍ରୀ), ଧନ ପ୍ରଦାନକାରୀ ଏବଂ ବ୍ରହ୍ମକୁ ଜାଣିଥିବା ଜ୍ଞାନୀମାନଙ୍କ ମଧ୍ୟରେ ପ୍ରଥମା। ପରମ ଚୈତନ୍ୟା ରୂପରେ ବିଭିନ୍ନ ଦେବତାମାନେ ମୋତେ ବିଭିନ୍ନ ସ୍ଥାନରେ ପୂଜା କରନ୍ତି, କାରଣ ମୁଁ ପ୍ରତ୍ୟେକ ଜୀବ ମଧ୍ୟରେ ଅନ୍ତର୍ଯ୍ୟାମିନୀ ରୂପରେ ବାସ କରେ।

ଏହି ତତ୍ତ୍ୱକୁ ଉପଲବ୍ଧି କରି ଆମର ପୂର୍ବ ସୂରିମାନେ ବିବିଧ ଉପାୟ ମାଧ୍ୟମରେ ଭାରତୀୟ ସଂସ୍କୃତିରେ ଏହାକୁ ସ୍ଥାନିତ କରିଛନ୍ତି। କାରଣ ବିନା ଶକ୍ତିରେ କୌଣସି କାର୍ଯ୍ୟର ଉତ୍ପତ୍ତି ଅସମ୍ଭବ। ଆମେ ଜାଣିଛେ ଗ୍ରହ ଓ ନକ୍ଷତ୍ରମାନଙ୍କର ପ୍ରଭାବ ଜୀବଜଗତ ଉପରେ ପଡ଼ିଥାଏ ଏବଂ ସୂର୍ଯ୍ୟଙ୍କ ଚଳନ ଯୋଗୁଁ ଋତୁ ପରିବର୍ତ୍ତନ ହୁଏ। ସାଧାରଣତଃ ଛଅ ଋତୁ ମଧ୍ୟରୁ ଚାରୋଟି ଋତୁ ଶକ୍ତି ଉପାସନା ନିମନ୍ତେ ପ୍ରସସ୍ତ; ଯଥା: ଗ୍ରୀଷ୍ମ, ବର୍ଷା, ଶରତ ଓ ବସନ୍ତ। କାରଣ ଏହାପଛରେ ଗଭୀର ଦାର୍ଶନିକ ଓ ବୈଜ୍ଞାନିକ କାରଣ ଲୁଚି ରହିଛି। ଏହି ଋତୁମାନଙ୍କୁ ଜଳବାୟୁ ପରିବର୍ତ୍ତନର ସନ୍ଧିକ୍ଷଣ ବୋଲି ଧରାଯାଏ। ଏହା ସିଧାସଳଖ ମାନବ ଶରୀର ଓ ପ୍ରକୃତି ଉପରେ ପ୍ରଭାବ ପକାଇଥାଏ। ବିଜ୍ଞାନ ଅନୁସାରେ, ଏହି କାଳରେ ପାଣିପାଗରେ ବଡ଼ଧରଣର ପରିବର୍ତ୍ତନ ହୋଇଥାଏ। ଯାହାଫଳରେ ବାୟୁମଣ୍ଡଳରେ ଜୀବାଣୁ ଓ ଭୂତାଣୁ ଆଦି ସକ୍ରିୟ ହୋଇ ଉଠନ୍ତି। ଏଥିଯୋଗୁଁ ମାନବ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିର ହ୍ରାସ ଘଟେ। ଏସବୁର ନିରାକରଣ ପାଇଁ ବ୍ରତ, ଉପବାସ ଓ ସାତ୍ତ୍ୱିକ ଆହାର ଗ୍ରହଣ କରିବା ନିୟମ କରାଯାଇଛି। ତେଣୁ ଏ ସମୟରେ ହାଲୁକା ବା ସୀମିତ ଖାଦ୍ୟ ଖାଇଲେ ପାଚନ ତନ୍ତ୍ର ସୁସ୍ଥ ରହେ ଏବଂ ଶରୀରରୁ ଦୂଷିତ ପଦାର୍ଥ ବାହାରିଯାଏ।

ଆଧ୍ୟାତ୍ମିକ ଓ ଦାର୍ଶନିକ ଶାସ୍ତ୍ର ଅନୁଯାୟୀ ଶିବଙ୍କୁ 'ପୁରୁଷ' ଏବଂ ଶକ୍ତିଙ୍କୁ 'ପ୍ରକୃତି' ବୋଲି କୁହାଯାଇଛି। ଯେତେବେଳେ ପ୍ରକୃତି ନିଜର ରୂପ ବଦଳାଏ ବା ଋତୁ ପରିବର୍ତ୍ତନ ହୁଏ, ସେତେବେଳେ ଜଗତର ମଙ୍ଗଳ ପାଇଁ ଆଦ୍ୟାଶକ୍ତିଙ୍କୁ ଆରାଧନା କରାଯାଏ। ଯେପରି ଆଶ୍ୱିନରେ ଶାରଦୀୟ, ଚୈତ୍ରରେ ବାସନ୍ତିକ, ଆଷାଢ଼ ଓ ମାଘ ମାସରେ ଗୁପ୍ତ ନବରାତ୍ର ଭାବରେ। ଏହାକୁ ପାଳନ କରିବା ଦ୍ୱାରା ଆମର ଆତ୍ମବିଶ୍ୱାସର ବୃଦ୍ଧି ଘଟିଥାଏ ଏବଂ ମାନସିକ ସ୍ତରରେ ଆମ ଭିତରେ ଥିବା କାମ, କ୍ରୋଧ, ଲୋଭ, ମୋହ, ମଦ ଓ ମାତ୍ସର୍ଯ୍ୟ ଭଳି ଆସୁରିକ ପ୍ରବୃତ୍ତିଗୁଡ଼ିକ ନାଶ ହୋଇଥାଏ। ଏଥିସହିତ ଆଧ୍ୟାତ୍ମିକ ଚେତନା ଜାଗ୍ରତ ହୁଏ, ଯାହା ଶକ୍ତି ଉପାସନା ବା ପୂଜାର ମୁଖ୍ୟ ଉଦ୍ଦେଶ୍ୟ।

ଭାରତୀୟ ସଂସ୍କୃତିରେ ଶକ୍ତି ଉପାସନା କେବଳ ଧାର୍ମିକ କର୍ମକାଣ୍ଡ ନୁହେଁ, ବରଂ ଏହା ଏକ ଆଧ୍ୟାତ୍ମିକତା ଆଭରଣରେ ଆବୃତ୍ତର ସମ୍ପୂର୍ଣ୍ଣ ବିଜ୍ଞାନ। ଅନେକ ସମୟରେ ଧାର୍ମିକ ରୀତିନୀତିକୁ କେବଳ ଅନ୍ଧବିଶ୍ୱାସ ବୋଲି ଭାବି ନିଆଯାଏ, କିନ୍ତୁ ଶକ୍ତି ଉପାସନା ପଛରେ ଗଭୀର ବିଜ୍ଞାନର ବିଶେଷ କାରଣ ଓ ମନୋବୈଜ୍ଞାନିକ ରହସ୍ୟ ଲୁଚି ରହିଛି। ଆମର ପୂର୍ବପୁରୁଷମାନେ ଅନୁଭବ କରି, ବିଜ୍ଞାନର ଜଟିଳ ତତ୍ତ୍ୱକୁ ସାଧାରଣ ଲୋକଙ୍କ ସହଜ ବୋଧଗମ୍ୟ କରିବା ପାଇଁ ଏହାକୁ ପୂଜା ଓ ପରମ୍ପରା ନାମରେ ରୂପ ଦେଇ ଯାଇଛନ୍ତି। ଆଜିର ଆଧୁନିକ ସମାଜରେ ଯଦି ଆମେ ଏହାର ବୈଜ୍ଞାନିକ ମହତ୍ତ୍ୱକୁ ବୁଝି ଶକ୍ତି ଉପାସନା କରିବା, ତେବେ ଆମେ ଶାରୀରିକ, ମାନସିକ ଏବଂ ପରିବେଶଗତ ସ୍ତରରେ ଉପକୃତ ହୋଇପାରିବା।

(ବରିଷ୍ଠ ଦର୍ଶନ ଅଧ୍ୟାପକ, ସଂସ୍କୃତ ମହାବିଦ୍ୟାଳୟ)
କବିସୂର୍ଯ୍ୟ ନଗର (ଗଞ୍ଜାମ)
ମୋ: ୯୮୬୧୩୩୪୮୬୮

ଦଶହରାର ଆଧ୍ୟାତ୍ମିକ ଚେତନା

ସୁନୀଲ କୁମାର ଅଗସ୍ତି

ଆତ୍ମା ସମ୍ବନ୍ଧୀୟ ତଥା ସାଧିତ ଶବ୍ଦ 'ଆଧ୍ୟାତ୍ମିକ' ଆମ ଜୀବନରେ ଗଭୀର ପ୍ରଭାବ ପକାଇଥାଏ। ଏ ଶବ୍ଦକୁ ଯିଏ ଜୟ କରିଛି ସେ ହୁଏତ ମାନବିକତାର ଚରମସୀମାକୁ ସ୍ପର୍ଶ କରିଛି। ଆଧ୍ୟାତ୍ମିକ ଅନ୍ୱେଷା ଓ ଉତ୍ସବମୁଖର ଜୀବନବୋଧ ହେଉଛି ଭାରତୀୟ ସଂସ୍କୃତିର ସାରସତ୍ତା। ଏଠାରେ ପର୍ବପର୍ବାଣି କେବଳ ଲୌକିକ ପ୍ରମୋଦର ମାଧ୍ୟମ ନୁହେଁ, ବରଂ ମାନବୀୟ ଚେତନାର ଊର୍ଦ୍ଧ୍ୱଗମନ ପାଇଁ ଏକ ଶାଶ୍ୱତ ମଞ୍ଚ। ଶାରଦୀୟ ନିର୍ମଳତା, ସେଫାଳିକାର ସୁରଭି ଏବଂ କାଶତଣ୍ଡୀର ଶ୍ୱେତ ଶୋଭା ମଧ୍ୟରେ ସମଗ୍ର ଜାତି ଯେତେବେଳେ ମହାମାୟା ଆଦ୍ୟାଶକ୍ତିଙ୍କ ଆରାଧନାରେ ବ୍ରତୀ ହୁଏ, ସେତେବେଳେ ସୃଷ୍ଟି ହୁଏ 'ଦଶହରା' ବା 'ବିଜୟା ଦଶମୀ'ର ଏକ ଦିବ୍ୟ ପରିବେଶ। ଏହି ଉତ୍ସବ କେବଳ ବାହ୍ୟ ଚାକଚକ୍ୟ ବା ମୃଣ୍ମୟୀ ମୂର୍ତ୍ତିର ପୂଜାରେ ସୀମିତ ନୁହେଁ, ବରଂ ଏହା ମାନବାତ୍ମାର ଅନ୍ତର୍ନିହିତ ସୁପ୍ତ ଆଧ୍ୟାତ୍ମିକ ଚେତନାକୁ ଜାଗ୍ରତ ଓ ରୂପାନ୍ତରିତ କରିବାର ଏକ ଅନନ୍ୟ ମାଧ୍ୟମ।

ଦଶହରାର ପୃଷ୍ଠଭୂମିରେ ଥିବା ପୌରାଣିକ ଆଖ୍ୟାନଗୁଡ଼ିକ ଗଭୀର ମାନସିକ ଓ ଆଧ୍ୟାତ୍ମିକ ରହସ୍ୟ ବହନ କରନ୍ତି। ଦେବଗଣଙ୍କ ସାମୂହିକ ତେଜରୁ ଆବିର୍ଭୂତା ମହିଷାସୁରମର୍ଦ୍ଦିନୀ ଦୁର୍ଗାଙ୍କ ଦ୍ୱାରା ଆସୁରିକ ଶକ୍ତିର ବିନାଶ ଏବଂ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଦ୍ୱାରା ଦଶାନନ ରାବଣର ନିଧନ ହେବା - ଏ ଦୁଇଟିଯାକ ଘଟଣା କେବଳ ପୌରାଣିକ ପୃଷ୍ଠାରେ ନୁହେଁ, ବରଂ ଏହା ସୂଚାଇ ଦିଏ ଯେ ସଂସାରରେ ତାମସିକ ଓ ଆସୁରିକ ଶକ୍ତି ଯେତେ ଶକ୍ତିଶାଳୀ ମନେ ହେଲେ ମଧ୍ୟ ଶେଷରେ ସତ୍ୟ ଓ ଧର୍ମର ବିଜୟ ନିଶ୍ଚିତ। ଏହା 'ତମସୋ ମା ଜ୍ୟୋତିର୍ଗମୟ'ର ଏକ ଚିରନ୍ତନ ଉଦଘୋଷଣା।

ତାତ୍ତ୍ୱିକ ଦୃଷ୍ଟିକୋଣରୁ ବିଚାର କଲେ ମହଷାସୁର କିମ୍ବା ରାବଣ କୌଣସି ବାହ୍ୟ ସ୍ଥୂଳ ସତ୍ତା ନୁହନ୍ତି, ବରଂ ସେମାନେ ହେଉଛନ୍ତି ମାନବ ମନର ବିକୃତି ଓ ଅରିଷଡ଼ବର୍ଗର ପ୍ରତୀକ। କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଏବଂ ଚରମ ଅହଂକାର ହିଁ ମଣିଷ ଭିତରେ ଥିବା ପ୍ରକୃତ ଆସୁରିକ ପ୍ରବୃତ୍ତି। ଯେତେବେଳେ ମାନବ ମନରେ ଏହି ତାମାସିକତାର ପ୍ରାଦୁର୍ଭାବ ବୃଦ୍ଧି ପାଏ ସେତେବେଳେ ବିବେକ ଓ ପ୍ରଜ୍ଞାର ଅବକ୍ଷୟ ଘଟେ। ଦଶହରାର ଆଧ୍ୟାତ୍ମିକ ସନ୍ଦେଶ ହେଉଛି ନିଜ ଅନ୍ତଃକରଣରେ ଲୁଚି ରହିଥିବା ଏହି ଦୁର୍ଗୁଣରୂପୀ ଅସୁରକୁ ଚିହ୍ନଟ କରି ତାହାର ସମୂଳ ନାଶ କରିବା। ବାହ୍ୟ ଶତ୍ରୁକୁ ପରାଜିତ କରିବା ଅପେକ୍ଷା ଅନ୍ତରର ବିକାରକୁ ଜୟ କରି ଦେବତ୍ୱର ପ୍ରତିଷ୍ଠା କରିବା ହିଁ ଏହି ଚଟନାର ମୂଳ ଆଧ୍ୟାତ୍ମିକ ଲକ୍ଷ୍ୟ।

ଦଶହରା ପୂର୍ବରୁ ଅନୁଷ୍ଠିତ ଶାରଦୀୟ 'ନବରାତ୍ର' ହେଉଛି କୃଚ୍ଛ୍ର ସାଧନା, ସଂଯମ ଏବଂ ଆତ୍ମଶୁଦ୍ଧିର ପବିତ୍ର ଅବଧି। ମା ଦୁର୍ଗାଙ୍କର 'ନବଦୁର୍ଗା' ସ୍ୱରୂପ -ଶୈଳପୁତ୍ରୀଙ୍କ ଠାରୁ ସିଦ୍ଧିଦାତ୍ରୀ ପର୍ଯ୍ୟନ୍ତ ମାନବୀୟ ଚେତନାର କ୍ରମବିକାଶ ଓ ସୋପାନରୋହଣକୁ ପ୍ରତିଫଳିତ କରିଥାଏ। ବ୍ରତ, ନିରାହାର, ମନ୍ତ୍ରପାଠ ଏବଂ ଗଭୀର ଧ୍ୟାନ ମାଧ୍ୟମରେ ସାଧକ ତା'ର ସ୍ଥୂଳ, ସୂକ୍ଷ୍ମ ଓ କାରଣ ଶରୀରକୁ ପବିତ୍ର କରେ। ଯୋଗଶାସ୍ତ୍ର ଅନୁଯାୟୀ ଏହି ପ୍ରକ୍ରିୟା ଦ୍ୱାରା ମାନବ ଶରୀରସ୍ଥ କୁଣ୍ଡଳିନୀ ଶକ୍ତି ମୂଳାଧାରରୁ ସହସ୍ରାର ଚକ୍ର ଆଡ଼କୁ ଊର୍ଦ୍ଧ୍ୱଗାମୀ ହୁଏ। ଦଶମୀ ତିଥିରେ ସାଧକ ସମସ୍ତ ମାୟା ବନ୍ଧନରୁ ମୁକ୍ତ ହୋଇ ପରମ ଚେତନା ବା ଦିବ୍ୟ ଆଧ୍ୟାତ୍ମିକ ବିଜୟର ଆନନ୍ଦ ଉପଲବ୍ଧି କରେ।

ଉତ୍ସବର ଚୂଡ଼ାନ୍ତ ପର୍ବ 'ବିଜୟା ଦଶମୀ' କେବଳ ସାମରିକ ବିଜୟର ଉତ୍ସବ ନୁହେଁ, ବରଂ ଏହା ହେଉଛି ପ୍ରେମ, କ୍ଷମା ଓ ସହଭାଗିତାର ମହାନ ସଂହିତା। ଏହିଦିନ କରାଯାଉଥିବା 'ଅପରାଜିତା' ପୂଜା ଆମର ଅଦମ୍ୟ ଆତ୍ମଶକ୍ତିକୁ ସୂଚୀତ କରିଥାଏ ଯାହା କଦାପି ପରାଜୟ ସ୍ୱୀକାର କରେ ନାହିଁ। ବିଜୟା ଦଶମୀର ସାମାଜିକ କ୍ରିୟାକଳାପ ଯଥା- ପରସ୍ପରକୁ ଆଲିଙ୍ଗନ କରିବା, ଗୁରୁଜନ ପୂଜନ ଏବଂ ପୂର୍ବ ଶତ୍ରୁତାକୁ ସଂହାର କରି ମୈତ୍ରୀ ସ୍ଥାପନ କରିବା ମାନବୀୟ ସଂପର୍କକୁ ପୁନର୍ଜୀବିତ କରେ। ଏହା ବ୍ୟକ୍ତିଗତ ଅହଂକାରକୁ ବିସର୍ଜନ କରି ସମଷ୍ଟିଗତ କଲ୍ୟାଣ ସାଧନ କରିବାର ଆଧ୍ୟାତ୍ମିକ ପ୍ରେରଣା ପ୍ରଦାନ କରିଥାଏ।

ସାଂପ୍ରତିକ ଉପଭୋକ୍ତାବାଦୀ ଓ ଯାନ୍ତ୍ରିକ ସଭ୍ୟତାରେ ଦଶହରାର ଆଧ୍ୟାତ୍ମିକ ଚେତନା ଅତ୍ୟନ୍ତ ପ୍ରାସଙ୍ଗିକ ମନେହୁଏ। ସୁଖର ମରୀଚିକା ପଛରେ ଦୌଡୁଥିବା ମଣିଷ ନିଜର ଆଜିକ ଶାନ୍ତି ହରାଇ ମାନସିକ ବିକ୍ଷିପ୍ତତାର ଶିକାର ହେଉଛି। ସମାଜରେ ବୃଦ୍ଧି ପାଉଥିବାର ହିଂସା, ସାମାଜିକ ଅବକ୍ଷୟ, ଭ୍ରଷ୍ଟାଚାର ଓ ନାରୀ ନିର୍ଯାତନା ଭଳି ଆସୁରିକ ପ୍ରବୃତ୍ତିକୁ ପ୍ରତିହତ କରିବା ପାଇଁ ମାତୃଶକ୍ତିର ଆବାହନ ଅପରିହାର୍ଯ୍ୟ। କେବଳ ମୃଣ୍ମୟୀ ପ୍ରତିମାର ବାହ୍ୟ ପୂଜା କରି ଯଦି ଆମେ ନିଜ ଭିତର ଚିନ୍ମୟୀ ସତ୍ତାକୁ ଅନାଦର କରିବା ଏବଂ ନାରୀ ଜାତିକୁ ଅସମ୍ମାନ କରିବା ତେବେ ଉତ୍ସବର ମୂଲ୍ୟବୋଧ ଧୂଳିସାତ ହୋଇଯିବ। ପ୍ରକୃତ ପୂଜା ହେଉଛି ନିଜ ମଧ୍ୟରେ ଥିବା ବିବେକକୁ ଜାଗ୍ରତ କରି ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା। କାରଣ ଆଧ୍ୟାତ୍ମିକ ଚେତନାର ଜାଗରଣରେ ହିଁ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସମ୍ଭବ ହୋଇଥାଏ।

ଦଶହରା ଏକ କାଳଖଣ୍ଡର ପାରମ୍ପରିକ ପୁନରାବୃତ୍ତି ନୁହେଁ। ଏହା ମାନବ ସଭ୍ୟତାକୁ ଆଲୋକିତ କରୁଥିବା ଏକ ଅନିର୍ବାଣ ଦୀପଶିଖା। ଏହା ଅଜ୍ଞାନର ଅନ୍ଧକାରକୁ ପ୍ରଜ୍ଞାର ଆଲୋକ ଆଡ଼କୁ ଏବଂ ବିନାଶରୁ ବିକାଶ ଆଡ଼କୁ ଗତି କରିବାର ମାର୍ଗଦର୍ଶନ କରେ। 'ଦୁର୍ଗା' ଶବ୍ଦର ତାତ୍ତ୍ୱିକ ଅର୍ଥ ହେଉଛି ଦୁର୍ଗତିରୁ ପରିତ୍ରାଣ ଦେଉଥିବା ମହାଶକ୍ତି। ତେଣୁ ଏହି ଶାରଦୀୟ ମହୋତ୍ସବରେ ଆମେ ସମସ୍ତେ ନିଜର ସଂକୀର୍ଣ୍ଣତା, କୁପ୍ରବୃତ୍ତି ଓ ସ୍ୱାର୍ଥପରତାକୁ ବିସର୍ଜନ କରି ସମାଜରେ ନ୍ୟାୟ, କରୁଣା ଓ ବିଶ୍ୱ ଭ୍ରାତୃଭାବ ପ୍ରତିଷ୍ଠା କରିବା ପାଇଁ ସଂକଳ୍ପବଦ୍ଧ ହେବା ଉଚିତ। ଏହି ମାନବୀୟ ସଂସ୍କାର ଓ ଚେତନାର ଅଭ୍ୟୁଦୟ ହିଁ ଦଶହରାର ବାସ୍ତବ ଆଧ୍ୟାତ୍ମିକ ସାର୍ଥକତା।

ଟିଟିଲାଗଡ଼ (ବଲାଙ୍ଗୀର),
ମୋ: ୯୮୨୭୭୦୨୧୫୧

ଆମ ବୃକ୍ଷଲତା ଆମ ଜୀବନ

ପ୍ରକୃତି-ପରିବେଶ

ଡାଲଚିନି
(Ceylon cinnamon- Cinnamomum verum)

ସୌଭାଗ୍ୟସୁନ୍ଦର

ଡାଲଚିନି ଶ୍ରୀଲଙ୍କା ଓ ଭାରତର ଦକ୍ଷିଣ ରାଜ୍ୟଗୁଡ଼ିକର ମୂଳଜାତ ଉଦ୍ଭିଦ। ଏହା ଏକ ଗୁରୁତ୍ୱପୂର୍ଣ୍ଣ ରୋଷେଇ ମସଲା ଉପାଦାନ ଗଛ ଏବଂ ଏହାର ଔଷଧୀୟ ଗୁଣ ପାଇଁ ଜଣାଶୁଣା। ବିଶ୍ୱର ଉଷ୍ଣମଣ୍ଡଳୀୟ ଏବଂ ଉପଉଷ୍ଣମଣ୍ଡଳୀୟ ଅଞ୍ଚଳରେ ଏହାର ଚାଷ କରାଯାଏ।

ଏହା ଏକ ଛୋଟ ଚିରହରିତ୍, ଘନ ପତ୍ରଯୁକ୍ତ ବୃକ୍ଷ, ଯାହା ବୁଦା ଭାବରେ ବଢ଼ିଥାଏ, ସାଧାରଣତଃ ପ୍ରାୟ ୩ ମିଟର ଉଚ୍ଚତାରେ ପହଞ୍ଚିଥାଏ। କାଣ୍ଡ ଓ ଗଣ୍ଡିର ବାହାର ଛାଲି ତଳେ ପତଳା, ମସୃଣ ଓ ମଧୁର ଗନ୍ଧଯୁକ୍ତ ମାଟିଆ ଭିତର ଛାଲି ଥାଏ। ପତ୍ରଗୁଡ଼ିକ ସରଳ, ବିକଳ୍ପ, ୭-୧୮ ସେମି ଲମ୍ବା। ଧାରଗୁଡ଼ିକ ମସୃଣ, ଚକ୍‌ଚକିଆ, ସାଧାରଣତଃ ଅଣ୍ଡାକାର, ଶିରାଗୁଡ଼ିକ ପ୍ରାୟ ପରସ୍ପର ସହିତ ସମାନ୍ତରାଳ ଥାଏ। କଁଅଳିଆ ନୂତନ ପତ୍ରଗୁଡ଼ିକ ଲାଲ ରଙ୍ଗ ହୋଇଥିବା ବେଳେ ପରିପକ୍ୱ ହେଲେ ଗଭୀର ସବୁଜ ରଙ୍ଗକୁ ରୂପାନ୍ତରିତ ହୋଇଯାଏ। ଫୁଲଗୁଡ଼ିକ ଛୋଟ, ସବୁଜ-ହଳଦିଆ ରଙ୍ଗ ଏବଂ ଏକ ସ୍ୱତନ୍ତ୍ର ସୁଗନ୍ଧ ଯୁକ୍ତ। ଫଳଟିରେ ଗୋଟିଏ ବିହନ ଥାଏ। ଏହା ବାଇଗଣୀ ରଙ୍ଗର; ମଣିଷ ଖାଇବା ପାଇଁ ଉପଯୁକ୍ତ ନୁହେଁ। ଗଛର ଭିତର ଛାଲିକୁ ଡାଲଚିନି ମସଲା ଭାବରେ ବିବେଚନା କରାଯାଏ।

ଡାଲଚିନିରେ ମଧୁମେହ, ଏଚଆଇଭି, ମାନସିକ ରୋଗ, ଚିନ୍ତା, ଆଲଜାଇମର, ପାର୍କିନ୍ସନ, ପ୍ରଦାହ ଓ କର୍କଟ ରୋଗ ପ୍ରତିରୋଧକ ଶକ୍ତି ରହିଛି। ଏଥିରେ ଆଣ୍ଟିମାଇକ୍ରୋବାୟଲ୍, କ୍ଷତ ଉପଶମ, କୀଟନାଶକ ଗୁଣ ମଧ୍ୟ ରହିଛି। ଏହା ଗର୍ଭାଶୟରେ ରକ୍ତ ସଞ୍ଚାଳନକୁ ବୃଦ୍ଧି କରେ, କୋଷ ପୁନରୁତ୍ପତ୍ତି ତ୍ୱରାନ୍ୱିତ କରିପାରେ। ଏହି ଗଛରେ ବିଭିନ୍ନ ପ୍ରକାରର ଯୌଗିକ ରାସାୟନିକ ଉପାଦାନ ଏବଂ ତୈଳ ଥାଏ, ଯେପରିକି ସିନାମଲ୍‌ଡିହାଇଡ୍, ସିନାମେଟ୍, ସିନାମିକ୍ ଏସିଡ୍, ସିନାମିଲ୍ ଆସେଟେଟ୍, କୋପେନ୍, କର୍ପୂର, ଇତ୍ୟାଦି। ଏଥିରେ ୦.୫ ରୁ ୧ ପ୍ରତିଶତ ଅତ୍ୟାବଶ୍ୟକ ତୈଳ ଥାଏ, ଯାହାର ମୁଖ୍ୟ ଉପାଦାନ ହେଉଛି ସିନାମିକ୍ ଆଲଡିହାଇଡ୍। ଆଲଡିହାଇଡ୍ସ, ଆଲକୋହଲ୍ସ, ଏଷ୍ଟର, ଫିନୋଲ୍ସ, ଏସିଡ୍, ମନୋଟରପେନ୍ସ, ଡାଇଟରପେନ୍ସ, ସେସ୍କ୍ୱିଟରପେନ୍ସ, ବେଞ୍ଜୋପାୟାରନ୍ସ, ହାଇଡ୍ରୋକାର୍ବନ ଏବଂ ଫ୍ଲାଭୋନଏଡ୍ସ ଏଥିରେ ମିଳୁଥିବା ରାସାୟନିକ ପଦାର୍ଥ ମଧ୍ୟରୁ ଅନ୍ୟତମ। ଉଦ୍ଭିଦର ବିଭିନ୍ନ ଅଂଶରେ ସିନାମିକ ଏସିଡ୍, ଫେରୁଲିକ୍ ଏସିଡ୍, କାଫିକ୍ ଏସିଡ୍, ଗାଲିକ୍ ଏସିଡ୍, ପ୍ରୋଟୋକାଟେଚ୍ୟୁଇକ୍ ଏସିଡ୍ ଇତ୍ୟାଦି ଥାଏ।

ଡାଲଚିନି ସାଧାରଣତଃ କ୍ୟାଣ୍ଡି, ଚୁଇଙ୍ଗମ୍, ମାଉଥୱାସ୍ ଓ ଟୁଥପେଷ୍ଟ, ବିଭିନ୍ନ ପ୍ରକାରର ମିଠା, ତରକାରୀ, ପାନୀୟ ତଥା ସ୍ୱାଦିଷ୍ଟ ଖାଦ୍ୟ ପାଇଁ ବ୍ୟବହୃତ ହୁଏ। ଅନେକ ସ୍ଥାନରେ ବେକିଂ ସାମଗ୍ରୀରେ ଉପାଦେୟ ଅଟେ। ଏହାର ତେଲ ଏକ ସ୍ୱତନ୍ତ୍ର ଉଷ୍ମ ସୁଗନ୍ଧ ଏବଂ ମସଲାଯୁକ୍ତ-ମିଠା ସ୍ୱାଦ ପ୍ରଦାନ କରେ, ଯାହା ପୁଡିଂ, କେକ୍ ଓ ତରକାରୀକୁ ସୁମଧୁର କରିଥାଏ।

ଗଛଗୁଡ଼ିକ ପ୍ରାକୃତିକ ଭାବରେ ଉଷ୍ମ, ବର୍ଷା ଅଞ୍ଚଳରେ ବଢ଼ିଥାଏ। ଉପାଦେୟ ଡାଲଚିନି ପ୍ରଥମେ ବୃକ୍ଷଟି ୩ ବର୍ଷର ହେଲେ ଅମଳ କରାଯାଏ ଏବଂ ୪୦-୫୦ ବର୍ଷ ପର୍ଯ୍ୟନ୍ତ ଭଲ ଉତ୍ପାଦନ ଜାରି ରହେ। ବାହାର ଛାଲିକୁ ମଲ୍‌ଚ (ଜୈବିକ ସାର)ରେ ପ୍ରକ୍ରିୟାକରଣ କରାଯାଏ। କାଣ୍ଡରୁ ଛୁରୀ ଦ୍ୱାରା ଭିତର ଛାଲି ବାହାର କରାଯାଏ, ଲମ୍ବା ଏକ କୁଇଲ୍ (ଛୋଟ ନଳାକାର ଭାବରେ) ଗଠନ କରାଯାଏ। ସେଗୁଡ଼ିକୁ ସଲଫର ଡାଇଅକ୍ସାଇଡ୍ ବା ଗନ୍ଧକାମ୍ଳ ସହିତ ବ୍ଲିଚ୍ ବା ବିରଞ୍ଜନ କରାଯାଏ ଏବଂ ଗ୍ରେଡ୍‌ରେ ସଜାଯାଏ। ଶେଷରେ ଶୁଖିଲା ଛାଲିକୁ କାଟି ଖଣ୍ଡ କିମ୍ବା ଚୂର୍ଣ୍ଣ କରି ପାଉଡର କରାଯାଏ। ଡାଲଚିନି ଡାଳ, ପତ୍ର ଏବଂ ବୀଜ ବା ମଞ୍ଜିରୁ ତେଲ ତିଆରି କରାଯାଏ, ଯାହା ଏକ କମ୍ ମୂଲ୍ୟବାନ ଉପ-ଉତ୍ପାଦ।

ଇଜିପ୍ଟରେ ଏହାକୁ ସମାଧି (ପଚନକୁ ରୋକିବା ପାଇଁ ମାନବ ଶରୀର ସଂରକ୍ଷଣ) ଏବଂ ଧାର୍ମିକ କାର୍ଯ୍ୟକ୍ରମରେ ବ୍ୟବହାର କରା ଯାଉଥିଲା। ମଧ୍ୟଯୁଗୀୟ ୟୁରୋପରେ ଏହାକୁ ଧାର୍ମିକ ରୀତିନୀତି ଏବଂ ସ୍ୱାଦିଷ୍ଟ ଭାବରେ ବ୍ୟବହାର କରାଯାଉଥିଲା। ପରେ ଡଚ୍ ଓ ଇଷ୍ଟ ଇଣ୍ଡିଆ କମ୍ପାନୀ ବାଣିଜ୍ୟରେ ଏହା ସବୁଠାରୁ ଲାଭଦାୟକ ମସଲା ଯୁକ୍ତ ଉପାଦାନ ଥିଲା। ଶ୍ରୀଲଙ୍କା ଏବେ ବି ବିଶ୍ୱର ୮୦-୯୦% ଡାଲଚିନି ଉତ୍ପାଦନ କରେ, ଯାହା ସେଚେଲ୍ସ, ମାଡାଗାସ୍କର ଓ ତାଞ୍ଜାନିଆରେ ବାଣିଜ୍ୟିକ ଭାବେ ଚାଷ କରାଯାଏ।

ମୋ: ୯୭୭୭୮୦୦୪୦୮

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

କୋଲକାତା ଦଳାଚକଟା ପରେ ଓଡ଼ିଶା ପୁଲିସ ସତର୍କ

ମଣ୍ଡପରେ ଭିଡ଼ ନିୟନ୍ତ୍ରଣ ପାଇଁ ଡିଜିପିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୧୮ ।୧୦(ସମିସ): କୋଲକାତାର ଚୋରବାଗାନ ସାର୍ବଜନୀନ ଦୁର୍ଗା ପୂଜା ମଣ୍ଡପରେ ଘଟିଥିବା ଭୟାବହ ଦଳାଚକଟା ୧୯ ଜଣଙ୍କ ମୃତ୍ୟୁ ଓ ୨୫ ଜଣ ଆହତ ଘଟଣା ପରେ ରାଜ୍ୟର ସମସ୍ତ ପୂଜା ଆୟୋଜକଙ୍କୁ କଡ଼ା ଚେତାବନୀ ଦେଇଛନ୍ତି ଓଡ଼ିଶା ପୁଲିସ ଡିଜି ବିନୟତୋଷ ମିଶ୍ର। ସମସ୍ତ ମଣ୍ଡପରେ ଭିଡ଼ ନିୟନ୍ତ୍ରଣ ଓ କ୍ୟୁ ଭିତ୍ତିକ ଦର୍ଶନ ବ୍ୟବସ୍ଥାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଡିଜିପି କହିଛନ୍ତି, ଭୁବନେଶ୍ୱର, କଟକ, ବାଲେଶ୍ୱର, ରାଉରକେଲା, ସମ୍ବଲପୁର ଭଳି ବିଭିନ୍ନ ସହରରେ ଦୁର୍ଗା ପୂଜା ବହୁତ ଉତ୍ସାହର ସହ ପାଳନ କରାଯାଉଛି। ସମସ୍ତ ଆୟୋଜକଙ୍କୁ ମଣ୍ଡପରେ ପର୍ଯ୍ୟାପ୍ତ ସ୍ୱେଚ୍ଛାସେବୀ ନିୟୋଜିତ କରିବାକୁ ସର୍ତ୍ତ ସହ ଅନୁମତି ଦିଆଯାଇଛି। ବହୁ ସଂଖ୍ୟାରେ ଲୋକ ଦର୍ଶନ ପାଇଁ ଆସୁଥିବାରୁ ରାଜ୍ୟ ସାରା ଆଇନ ଶୃଙ୍ଖଳା ରକ୍ଷା, ଭିଡ଼ ଓ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ପୁଲିସ କର୍ମଚାରୀ, ଷ୍ଟାଟିକ ଗାର୍ଡ, ମୋବାଇଲ ୟୁନିଟ ଏବଂ ଷ୍ଟ୍ରାଇକିଂ ଫୋର୍ସ ମୁତୟନ କରାଯାଇଛି। ଏହା ସହିତ ଡିଜିପି ପୁଲିସକୁ ଜରୁରୀକାଳୀନ ସେବା ପ୍ରସ୍ତୁତ ରଖିବାକୁ ଏବଂ ଆମ୍ବୁଲାନ୍ସ ଓ ଅଗ୍ନିଶମ ଗାଡ଼ିର ଚଳାଚଳ ଯେପରି ବାଧାପ୍ରାପ୍ତ ନ ହେବ ତାହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରୁ ଗଳିରେ ଚାରି ଚକିଆ ଯାନ ଚଳାଚଳ ଉପରେ ରୋକ୍ ଲଗାଇବାକୁ ମଧ୍ୟ ପୁଲିସକୁ କୁହାଯାଇଛି। ଶନିବାର ଦିନ ଡିଜିପି ଭୁବନେଶ୍ୱରର ନୟାପଲ୍ଲୀ ଅଞ୍ଚଳରେ ଥିବା ଦୁର୍ଗା ପୂଜା ମଣ୍ଡପ ପରିଦର୍ଶନ କରି ପୂଜାର୍ଚ୍ଚନା କରିବା ସହ ସୁରକ୍ଷା ଏବଂ ଟ୍ରାଫିକ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଅନ୍ୟପକ୍ଷରେ ଭୁବନେଶ୍ୱର-କଟକ ପୁଲିସ କମିଶନର ଏସ୍. ଦେବ ଦତ୍ତ ସିଂହ କହିଛନ୍ତି ଯେ, ଆୟୋଜକମାନଙ୍କୁ ସଠିକ୍ ଷ୍ଟ୍ରକ୍ଚରାଲ ସୁରକ୍ଷା, ବୈଦୁତିକ ତାର ବ୍ୟବସ୍ଥା ଏବଂ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିୟମ ଉଲ୍ଲଂଘନ କରୁଥିବା ଆୟୋଜକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ରାଜ୍ୟର ଅନ୍ୟ ଜିଲ୍ଲାରେ ମଧ୍ୟ ଦଳାଚକଟା ପରିସ୍ଥିତିକୁ ଏଡାଇବା ପାଇଁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। କେନ୍ଦ୍ରୀୟ ରେଞ୍ଜ ଆଇଜି ସତ୍ୟଜିତ ନାୟକ କହିଛନ୍ତି ଯେ, ସେ ଖୋର୍ଦ୍ଧା, ନୟାଗଡ଼, କଟକ ଗ୍ରାମାଞ୍ଚଳ, ପୁରୀ, କେନ୍ଦ୍ରାପଡ଼ା, ଯାଜପୁର ଏବଂ ଜଗତସିଂହପୁରର ଏସପିମାନଙ୍କୁ ମଣ୍ଡପ ନିକଟରେ ଅତ୍ୟଧିକ ଭିଡ଼ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷା ହେଲେ ମଣ୍ଡପ ପାଖରେ ଆଶ୍ରୟ ନେବାକୁ ଚେଷ୍ଟା କରୁଥିବା ଦର୍ଶନାର୍ଥୀଙ୍କ ଗତିବିଧିକୁ ନିୟନ୍ତ୍ରଣ କରିବାକୁ ପୁଲିସକୁ କୁହାଯାଇଛି ବୋଲି ସେ କହିଛନ୍ତି। ଭିଡ଼ ନିୟନ୍ତ୍ରଣ ବ୍ୟତୀତ, କୌଣସି ଜରୁରୀକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଆୟୋଜକମାନଙ୍କୁ ପର୍ଯ୍ୟାପ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଦୁର୍ଘଟଣାକୁ ସାମ୍ନା କରିବା ପାଇଁ ଓଡ଼ିଶା ଅଗ୍ନିଶମ ବିଭାଗ ଅଧିକାରୀମାନେ ପୂଜା ଉତ୍ସବ ସମୟରେ ଅଗ୍ନି ନିରାପତ୍ତା ଏବଂ ଜରୁରୀକାଳୀନ ପ୍ରତିକ୍ରିୟା ସମ୍ପର୍କରେ ଆୟୋଜକମାନଙ୍କୁ ସଚେତନ କରିଛନ୍ତି।

ଅବଶିଷ୍ଟାଂଶ

ଜଳୁଛି ଫ୍ରାନ୍ସ...

ଭିତ୍ତିଭୂମିର ଅବନତିକୁ ବିରୋଧ କରି ଛାତ୍ରଛାତ୍ରୀମାନେ ଆରମ୍ଭ କରିଥିବା ଆନ୍ଦୋଳନ ଏବେ ବ୍ୟାପକ ଜନଆନ୍ଦୋଳନରେ ପରିଣତ ହୋଇଛି। ଏଥିରେ ଶ୍ରମିକ ସଂଗଠନ ଓ ଜୀବନଯାପନ ଖର୍ଚ୍ଚ ବୃଦ୍ଧିରେ ଅସନ୍ତୁଷ୍ଟ ବିଭିନ୍ନ ଗୋଷ୍ଠୀ ସାମିଲ ହୋଇଛନ୍ତି। ୨୦୧୮ ରେ ଇନ୍ଧନ ଦର ବୃଦ୍ଧିକୁ ବିରୋଧ କରି ଆରମ୍ଭ ହୋଇଥିବା 'ହଳଦିଆ ଜ୍ୟାକେଟ୍' ଆନ୍ଦୋଳନର ସମର୍ଥକମାନେ ମଧ୍ୟ ଏଥିରେ ଯୋଗ ଦେଇଛନ୍ତି। ଆସନ୍ତା ବର୍ଷ ଏପ୍ରିଲ୍‌ରେ ଫ୍ରାନ୍ସରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାରୁ ଏହି ଆନ୍ଦୋଳନ ରାଜନୈତିକ ମହଲରେ ମଧ୍ୟ ଚର୍ଚ୍ଚା ବଢ଼ାଇଛି। ଦକ୍ଷିଣପନ୍ଥୀ ନେତ୍ରୀ ମାରିନ୍ ଲେ ପେନ୍ ବାମପନ୍ଥୀ ଗୋଷ୍ଠୀ ଆନ୍ଦୋଳନକୁ ହିଂସାର ଦିଗକୁ ନେଉଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ, ବାମପନ୍ଥୀ ନେତା ଜାଁ-ଲୁକ୍ ମେଲାଁସୋଁ ପୁଲିସର କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରିବା ସହ ଲୁଟ୍‌ପାଟ୍ ଓ ଅଗ୍ନିକାଣ୍ଡକୁ ମଧ୍ୟ ନିନ୍ଦା କରିଛନ୍ତି।

ଶପଥ ନେଲେ...

ପହଞ୍ଚିବା ପରେ ସେ ପୁରୀ ଗସ୍ତ କରି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ।

ଦର୍ଶନ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବ୍ରଜମୋହନ କହିଥିଲେ ଯେ ଓଡ଼ିଶାର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିବା ତାଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ। ଶପଥ ଗ୍ରହଣ ପୂର୍ବରୁ ମହାପ୍ରଭୁଙ୍କ ଦର୍ଶନ କରିବାକୁ ତାଙ୍କର ଇଚ୍ଛା ଥିଲା। ମହାପ୍ରଭୁଙ୍କ ଅପାର କରୁଣା ଓ ଆଶୀର୍ବାଦରୁ ସୁନ୍ଦର ଦର୍ଶନ ମିଳିଥିବା ସେ କହିଥିଲେ।

ଶପଥ ଗ୍ରହଣ ଉତ୍ସବ ପରେ ରାଜ୍ୟର ନୂଆ ରାଜ୍ୟପାଳ ଭାବେ ବ୍ରଜମୋହନ ରାମଙ୍କ କାର୍ଯ୍ୟକାଳ ଆରମ୍ଭ ହୋଇଛି। ତାଙ୍କ ନିଯୁକ୍ତି ଓ ଦାୟିତ୍ୱ ଗ୍ରହଣକୁ ନେଇ ରାଜଧାନୀରେ ଆୟୋଜିତ ଏହି ସମାରୋହରେ ରାଜ୍ୟର ରାଜନୈତିକ ଓ ପ୍ରଶାସନିକ ମହଲର ବହୁ ପ୍ରମୁଖ ବ୍ୟକ୍ତି ଉପସ୍ଥିତ ଥିଲେ।

ଏଆଇ ଦ୍ୱାରା ପ୍ରସ୍ତୁତ...

କରିବା ସହ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଏବଂ ଦୋଷୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରାଯାଇଛି। ବିଜେଡି ପକ୍ଷରୁ ଅମ୍ରିତା ମିଶ୍ର କରିଥିବା ଅଭିଯୋଗ ଅନୁସାରେ ୧୮ ଅକ୍ଟୋବର ୨୦୨୬ରେ ଏହି ଆକାଉଣ୍ଟଗୁଡ଼ିକରେ ଏଆଇ ଏବଂ ସ୍ୱର ନକଲ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି କେତେକ ମନଗଢା ବିଷୟବସ୍ତୁ ପ୍ରସାରଣ କରାଯାଇଥିଲା। ଏଥିରେ ଛାତ୍ର ସଂସଦ ନିର୍ବାଚନ ସମ୍ପର୍କରେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ସୁଜାତା ରାଉତ କାର୍ତ୍ତିକେୟନ ଧମକ ଦେଉଥିବା ଭଳି ଏକ କଥିତ ଜାଲିଆତିପୂର୍ଣ୍ଣ ଚିତ୍ରଣ କରାଯାଇଥିବା ଅଭିଯୋଗ ହୋଇଛି। ବିଜେଡି ପକ୍ଷରୁ ଉକ୍ତ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକୁ ପରିଚାଳନା କରୁଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ଚିହ୍ନଟ କରିବା, ଡିଜିଟାଲ୍ ପ୍ରମାଣଗୁଡ଼ିକୁ ସୁରକ୍ଷିତ ରଖିବା ଏବଂ ସେଗୁଡ଼ିକର ଫରେନ୍ସିକ୍ ଯାଞ୍ଚ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ସମସ୍ତଙ୍କ ବିରୋଧରେ ଉପଯୁକ୍ତ ଆଇନଗତ ପଦକ୍ଷେପ ନେବାକୁ ଦାବି କରାଯାଇଛି। ଏଥିସହ ଆଇନସମ୍ମତ ପ୍ରକ୍ରିୟାରେ ମେଟା ପ୍ଲାଟଫର୍ମରୁ ଆବଶ୍ୟକ ତଥ୍ୟ ସଂଗ୍ରହ କରିବା, ଏହି ମିଥ୍ୟା ଓ ଆପତ୍ତିଜନକ ବିଷୟବସ୍ତୁର ପରବର୍ତ୍ତୀ ପ୍ରସାରଣ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ପୁଲିସକୁ ଅନୁରୋଧ କରାଯାଇଛି। ବିଜେଡି ପକ୍ଷରୁ କୁହାଯାଇଛି ଯେ କୃତ୍ରିମ ବୁଦ୍ଧିମତ୍ତାର ଅପବ୍ୟବହାର କରି ମିଥ୍ୟା ବକ୍ତବ୍ୟ ପ୍ରସ୍ତୁତ କରିବା, ଜଣେ ମହିଳା ନେତ୍ରୀଙ୍କ ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରିବା ଏବଂ ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା ଏକ ଗମ୍ଭୀର ବିଷୟ। ଏହି ଘଟଣାରେ ପୁଲିସ ତୁରନ୍ତ ହସ୍ତକ୍ଷେପ କରି ନିରପେକ୍ଷ ତଦନ୍ତ ସୁନିଶ୍ଚିତ କରିବା ସହ ଆଇନ ଅନୁଯାୟୀ ଦୋଷୀମାନଙ୍କୁ ଦାୟୀ କରିବା ପାଇଁ ଦଳ ଦାବି କରିଛି। ଏହି ଅବସରରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ବିଜୁ ଛାତ୍ର ଜନତା ଦଳର ସଭାପତି ଇପ୍ସିତା ସାହୁ, ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି, ରକି ଦାସ, ମାନସୀ ସୁନ୍ଦରରାୟ, ଇଲା ସ୍ୱାଇଁ, ନୀଳମାଧବ ମହାନ୍ତି, ସୋନାଲି ବେହେରାଙ୍କ ସମେତ ଅନ୍ୟାନ୍ୟ ଯୁବ ଓ ଛାତ୍ର ନେତାମାନେ ଉପସ୍ଥିତ ଥିଲେ।

କନ୍ଧମାଳର ଯୋଡ଼ାମୁଣ୍ଡ...

ଦଳ ନିରୀକ୍ଷଣ କରୁଥିଲେ। ନିର୍ଦ୍ଧାରିତ ସମୟ ପୂର୍ବରୁ ଜନ୍ମ ହୋଇଥିବାରୁ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଠିକ ଭାବେ ବିକାଶିତ ହୋଇପାରି ନଥିଲା। ଏହି ୨ ମୁଣ୍ଡିଆ ଶିଶୁର ଅସ୍ତ୍ରୋପଚାର ପାଇଁ ଏମକେସିଜି ଶିଶୁ ଶଲ୍ୟ ଚିକିତ୍ସା ବିଭାଗ ଡାକ୍ତରମାନେ ପ୍ରସ୍ତୁତ ରହିଥିଲେ ମଧ୍ୟ ଅସ୍ତ୍ରୋପଚାର ପାଇଁ ଶିଶୁର ଶରୀର ପ୍ରସ୍ତୁତ ନଥିଲା। ଏହି ୬ ଦିନର ଚିକିତ୍ସା ପରେ ମଧ୍ୟ ରକ୍ତସଞ୍ଚାଳନ ଠିକ ହୋଇ ପରିନଥିଲା। ହୃଦ୍‌ସ୍ପନ୍ଦନ ଅଧିକ ଥିବାରୁ ଡାକ୍ତରମାନେ ଅସ୍ତ୍ରୋପଚାର କରିପାରି ନଥିଲେ। ଶେଷରେ ଶନିବାର ଏହି ୨ ମୁଣ୍ଡିଆ ଶିଶୁଟି ଏନଏନସିୟୁରେ ଚିକିତ୍ସାଧୀନ ବେଳେ ମୃତ୍ୟୁ ହୋଇଯାଇଥିବା ଡାକ୍ତରମାନେ ପରିବାର ଲୋକଙ୍କୁ ଜଣାଇଥିଲେ।

ନାବାଳକଙ୍କୁ ଛୁରିମାରି...

ଲୋକ ତଳ ବାଲିଯାତ୍ରା ପଡ଼ିଆ ପାଖ ନଦୀକୂଳରେ ଜଣେ କ୍ଷତାକ୍ତ ନାବାଳକଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ଏନେଇ ପୁଲିସକୁ ଖବର ଦେଇଥିଲେ। ଖବର ପାଇ କ୍ୟାଣ୍ଟନ୍‌ମେଣ୍ଟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଡିସିପି ହୃଷୀକେଶ ଖିଲାରୀଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ମୃତଦେହର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ଚିହ୍ନ ରହିଥିବାରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପ୍ରାଥମିକ ତଦନ୍ତରୁ ସନ୍ଦେହ କରାଯାଉଛି। ତଦନ୍ତ ପ୍ରକ୍ରିୟାକୁ ଆହୁରି ଜୋରଦାର କରିବା ପାଇଁ ଘଟଣାସ୍ଥଳକୁ ସାଇଣ୍ଟିଫିକ ଟିମ୍ ଏବଂ ସନ୍ଧାନୀ କୁକୁର ଆଣି ବିଭିନ୍ନ ନମୁନା ସଂଗ୍ରହ କରାଯାଇଛି। ଏହି ସଂକ୍ରାନ୍ତରେ ମୃତକଙ୍କ ପରିବାର ପକ୍ଷରୁ ସଙ୍ଗୀନ ଅଭିଯୋଗ କରାଯାଇଛି। ସୁଶାନ୍ତଙ୍କ ବାପା ଅଭିଯୋଗ କରିଛନ୍ତି ଯେ ପୂର୍ବରୁ ସୁଶାନ୍ତଙ୍କୁ ମାରିଦେବା ପାଇଁ କିଛି ଅସାମାଜିକ ଯୁବକ ଧମକ ଦେଇଥିଲେ। ସେହି ଶତ୍ରୁତାକୁ ନେଇ ଶନିବାର ସକାଳେ ତାଙ୍କୁ ଘରୁ ଡାକି ନେଇ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି। ମୃତକଙ୍କ ପରିଚୟ ସ୍ପଷ୍ଟ ହେବା ପରେ ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ପଠାଇବା ସହ ସମସ୍ତ ଦିଗକୁ ଆଧାର କରି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି। ଡିସିପି ହୃଷୀକେଶ ଖିଲାରୀ କହିଛନ୍ତି ଯେ ଏହି ଘଟଣାକୁ ଅତି ଗୁରୁତ୍ୱର ସହ ଗ୍ରହଣ କରାଯାଇଛି। ବାଲିଯାତ୍ରା ପଡ଼ିଆ ଓ ଏହାର ନିକଟବର୍ତ୍ତୀ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜକୁ ଯାଞ୍ଚ କରାଯାଉଛି ଏବଂ ଅପରାଧୀଙ୍କୁ ଖୁବଶୀଘ୍ର ଗିରଫ କରାଯିବ। ଏହି ହତ୍ୟାକାଣ୍ଡ ପଛରେ କେଉଁମାନଙ୍କ ହାତ ରହିଛି ଏବଂ ଘଟଣାର ମୂଳ କାରଣ କ'ଣ, ସେନେଇ ପୁଲିସ ଛାନଭିନ୍ ଜାରି ରଖିଛି। ପାର୍ବଣରେ ଏହି ହତ୍ୟାକାଣ୍ଡକୁ ନେଇ ସହରରେ ଚାଞ୍ଚଲ୍ୟ ଖେଳିଯାଇଛି।

ନବରଙ୍ଗପୁର: ମଦ ବିରୋଧରେ ମହାସଂଗ୍ରାମ

ରାସ୍ତାକୁ ଓହ୍ଲାଇଲେ ହଜାର ହଜାର ମହିଳା

ନବରଙ୍ଗପୁର,୧୮ ।୧୦(ସମିସ): ନବରଙ୍ଗପୁର ଜିଲ୍ଲାରେ ବେଆଇନ ମଦ କାରବାର, ମଦ ବିକ୍ରି ଓ ମଦ୍ୟପଙ୍କ ଉତ୍ପାତ ବୃଦ୍ଧି ପାଉଥିବା ଅଭିଯୋଗ କରି ଏହା ବିରୋଧରେ ଦୃଢ଼ ପଦକ୍ଷେପ ଦାବି କରିଛି ଜିଲ୍ଲା ନାରୀ ମହାସଂଘ। ଜିଲ୍ଲାର ୧୦ ବ୍ଲକର ବିଭିନ୍ନ ପଞ୍ଚାୟତ ଓ ଗ୍ରାମର ମହିଳାମାନେ ଏକଜୁଟ ହୋଇ ପ୍ରଶାସନ ନିକଟରେ ୧୦ ଦଫା ଦାବିପତ୍ର ଜିଲ୍ଲାପାଳ ମଧୁମିତାଙ୍କୁ ପ୍ରଦାନ କରିଛନ୍ତି। ଆସନ୍ତା ୧୫ ଦିନ ମଧ୍ୟରେ ଦାବିଗୁଡ଼ିକ ଉପରେ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଅନୁରୋଧ କରିଛି। ଦାବି ପୂରଣ ନହେଲେ ସମସ୍ତ ବ୍ଲକର ଥାନା ଘେରାଓ କରାଯିବ ବୋଲି ନାରୀ ମହାସଂଘ ଚେତାବନୀ ଦେଇଛି। ମହାସଂଘର ଅଭିଯୋଗ ଅନୁଯାୟୀ, ଜିଲ୍ଲାର ବିଭିନ୍ନ ଗ୍ରାମରେ ଦିନକୁ ଦିନ ବେଆଇନ ଦେଶୀ ଓ ବିଦେଶୀ ମଦ ବ୍ୟବସାୟ ବଢୁଥିବାରୁ ସାମାଜିକ ଶାନ୍ତି ଭଙ୍ଗ ହେଉଛି। ମଦ୍ୟପାନ ଯୋଗୁଁ ସ୍ୱାମୀ-ସ୍ତ୍ରୀ ଓ ବାପା-ପୁଅଙ୍କ ମଧ୍ୟରେ ଗଣ୍ଡଗୋଳ, ପାରିବାରିକ ଅଶାନ୍ତି, ମହିଳାଙ୍କୁ ଗାଳିଗୁଲଜ ଓ ଧମକ ଦେବା ଭଳି ଘଟଣା ବଢୁଛି। ଏହାର ପ୍ରଭାବରେ ଗ୍ରାମାଞ୍ଚଳର ସାମାଜିକ ପରିବେଶ ମଧ୍ୟ ସନ୍ତୁଳନ ରହୁନାହିଁ ବୋଲି ଦର୍ଶାଇଛି ସଂଘ। ପଞ୍ଚମ ଅନୁସୂଚିତ ଅଞ୍ଚଳରେ ଗ୍ରାମସଭାର ଅନୁମତି ଓ ଅବକାରୀ ବିଭାଗର ନିୟମ ଉଲ୍ଲଂଘନ କରି କେତେକ ମଦ ଦୋକାନ ଓ ଭାଟି ଚାଲୁଥିବା ଅଭିଯୋଗ ଆଣିଛି ମହାସଂଘ। ଏହାର ତଦନ୍ତ କରି ଅନୁମତିବିହୀନ ମଦ ଦୋକାନ ବନ୍ଦ କରିବା ସହ ବେଆଇନ ମଦ ବେପାରୀଙ୍କୁ ଗିରଫ କରିବାକୁ ଦାବି ହୋଇଛି। ଜିଲ୍ଲାକୁ ସମ୍ପୂର୍ଣ୍ଣ ମଦମୁକ୍ତ ଘୋଷଣା କରିବା, ନାରୀ ମହାସଂଘ ଓ ପୋଲିସକୁ ନେଇ ମିଳିତ କମିଟି ଗଠନ, ବେଆଇନ ମଦ ବେପାରୀଙ୍କ ସମ୍ପତ୍ତି ଜବତ ପାଇଁ ଆଇନ ସମ୍ମତ ପଦକ୍ଷେପ ନିଆଯାଉ ବୋଲି ଦାବି କରିଛନ୍ତି। ଅଭିଯୁକ୍ତଙ୍କଠାରୁ ଭବିଷ୍ୟତରେ ଏଭଳି କାରବାର ନ କରିବା ସମ୍ପର୍କରେ ଲିଖିତ ଘୋଷଣାନାମା ନେବାକୁ ଦାବି କରାଯାଇଛି। ଏଥିସହ ପେସା ଆଇନ ଅନୁଯାୟୀ ମଦ କାରବାର ସମ୍ପର୍କରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରିବାକୁ ସଂଘ ଦାବି ରଖିଛି। ମଦ ବିରୋଧୀ ଆନ୍ଦୋଳନରେ ସାମିଲ ମହିଳାଙ୍କ ବିରୋଧରେ ହୋଇଥିବା ମିଥ୍ୟା ଅଭିଯୋଗର ନିରପେକ୍ଷ ତଦନ୍ତ, ଆକ୍ରମଣ ଓ ହତ୍ୟା ଧମକ ଦେଉଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଥାନାରେ ପଡ଼ିରହିଥିବା ଅଭିଯୋଗଗୁଡ଼ିକର ତ୍ୱରିତ ତଦନ୍ତ ଏବଂ ମଦ୍ୟପାନ କରି ଅଶାନ୍ତି ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନାନୁଯାୟୀ ଦଣ୍ଡବିଧାନ କରିବାକୁ ମଧ୍ୟ ଦାବି କରାଯାଇଛି। ଏହି ସମସ୍ତ ଦାବିକୁ ଗୁରୁତ୍ୱର ସହ ବିଚାର କରି ଜିଲ୍ଲାରେ ମଦମୁକ୍ତ ପରିବେଶ ସୃଷ୍ଟି କରିବା ସହ ମହିଳାଙ୍କ ସୁରକ୍ଷା ଓ ଗ୍ରାମାଞ୍ଚଳରେ ଶାନ୍ତି ବଜାୟ ରଖିବା ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ନାରୀ ମହାସଂଘ ପ୍ରଶାସନ ନିକଟରେ ନିବେଦନ କରିଛି। ଏହାସମେତ ଉକ୍ତ ଦାବି ନେଇ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ମଧ୍ୟ ଦାବି ପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର ମୁଖ୍ୟ ଉପଦେଷ୍ଟା ରାଜେଶ ଯାନୀ, ସଂଗଠକ ଦୟାନିଧି ସୁନା, ଦେବରାଜ ନାଗ, ସଭାପତି ଦ୍ରୌପଦୀ ବାଘ, ସମ୍ପାଦିକା ପାର୍ବତୀ ଦୁରୁଆ, ପୂର୍ବତନ ଏମପି ପ୍ରଦୀପ ମାଝୀ, ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଦିବ୍ୟାଦାନ ସୁନା, କଂଗ୍ରେସ ଜିଲ୍ଲା ସଭାପତି ଲିପିକା ମାଝୀ ସମେତ ପ୍ରାୟ ୧୦ ହଜାରରୁ ଅଧିକ ମହିଳା ସାମିଲ ଥିଲେ।

୬୬ ଲକ୍ଷ ଟଙ୍କା ହଡ଼ପ ଘଟଣା

ବନବିଭାଗ କିରାଣିଙ୍କ ସହ ୩ ଗିରଫ

ଢେଙ୍କାନାଳ,୧୮ ।୧୦(ସମିସ): ଢେଙ୍କାନାଳ ବନଖଣ୍ଡ କାର୍ଯ୍ୟାଳୟର ବରିଷ୍ଠ କିରାଣି ୬୫ଲକ୍ଷ ୯୦ ହଜାର ୭୭୩ ଟଙ୍କା ହଡ଼ପ କରି ଫେରାର ହୋଇଯାଇଥିବା ବେଳେ ଏହି ଘଟଣା ତଦନ୍ତ କରି ଭିଜିଲାନ୍ସ ମୁଖ୍ୟ ଅଭିଯୁକ୍ତ ସମେତ ତିନିଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ କିରାଣି ସୁଜିତ କୁମାର ଜେନା, କଙ୍କଡ଼ାହାଡ଼ ଗ୍ରାମର ତାଙ୍କ ସମ୍ପର୍କୀୟ ଭାଇ ସୌମ୍ୟରଞ୍ଜନ ଜେନା ଏବଂ କାମଧେନୁକୋଟ ଗ୍ରାମର ହାତୀ ସ୍କ୍ୱାଡ୍ ରଶ୍ମିରଞ୍ଜନ ସ୍ୱାଇଁ।

ସୁଜିତ ବନଖଣ୍ଡ କାର୍ଯ୍ୟାଳୟରେ ବରିଷ୍ଠ କିରାଣି ଭାବେ କାର୍ଯ୍ୟ କରୁଥିଲେ। ୨୦୧୬ ଏପ୍ରିଲ ମାସରୁ ବର୍ତ୍ତମାନ ପର୍ଯ୍ୟନ୍ତ ସେ କର୍ମଚାରୀଙ୍କ ପେନସନ, ୭ମ ବେତନ କମିଶନ ଏରିଅର, ବକେୟା ଦରମା ଏବଂ ଅନ୍ୟାନ୍ୟ ବାବଦ ୬୫ ଲକ୍ଷ ୯୦ ହଜାର ୭୭୩ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଥିଲା। ଏ ନେଇ ବନବିଭାଗ ତରଫରୁ କଟକ ଭିଜିଲାନ୍ସରେ ଅଭିଯୋଗ ପରେ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରହିଥିଲା। ଭିଜିଲାନ୍ସ ଅଧିକାରୀମାନେ ସଦର ଥାନା ଭାପୁର ଫାଣ୍ଡି ଚନ୍ଦ୍ରଶେଖର ପ୍ରସାଦ ଗ୍ରାମସ୍ଥିତ ସୁଜିତଙ୍କ ଶଶୁର ଘରେ ଚଢ଼ଉ କରି ତାଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ହଡ଼ପ ଟଙ୍କାରୁ ସୁଜିତ ନିଜ ବ୍ୟାଙ୍କ ଖାତାକୁ ୩୭ଲକ୍ଷ ୮୩ ହଜାର ୧୯୪ ଟଙ୍କା ଟ୍ରାନ୍ସଫର କରିଥିବା ବେଳେ ହାତୀ ସ୍କ୍ୱାଡ୍ ରଶ୍ମିରଞ୍ଜନଙ୍କ ଖାତାକୁ ୧୦ଲକ୍ଷ ୪୮ ହଜାର ୮୬୬ ଟଙ୍କା, ସୌମ୍ୟରଞ୍ଜନଙ୍କ ନିକଟକୁ ୮ ଲକ୍ଷ ୮୬ ହଜାର ୧୯୩ ଟଙ୍କା, ଏବଂ ନିଜ ମାଆଙ୍କ ଖାତାକୁ ୮ ଲକ୍ଷ ୭୨ ହଜାର ୫୨୦ଟଙ୍କା ପଠାଇଥିଲେ। ଚଢ଼ଉରେ ଭିଜିଲାନ୍ସ ଡିଏସପି ଅନସୂୟା ସେନାପତି, ଇନ୍ସପେକ୍ଟର ମୁକେଶ କୁମାର ବେହେରା, କର୍ମଚାରୀ ବିଭୂତି ଭୂଷଣ ବେହେରା, ବିଶ୍ୱଜିତ ବେହେରାଙ୍କ ସହ ଅନ୍ୟମାନେ ସାମିଲ ଥିଲେ।

ରାଜ୍ୟ ରାଜକୋଷର ଉପଯୁକ୍ତ ବିନିଯୋଗ ରାଜ୍ୟପାଳଙ୍କ ଧ୍ୟେୟ ହେଉ: କଂଗ୍ରେସ

- ସାମ୍ବିଧାନିକ ବିଧିବ୍ୟବସ୍ଥାର ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ
- ବିବାଦୀୟ ମନ୍ତବ୍ୟକୁ ଝାଡ଼ଖଣ୍ଡରେ ଛାଡ଼ି ଆସିଥିବା ଆଶା କରୁଛୁ

ଭୁବନେଶ୍ୱର, ୧୮ ।୧୦(ସମିସ):: ଓଡ଼ିଶାର ନୂତନ ରାଜ୍ୟପାଳ ବ୍ରଜମୋହନ ରାମଙ୍କୁ ପିସିସି ସଭାପତି ଭକ୍ତ ଚରଣ ଦାସ ସ୍ୱାଗତ କରିବା ସହ ଅଭିନନ୍ଦନ ଜଣାଇଛନ୍ତି। ରବିବାର ଶ୍ରୀ ରାମ ଓଡ଼ିଶାର ୨୮ ତମ ରାଜ୍ୟପାଳ ଭାବେ ଶପଥ ନେବା ପ୍ରସଙ୍ଗରେ ଗଣମାଧ୍ୟମକୁ ଶ୍ରୀ ଦାସ କହିଛନ୍ତି, ଆମେ ଓଡ଼ିଶା ମାଟିକୁ ଶ୍ରୀ ରାମଙ୍କୁ ସ୍ୱାଗତ କରୁଛୁ। ଆଶା କରୁଛୁ, ଶ୍ରୀ ରାମ ଦଳମତ ଉର୍ଦ୍ଧ୍ୱମତର ରହି ନିଜର ଦାୟିତ୍ୱ ନିର୍ବାହ କରିବେ ଓ ରାଜ୍ୟର ସାମ୍ବିଧାନିକ ବିଧିବ୍ୟବସ୍ଥାର ସୁରକ୍ଷା ଦିଗରେ ବ୍ରତୀ ହେବେ।

ରାଜ୍ୟପାଳ ମନୋନୀତ ହେବା ପରେ ନିଜର ପ୍ରାରମ୍ଭିକ ପ୍ରତିକ୍ରିୟାରେ ସେ "ବିଜେପିର ଭୋଟ୍ ବୃଦ୍ଧି ଓ ରାଜ୍ୟ ଦଳିତ ମୋର୍ଚ୍ଚାର ସାଂଗଠନିକ ଶକ୍ତିବୃଦ୍ଧି ପାଇଁ କାମ କରିବେ' ବୋଲି ଦେଇଥିବା ମନ୍ତବ୍ୟ ବିଷୟରେ ଶ୍ରୀ ଦାସ କହିଲେ, ଆମେ ଆଶା କରୁଛୁ, ସେହି ବିଚାରକୁ ସେ ଝାଡ଼ଖଣ୍ଡରେ ହିଁ ଛାଡ଼ିଦେଇ ଆସିଥିବେ। ନୂଆ ରାଜ୍ୟପାଳ ନିଜ ସାଙ୍ଗରେ ଆଣିଥିବା ପ୍ରାୟ ୩୦୦ ଅତିଥି ଅଭ୍ୟାଗତଙ୍କ ବାବଦରେ ରାଜ୍ୟ ରାଜକୋଷରୁ ଅପଚୟ ପ୍ରସଙ୍ଗରେ ପ୍ରଶ୍ନ ହେବାରୁ ଶ୍ରୀ ଦାସ କହିଥିଲେ, ମୂଳରୁ ଏ ନେଇ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ସେ ଇତିମଧ୍ୟରେ ସଚେତନ ଓ ସତର୍କ ହୋଇସାରିଥିବେ ବୋଲି ଆ।।ଶା। ଆଗକୁ କିପରି ମିତବ୍ୟୟିତାକୁ ଧ୍ୟାନରେ ରଖି ରାଜ୍ୟ ରାଜକୋଷକୁ ଜନାଭିମୁଖୀ ଓ କଲ୍ୟାଣକର କାର୍ଯ୍ୟକ୍ରମ ପାଇଁ ସରକାର ସଦୁପଯୋଗ କରିବେ ସେ ଦିଗରେ ମଧ୍ୟ ରାଜ୍ୟପାଳ ମହୋଦୟ କାର୍ଯ୍ୟ କରିବାକୁ ଶ୍ରୀ ଦାସ ପରାମର୍ଶ ଦେଇଥିଲେ।

MAHARAJA SRIRAM CHANDRA BHANJA DEO UNIVERSITY
(Formerly North Orissa University)
Takatpur, Baripada-757003

No. 2220/MSCBU(PGC-174/2024)/2026 Date: 16-10-2026

Walk-in-Interview

A walk-in-interview for engagement of 21 Nos. Teaching Faculty at the level of Assistant Professor (on Contractual Basis) in the Department of Integrated Teacher Education Program (ITEP), MSCB University from the academic session 2027-28 under Self-Financing mode will be held on dates: 02.11.2026, 03.11.2026 and 04.11.2026 at 10.30 a.m. in the VC Conference Room (First Floor Administrative Building), MSCB University. The tenure of the post is initially for one year and may be extended on a year-to-year basis with one day break subject to satisfactory performance. In no circumstances the appointed contractual teachers shall claim for regular teaching posts and for this they have to give an undertaking on Non-Judicial Stamp Paper.

The University reserves the right to cancel the Walk-in-Interview or withdraw in partial or full notification without assigning any reason thereof and fill-up the posts as and when required. For further details regarding application form, details of remuneration, number of posts, dates of interview, eligibility criteria, etc., please visit University **website: www.mscbu.ac.in**

By Order of the Vice-Chancellor
Sd/-Registrar

AFFIDAVIT

By virtue of an affidavit sworn before the Executive Magistrate, Kendrapada, dated 14.10.2026, I, GOUTAM @ UTTAM CHARAN ROUT, Vill-Jagannathpur, P.O.-Angulai, P.S.-Marshaghai, Dist.-Kendrapada hereby declare that I was the vendee as Goutam Rout in Regd. Sale Deed No. 784 dated 06.03.2002, registered at DSRO, Kendrapada, whereas my name is recorded as Uttam Charan Rout in my Aadhaar Card no. 405671583401. I further declare that Goutam Rout and Uttam Charan Rout are one and the same person.

LOST

I **Hara Mohan Dash**, aged about 61yrs., S/o Fakir Mohan Dash, residing at metro cottage, house No 12, Budheshwari Colony , Bhubaneswar, 751006 declare that my **ROR (Khata No 209/201 Plot No, Khata No 89/609, Mouza- Haduotta, Tah - Tangi, Dist - Cuttack)** has been **lost** somewhere on 17/10/2026 while travelling from Cuttack to Bhubaneswar. An **Fir (Complaint No- 2486701007260075)** for the same has been lodged at Sahidnagar Police Station on 18/10/2026. If anybody found it, please contact me on given mobile number .
Hara Mohan Dash: 9439913400

AFFIDAVIT

By virtue of an affidavit sworn before the Executive Magistrate, Rairakhol, dated 12.10.2026, I, SANDHYARANI KANAR, W/o Sushanta Dehury, resident of Village-Dehuri Sahi, P.O./P.S.-Rairakhol, Dist.-Sambalpur, Odisha, PIN-768106, do hereby declare that I have changed my name from Sandhyarani Dehury to Sandhyarani Kanar. Henceforth, I shall be known as **Sandhyarani Kanar** for all purposes.
SANDHYARANI KANAR

OFFICE OF THE PRINCIPAL
KARILOPATNA DEGREE COLLEGE
KARILOPATNA, KENDRAPADA – 754211

TENDER CALL NOTICE

Sealed quotations are hereby invited from reputed firms having a valid GST Registration Number for the supply and installation of IT infrastructure (i5 or above minimum 12th Generation) as follows:

All in One Desktop = 5 nos., UPS = 5 nos., Multi-function Printer = 1 no. (23.8 inch FHD Display, Intel Core i5 Processor, 8GB DDRS RAM, 512GB SSD, Windows 11 Home) required for the development of the College infrastructure.

Preference may be given for the supply of the required items in order to ensure smooth installation, better coordination, after-sales service, and maintenance.

Sealed quotations should reach in this office of the undersigned within Seven Days from the publication of this notice via Speed Post/ Regd. Post/By Hand. The received quotations will be opened at the **Principal** Office on **28-10-2026 at 03.00 PM** in the presence of concerned authority.

The authority reserves the right to reject/ cancel the quotations in whole or in part without assigning any reason thereof.

Sd/-
Principal

Government of Odisha 25001/1348/2627
Office of the Superintending Engineer
Rural Works Division-III, Nabarangpur, Umarkot.
e-mail: eerwukt@gmail.com & eerwukt@ymail.com

Letter No. **4305** Date: **15.10.2026**

GePNIC e-Procurement Notice

1	Name of the work	:	Building Works
2	Total No of works	:	11 (Eleven) Nos.
3	Approx. Estimated Cost	:	Varies from 34.66 Lakhs to 38.29 Lakhs.
4	Class of Contractor	:	"B", "C" & "D" Class of Contractor
5	Period of Completion	:	As per TCN

Procurement officer	Bid Identification No.	Availability of tender online for bidding		Last Date & Time Seeking Tender Clarification	Date & Time of Opening of Tender
		From	To		
1	2	3	4	5	6
Superintending Engineer, R.W. Division-III, Nabarangpur, Umarkot.	Online Tender/08/ RWD-UKT/2026-27	26.10.2026 at 11.00 AM	07.11.2026 up to 5.00 PM	06.11.2026 at 01.00 PM	09.11.2026 at 11:00 AM

Further details can be seen from the Government website www.tendersodisha.gov.in

OIPR-25001/25103/1/26-27/0008

Superintending Engineer
Rural Works Division-III
Nabarangpur, Umarkot

ଅନୁଗୋଳରେ ଶାରଦୀୟ ଦୁର୍ଗାପୂଜା

୧୦ ମଣ୍ଡପରେ ମା' ଦୁର୍ଗାଙ୍କ ଆରାଧନା



- ଆଲୋକମାଳାରେ ଝଲସୁଛି ସହର
- ଅମଲାପଡ଼ା ଜୟଦୁର୍ଗା ପୂଜା ସମିତି ପାଳୁଛି ଶତବାର୍ଷିକୀ
- ମୀନାବଜାର ଓ ଉଠାଦୋକାନରେ ଭିଡ଼

ଅନୁଗୋଳ,୧୮ ।୧୦(ସମିସ):

ଶାରଦୀୟ ଦୁର୍ଗାପୂଜା ପାଇଁ ଉତ୍ସବମୁଖର ହୋଇଛି ଅନୁଗୋଳ ସହର। ମା'ଙ୍କ ଆଗମନରେ ସହରରେ ଭକ୍ତି, ଶ୍ରଦ୍ଧା ଓ ଉତ୍ସାହର ପରିବେଶ ସୃଷ୍ଟି ହୋଇଛି। ଦଶଟି ମଣ୍ଡପରେ ପୂଜା ହେଉଥିବା ବେଳେ ଆକର୍ଷଣୀୟ ତୋରଣରେ ସହର ଝଲସୁଛି। ମୀନାବଜାରରେ ଲୋକଙ୍କ ଭିଡ଼ ଜମୁଛି। ଷଷ୍ଠୀରୁ ବିଜୟା ଦଶମୀ ପର୍ଯ୍ୟନ୍ତ ବିଭିନ୍ନ ମଣ୍ଡପରେ ମା'ଙ୍କ ପୂଜାର୍ଚ୍ଚନା ଓ ଧାର୍ମିକ କାର୍ଯ୍ୟକ୍ରମ ଚାଲିଥିବାବେଳେ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ବିଭିନ୍ନ ଛକ ଓ ବଜାରରେ ନିର୍ମିତ ଆକର୍ଷଣୀୟ ତୋରଣ ଏବଂ ରଙ୍ଗୀନ ଆଲୋକମାଳା ପୂଜାର ଆକର୍ଷଣକୁ ଦ୍ୱିଗୁଣିତ କରିଛି।

ସହରର ଦଶହରା ପଡ଼ିଆ, ଅମଲାପଡ଼ା, ଶିମିଳିପଡ଼ା, ହେମସୁରପଡ଼ା, ହୁଲୁରିସିଂହା, ଷ୍ଟେସନ ଛକ, କଲଟାକ୍ସ ଛକ, ଗାନ୍ଧୀମାର୍ଗ ଛକ, ଗୀତାଗ୍ରାମ ଓ ବସ୍‌ଷ୍ଟାଣ୍ଡ ସମେତ ଦଶଟି ପ୍ରମୁଖ ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟୀ ପ୍ରତିମା ପୂଜା ପାଉଛନ୍ତି। ଷୋଡ଼ଶ ଉପଚାରରେ ପୂଜା କରାଯାଇ ମା'ଙ୍କୁ ଆବାହନ କରାଯାଇଥିବା ବେଳେ ମନ୍ତ୍ରୋଚ୍ଚାରଣ, ପୂଜାପାଠ ଓ ଧାର୍ମିକ ପରମ୍ପରାରେ ମଣ୍ଡପଗୁଡ଼ିକରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ମଣ୍ଡପଗୁଡ଼ିକରେ ରବିବାର ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି। ବ୍ରତଧାରୀ ମହିଳାମାନେ ପାରମ୍ପରିକ ବେଶଭୂଷାରେ ମଣ୍ଡପରେ ପହଞ୍ଚି ଦେବୀଙ୍କ ସ୍ୱତନ୍ତ୍ର ପୂଜାବିଧିରେ ସାମିଲ ହୋଇଥିଲେ। ଚଳିତ ବର୍ଷ ଅମଲାପଡ଼ା ଜୟଦୁର୍ଗା ପୂଜା ସମିତି ପକ୍ଷରୁ ଶତବାର୍ଷିକୀ ପାଳନ କରାଯାଉଛି। ଦୀର୍ଘ ଏକ ଶତାବ୍ଦୀର ପୂଜା ପରମ୍ପରାକୁ ନେଇ ଏହି ମଣ୍ଡପରେ ବିଶେଷ ଉତ୍ସାହ ଦେଖିବାକୁ ମିଳୁଛି। ସନ୍ଧ୍ୟା ହେବାମାତ୍ରେ ଆଲୋକରେ ଝଲସି ଉଠୁଛି ବିଭିନ୍ନ ପୂଜାମଣ୍ଡପ ଓ ସହରର ପ୍ରମୁଖ ରାସ୍ତା। ପାରମ୍ପରିକ ପୂଜା ପରିବେଶ ସାଙ୍ଗକୁ ଆଧୁନିକ ଆଲୋକସଜ୍ଜା ପାର୍ବଣର ଶୋଭା ବଢ଼ାଇଛି। ପୂଜାକୁ ଅଧିକ ଆକର୍ଷଣୀୟ କରିଛି ବିଭିନ୍ନ ସ୍ଥାନରେ ବସିଥିବା ମୀନାବଜାର ଓ ଉଠାଦୋକାନ। ପିଲାଙ୍କ ପାଇଁ ଖେଳନା, ବିଭିନ୍ନ ଘରୋଇ ସାମଗ୍ରୀ, ଖାଦ୍ୟପଦାର୍ଥ ଓ ଅନ୍ୟାନ୍ୟ ସାମଗ୍ରୀର ଦୋକାନ ଲୋକଙ୍କୁ ଆକୃଷ୍ଟ କରୁଛି। ପରିବାର ସହ ପୂଜାମଣ୍ଡପ ବୁଲିବାକୁ ଆସୁଥିବା ଲୋକେ ମା'ଙ୍କ ଦର୍ଶନ ପରେ ମୀନାବଜାରରେ ସମୟ ବିତାଉଛନ୍ତି।

ଦୁର୍ଗାପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ସାମାଜିକ ଏକତା, ଭାଇଚାରା ଓ ସାଂସ୍କୃତିକ ପରମ୍ପରାର ପ୍ରତୀକ। ପୂଜାକୁ ସଫଳ କରିବା ପାଇଁ ବିଭିନ୍ନ ପୂଜା କମିଟି ସଦସ୍ୟମାନେ ନିଜ ସ୍ତରରେ କାର୍ଯ୍ୟ କରୁଛନ୍ତି। ସହରବାସୀଙ୍କ ସହଯୋଗ ଓ ଶ୍ରଦ୍ଧାଳୁଙ୍କ ଭକ୍ତିଭାବ ମଧ୍ୟରେ ଚଳିତ ବର୍ଷ ଶାରଦୀୟ ଦୁର୍ଗାପୂଜା ଉତ୍ସବ ଅଧିକ ଆକର୍ଷଣୀୟ ହୋଇଉଠିଛି। ଆଗାମୀ ବିଜୟା ଦଶମୀ ପର୍ଯ୍ୟନ୍ତ ଏହି ଉତ୍ସବର ଆନନ୍ଦ ଓ ଉତ୍ସାହ ଜାରି ରହିବ।

ଦୁର୍ଗାପୂଜା ପାଇଁ ବଆଁରପାଳ ଉତ୍ସବମୁଖର

ବଆଁରପାଳ,୧୮ ।୧୦(ସମିସ): ଶାରଦୀୟ ଦୁର୍ଗାପୂଜା ପାଇଁ ବଆଁରପାଳ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ବଆଁରପାଳ ବଜାରରେ ୨ଟି ପେଣ୍ଡାଲରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଛନ୍ତି।

ଶିମିଳିସାହି ଦୁର୍ଗା ବଜାର ଓ କଲେଜ ଛକରେ ପୂଜା ହେଉଛି। ପେଣ୍ଡାଲରେ ଆକର୍ଷଣୀୟ ଆଲୋକ ତୋରଣ ସାଙ୍ଗକୁ ଝିଲିମିଲି ଆଲୋକ ସଜ୍ଜା ହୋଇଛି। ବିଭିନ୍ନ ପୂଜା ଅନୁଷ୍ଠାନ ପକ୍ଷରୁ ଅନ୍ନପ୍ରସାଦ ବ୍ୟବସ୍ଥା କରାଯାଇଛି। ସେହିଭଳି ବ୍ଲକର ବିଭିନ୍ନ ଗ୍ରାମ ଯଥା; ଗଡ଼ ବୁଢ଼ାପଙ୍କ, ନୂଆହତା, ଗୋତମରା, ଗଡ଼ସନ୍ତ୍ରୀ, ବନ୍ଦା, ତୁଳସୀପାଳରେ ମଧ୍ୟ ମା'ଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳନ କରାଯାଉଛି। ବଆଁରପାଳ ବଜାରରେ ଶାନ୍ତିଶୃଙ୍ଖଳା ପାଇଁ ପୁଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ମୁଖ୍ୟତଃ ଶିମିଳିସାହି ଦୁର୍ଗା ବଜାରରେ ଭକ୍ତଙ୍କ ଭିଡ଼ ଜମୁଛି। ଆସନ୍ତା ୨୨ ତାରିଖ ମା'ଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହେବ ବୋଲି ଶିମିଳିସାହି ପୂଜା କମିଟି ସଭାପତି ସନ୍ତୋଷ ସାହୁ, ସମ୍ପାଦକ ଦିଲୀପ ସାହୁ, ସହସମ୍ପାଦକ ବାପୁ ଦାସ, କୋଷାଧ୍ୟକ୍ଷ କମଳ ପରିଡ଼ା ପ୍ରକାଶ କହିଛନ୍ତି।

ପୂଜା ମଣ୍ଡପ ବୁଲି ଲୋକଙ୍କ ସମସ୍ୟା ବୁଝିଲେ ସାଂସଦ

କିଶୋରନଗର,୧୮ ।୧୦(ସମିସ): କିଶୋରନଗର ବ୍ଲକ ବଇଣ୍ଡା, ଡେବରାପାଲ୍ଲୀ ଓ ବାମୁରରେ ପୂଜା ମଣ୍ଡପ ବୁଲି ମା'ଙ୍କ ଦର୍ଶନ କରିବା ସହ ଲୋକଙ୍କ ସମସ୍ୟା ବୁଝିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ସାଂସଦ ପ୍ରଧାନଙ୍କ ସହ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ଜିଲ୍ଲା ବିଜେପି ସଭାପତି ଯଯାତି ପଟ୍ଟନାୟକ, ବିଶ୍ୱଜିତ ମିଶ୍ର, ସାଂସଦଙ୍କ ଜିଲ୍ଲା ପ୍ରତିନିଧି ସୁଦୀପ୍ତ ଗଡ଼ନାୟକ, ବ୍ଲକ ପ୍ରତିନିଧି ସରୋଜ ସାହୁ, ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ, ବରିଷ୍ଠ ବିଜେପି ନେତା ହୃଦାନନ୍ଦ ପ୍ରଧାନ, ଅଜିତ ପ୍ରଧାନ, ରତ୍ନାକର ପ୍ରଧାନ, ମୋତିଲାଲ ପ୍ରଧାନ, କିଶୋରନଗର ମଣ୍ଡଳ ସଭାପତି ଧନୁର୍ଜୟ ପ୍ରଧାନ ଯୁବନେତା ଜିତେନ୍ଦ୍ର ସାହୁ, ଚିକୁନ ବିଶ୍ୱାଳ, ସାବିତ୍ରୀ ନାଏକ, ଅନୀତା ଦାଶଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଏହି ଅବସରରେ ସାଂସଦଙ୍କୁ ଦଳୀୟ ନେତୃମଣ୍ଡଳୀ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

ଅନୁଗୋଳ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟ ଏବଂ ପିଏସଏସଜେ ଡିଗ୍ରୀ ମହାବିଦ୍ୟାଳୟର ନବନିର୍ବାଚିତ ଛାତ୍ରସଂସଦ କର୍ମକର୍ତ୍ତାମାନେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କରୁଛନ୍ତି।

ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପ୍ରସ୍ତୁତି ବୈଠକ

ବଇଣ୍ଡା,୧୮ ।୧୦(ସମିସ): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ପାଇକସାହି ପିଏମଶ୍ରୀ ରାଧାମାଧବ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ସୁବର୍ଣ୍ଣ ଜୟନ୍ତୀ କମିଟି ପକ୍ଷରୁ ଆହୁତ ଏହି ବୈଠକରେ ଗ୍ରାମବାସୀ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଦିଲୀପ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପାଇକସାହି ସରପଞ୍ଚ ନିରୋଜକାନ୍ତ ସାହୁ, ସାପଘରା ସରପଞ୍ଚ କୈଳାସ ଚନ୍ଦ୍ର ସାହୁ, ଅନିଲ କୁମାର ପ୍ରଧାନ, ଶ୍ରୀକାନ୍ତ ରାଉତ, ଉମାକାନ୍ତ ପ୍ରଧାନ, ରମଣୀ ରଞ୍ଜନ ପ୍ରଧାନ, ବିବେକାନନ୍ଦ ପ୍ରଧାନ, ସଞ୍ଜୀବ ନାୟକ, ବିଜୟ କୁମାର ବେହେରା, ପ୍ରକାଶ ଚନ୍ଦ୍ର ସାହୁ, ପ୍ରଶାନ୍ତ କୁମାର ପ୍ରଧାନଙ୍କ ସମେତ ଅଞ୍ଚଳବାସୀ ଯୋଗଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ ସମାରୋହକୁ ଧୁମଧାମରେ ପାଳନ ନେଇ ଆଲୋଚନା କରାଯାଇଥିଲା। ବିଦ୍ୟାଳୟର ବିକାଶ ସହ ପେଣ୍ଡାଲକୁ ଉନ୍ନତ ମାନର କରିବା ପାଇଁ ପ୍ରଶାସନକୁ ଅବଗତ କରାଯିବ ବୋଲି କମିଟି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସମସ୍ତ ପୁରାତନ ଛାତ୍ରଛାତ୍ରୀଙ୍କୁ ବ୍ୟାଚ ଅନୁଯାୟୀ ଦାଇତ୍ୱ ବଣ୍ଟନ ପାଇଁ ଆଲୋଚନା କରାଯାଇଛି।

ତାଳଚେରରେ ଦଶହରା; ନିଆରା ପରମ୍ପରା

ତାଳଚେର,୧୮ ।୧୦(ସମିସ): ରାଜାରାଜୁଡ଼ା ଅମଳରୁ ତାଳଚେରରେ ନିଆରା ପରମ୍ପରାରେ ଦଶହରା ଓ ଦୁର୍ଗାପୂଜା ପାଳନ ହୋଇଆସୁଛି। ତାଳଚେର ଦଶହରାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ଏଥିରେ ପାଇକ ଆଖଡ଼ା ହେଉଛି ଅନ୍ୟତମ। ପାଇକମାନେ ନିଜ ଖେଳ ପ୍ରଦର୍ଶନ କରି ଲୋକଙ୍କ ମନ ଜିଣି ନେଇଥାନ୍ତି। ଦଶହରାର କିଛିଦିନ ପୂର୍ବରୁ ଶରଧାପୁର ଗ୍ରାମରୁ ମା' କନକ ଦୁର୍ଗାଙ୍କୁ ତାଳଚେର ରାଜାଙ୍କ ଦ୍ୱାରା ଆମନ୍ତ୍ରଣ କରାଯାଏ। ତାଳଚେର ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ ଜଗନ୍ନାଥ ମନ୍ଦିର ସମ୍ମୁଖରେ ମା'ଙ୍କ ବିଶ୍ରାମ ପାଇଁ ଏକ ପୀଠ କରାଯାଇଛି। ମା'ଙ୍କ ଆଗମନ ନେଇ ତାଳଚେର ରାଜପ୍ରାସାଦକୁ ତୁରନ୍ତ ଖବର ଦିଆଯାଏ। ରାଜା ଆସି ମା'ଙ୍କ ପୂଜାର୍ଚ୍ଚନା କରିବା ସହ ସହରରେ ବିଭିନ୍ନ ସାହିରେ ମା'ଙ୍କ ନିମନ୍ତେ ଗୋବର ଲେପନକରି ବଡ଼ ଧୁମଧାମରେ ପୂଜା କରିଥାନ୍ତି। ରାଜପ୍ରାସାଦଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂର ତାଳଚେର ଟାଉନ ମୋଚିସାହିରେ ମା' କନକ ଦୁର୍ଗାଙ୍କ ଏକ ପୀଠ କରାଯାଇ ସେଠାରେ ପୂଜାର୍ଚ୍ଚନା କରାଯାଏ। ବର୍ଷକୁ ଥରେ ମା'ଙ୍କ ଆଗମନକୁ ନେଇ ଏହି ନିଆରା ପରମ୍ପରା ଆଜି ବି ତାଳଚେରରେ ଚାଲିଆସୁଛି। ଦଶହରା ପୂଜା ଶେଷ ହେବାପରେ ମା' ପୁଣି ନିଜ ଶରଧାପୁର ଗ୍ରାମ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି। ଦୁର୍ଗାପୂଜା ପାଇଁ ତାଳଚେର ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ଅଞ୍ଚଳରେ ବିଭିନ୍ନ କୋଇଲା ଖଣିରେ ମଧ୍ୟ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା କରାଯାଉଛି।

ଛାତ୍ରସଂସଦ କର୍ମକର୍ତ୍ତାଙ୍କୁ ସାଂସଦଙ୍କ ସମ୍ବର୍ଦ୍ଧନା

କିଶୋରନଗର,୧୮ ।୧୦(ସମିସ): କିଶୋରନଗର ବ୍ଲକ ବାମୁର ପୂର୍ତ୍ତ ଡାକବଙ୍ଗଳାରେ ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ରବିବାର ବଇଣ୍ଡା ଜନତା

ମହାବିଦ୍ୟାଳୟ ଓ ଆଠମଲ୍ଲିକ ମହାବିଦ୍ୟାଳୟ ନିର୍ବାଚିତ ତଥା କିଶୋରନଗର ସ୍ନାତକ ମହାବିଦ୍ୟାଳୟର ମନୋନୀତ ଛାତ୍ରସଂସଦ କର୍ମକର୍ତ୍ତାଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏଥିରେ ପୂର୍ବତନ ମନ୍ତ୍ରୀ ସଞ୍ଜୀବ ସାହୁ, ପୂର୍ବତନ ବିଧାୟକ ରମେଶ ଚନ୍ଦ୍ର ସାଏ, ସାଂସଦଙ୍କ ପ୍ରତିନିଧି ସରୋଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଗୁରୁଜାଙ୍ଗରେ ବସ୍ ଦୁର୍ଘଟଣାଗ୍ରସ୍ତ

କିଶୋରନଗର,୧୮ ।୧୦(ସମିସ): କିଶୋରନଗର ଗୁରୁଜାଙ୍ଗଠାରେ ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍ ଭାରସାମ୍ୟ ହରାଇ ରାସ୍ତା ଡିଭାଇଡରରେ ପିଟି ହେବା ସହ ଗାଡ଼ିର ଗତି ଯାଞ୍ଚ ପାଇଁ ଲାଗିଥିବା ହାଇୱେ ସିସିଟିଭି ଖୁଣ୍ଟକୁ ଧକ୍କା ଦେଇ ଭାଙ୍ଗି ଦେଇଛି। ତେବେ ଦୁର୍ଘଟଣାରେ କେହି ଆହତ ହୋଇ ନ ଥିବା କିଶୋରନଗର ଥାନା ଅଧିକାରୀ ହରେକୃଷ୍ଣ ପ୍ରଧାନ ସୂଚନା ଦେଇଛନ୍ତି।

ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକଙ୍କ ପରଲୋକ



ବଆଁରପାଳ,୧୮ ।୧୦(ସମିସ): ବଆଁରପାଳ ବ୍ଲକ ପାଞ୍ଚଗଡ଼ ବିଜୟ କୁମାର (ପିବିକେ) ହାଇସ୍କୁଲର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ପ୍ରଦୀପ କୁମାର ସାହୁ (୭୭)ଙ୍କର ବେଙ୍ଗାଲୁରୁସ୍ଥିତ ଏକ ହସ୍ପିଟାଲରେ ପରଲୋକ ହୋଇଛି। ବନ୍ଦା ଗ୍ରାମରେ ଜନ୍ମିତ ପ୍ରଦୀପ ପିବିକେ ଉଚ୍ଚ ବିଦ୍ୟାଳୟରେ ସ୍କୁଲ ଶିକ୍ଷା ଗ୍ରହଣ କରିଥିଲେ। ପରେ ସେହି ସ୍କୁଲରେ ଖେଳ ଶିକ୍ଷକ ଭାବେ ଯୋଗଦେଇ ୨୦୦୭ରେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ଅବସର ପରେ ବେଙ୍ଗାଲୁରୁରେ ରହୁଥିବା ତାଙ୍କ ଏକମାତ୍ର ପୁଅ ନିକଟରେ ରହୁଥିଲେ। କିଛିଦିନ ହେବ ସେ ଅସୁସ୍ଥ ଥିଲେ। ଶନିବାର ତାଙ୍କ ଦେହାନ୍ତ ହୋଇଛି। ରବିବାର ମରଶରୀର ବଆଁରପାଳ ପହଞ୍ଚିବା ପରେ ପିବିକେ ହାଇସ୍କୁଲକୁ ଅଣାଯାଇଥିଲା। ସ୍କୁଲର ପ୍ରଧାନଶିକ୍ଷକ ପବିତ୍ର ପ୍ରଧାନଙ୍କ ସମେତ ସମସ୍ତ ଶିକ୍ଷକ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ଦେହାନ୍ତରେ ବଆଁରପାଳ ଓ ବନ୍ଦା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ସାଥୀ ପରିବାରର ପ୍ରୟାସ

ପ୍ଲାଷ୍ଟିକମୁକ୍ତ ଓଡ଼ିଶା ପର୍ଯ୍ୟଟନ

ଅନୁଗୋଳ,୧୮ ।୧୦(ସମିସ):

ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ଉପରେ ଆମ ନିର୍ଭରଶୀଳତା ଦ୍ରୁତ ବୃଦ୍ଧି ପାଇବା ଏବଂ ଏହାର ଅନିୟନ୍ତ୍ରିତ ବ୍ୟବହାର ବିଶ୍ୱର ପରିବେଶ, ସ୍ୱାସ୍ଥ୍ୟ, ସାମାଜିକ ଓ ଆର୍ଥିକ ଦିଗକୁ ନକାରାତ୍ମକ ଭାବେ ପ୍ରଭାବିତ କରି ଚାଲିଛି। ସମ୍ପ୍ରତି ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ଆମ ଗୁରୁତ୍ୱପୂର୍ଣ୍ଣ ସ୍ଥଳଭାଗ ଏବଂ ଜଳଜ ପରିସଂସ୍ଥାଗୁଡ଼ିକୁ ଦ୍ରୁତ ଗତିରେ ପ୍ରଦୂଷିତ କରିଚାଲିଛି। ଏହାର ପ୍ରଭାବ ଓଡ଼ିଶା ସମେତ ଅନୁଗୋଳ ଜିଲ୍ଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ଓ ଧାର୍ମିକ ପର୍ଯ୍ୟଟନସ୍ଥଳୀରେ ମଧ୍ୟ ଦେଖାଦେଇଛି। ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ଓ ଗଣ୍ଡ, ଡେରଜାଙ୍ଗ ସମେତ ଜିଲ୍ଲାର ଅନ୍ୟ ଡ୍ୟାମ ଏବଂ ମନ୍ଦରଗିରି ଭଳି ଜୈବବିବିଧତାରେ ପରିପୂର୍ଣ୍ଣ ଐତିହ୍ୟ ସ୍ଥଳୀ ପ୍ଲାଷ୍ଟିକ ଆବର୍ଜନାରେ ଭର୍ତ୍ତି ହୋଇଛି।

ଯାହାର କୁପ୍ରଭାବ ଉଭୟ ପରିବେଶ ଓ ପର୍ଯ୍ୟଟନ ଉପରେ ପଡୁଛି। ଏହି ସମସ୍ୟାକୁ ହୃଦୟଙ୍ଗମ କରି ଅନୁଗୋଳର ସାମାଜିକ ଅନୁଷ୍ଠାନ ସାଥୀ ପରିବାରା ପକ୍ଷରୁ ଗତ ୫ ବର୍ଷ ହେଲା ପ୍ଲାଷ୍ଟିକମୁକ୍ତ ଓଡ଼ିଶା ପର୍ଯ୍ୟଟନ ଅଭିଯାନ ଆରମ୍ଭ ହୋଇଛି। ଅନୁଷ୍ଠାନର ସଦସ୍ୟମାନେ ଛୁଟିଦିନଗୁଡ଼ିକରେ ଜିଲ୍ଲାର ପର୍ଯ୍ୟଟନସ୍ଥଳୀଗୁଡ଼ିକରୁ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଫେଇ କରି ଆସୁଛନ୍ତି। ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ ପରେ ପୁନଃଚକ୍ରଣ ପାଇଁ ବିଭିନ୍ନ କବାଡ଼ି ଦୋକାନରେ ଜମା କରାଯାଉଛି। ଗତ ୫ ବର୍ଷ ମଧ୍ୟରେ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର ପମ୍ପାସର ଏବଂ ସାତକୋଶିଆ ଗଣ୍ଡ, ଡେରଜାଙ୍ଗ ଡ୍ୟାମ, ମନ୍ଦରଗିରି ପାହାଡ଼ ଆଦି ପର୍ଯ୍ୟଟନରୁ ୨ ଟନ୍‌ରୁ ଅଧିକ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରି ପୁନଃଚକ୍ରଣ ପାଇଁ ଦିଆଯାଇଥିବା ସୂଚନା ମିଳିଛି। ଦଶହରା ଛୁଟିରେ ଅବସରରେ ରବିବାର ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳର ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପମ୍ପାସରରୁ ୪୦ କେଜିରୁ ଅଧିକ ପ୍ଲାଷ୍ଟିକ ଆବର୍ଜନା ସଂଗ୍ରହ କରାଯାଇଛି। ଅନୁଷ୍ଠାନର ସୌଭାଗ୍ୟ ସାହୁ, ସ୍ୱରୂପ ସାହୁ, ସୌମ୍ୟରଞ୍ଜନ ଥମ୍ବ, ସିଦ୍ଧାର୍ଥ ପ୍ରଧାନ, ସୁଦର୍ଶନ ପ୍ରଧାନ ଏବଂ ସୁବ୍ରତ କୁମାର ପ୍ରଧାନ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

ଦଶହରା ଉପଲକ୍ଷେ ପୁଲିସ ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ

ଭୁବନ, ୧୮ ।୧୦(ସମିସ): ଭୁବନ ସହରର ପ୍ରସିଦ୍ଧ ବଳଦ ଯାତ୍ରା ଉପଲକ୍ଷେ ଭୁବନ ଥାନା ପକ୍ଷରୁ ରବିବାର ଏକ ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ରେଣୁବାଳା ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ଫ୍ଲାଗ୍ ମାର୍ଚ୍ଚରେ କାମାକ୍ଷାନଗର ଏସ୍?ଡିପିଓ ରଜନୀକାନ୍ତ ସାମଲ ଉପସ୍ଥିତ ଥିଲେ। ବଳଦ ଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ସହ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ନେଇ ସେ ଉପସ୍ଥିତ ପୁଲିସ କର୍ମଚାରୀଙ୍କୁ ଆବଶ୍ୟକ ପରାମର୍ଶ ଓ ନିର୍ଦ୍ଦେଶ ଦେଇଥିଲେ। ଭୁବନ କାଳୀ ବଜାରରୁ ଏହି ଫ୍ଲାଗ୍ ମାର୍ଚ୍ଚ ଆରମ୍ଭ ହୋଇ ଦୁର୍ଗା ବଜାର, ଗୋଡ଼ି ପୋଖରୀ ଛକ ଦେଇ ନୂଆ ବଜାରରେ ପହଞ୍ଚିଥିଲା। ପରେ ପୁନର୍ବାର କାଳୀ ବଜାର ଦେଇ ଏନ୍ଏସି କାର୍ଯ୍ୟାଳୟଠାରେ ଶେଷ ହୋଇଥିଲା। ଏହି ଫ୍ଲାଗ୍ମାର୍ଚ୍ଚରେ ୧୯ଟି ଥାନାର କର୍ମଚାରୀଙ୍କ ସମେତ ୫ ଜଣ ଆଇଆଇସି, ୧୪ ଜଣ ଅଧିକାରୀ, ୬ ଜଣ ହାବିଲଦାର, ୧୩ ଜଣ କନଷ୍ଟେବଳ, ୧୧ ଜଣ ଓଏପିଏଫ୍, ୫ ଜଣ ଏର୍ସି ଏବଂ ୫୦ ଜଣ ହୋମଗାର୍ଡ ସାମିଲ ହୋଇଥିଲେ। ଏଥିସହ ୪ ପ୍ଲାଟୁନ୍ ଫୋର୍ସ ମଧ୍ୟ ଉପସ୍ଥିତ ଥିଲେ। ଦଶହରା ଓ ବଳଦ ଯାତ୍ରା ସମୟରେ ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ଜନସାଧାରଣଙ୍କ ମନରେ ସୁରକ୍ଷା ଭାବନା ସୃଷ୍ଟି କରିବା ଏବଂ ଯେକୌଣସି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଉଦ୍ଦେଶ୍ୟରେ ପୁଲିସ ପକ୍ଷରୁ ଏହି ଫ୍ଲାଗ୍ ମାର୍ଚ୍ଚ କରାଯାଇଥିଲା।

ଶାରଦୀୟ ଦୁର୍ଗାପୂଜା ଓ ମହାଷ୍ଟମୀ ପୂଜା

ପ୍ରସିଦ୍ଧ ଶୈବପୀଠ କପିଳାସ ଚଳଚଞ୍ଚଳ

ଗଁଦିଆ, ୧୮ ।୧୦(ସମିସ)

ପ୍ରସିଦ୍ଧ ଶୈବପୀଠ କପିଳାସରେ ଶାରଦୀୟ ଦୁର୍ଗାପୂଜା ଓ ମହାଷ୍ଟମୀ ପୂଜା ଜାରି ରହିଛି। ଏହି ଅବସରରେ ପୀଠ ଚଳଚଞ୍ଚଳ ହୋଇଉଠିଛି। ଶ୍ରାଦ୍ଧାଳୁଙ୍କ ପ୍ରବଳ ସମାଗମ ହେଉଛି। ପୀଠରେ ମା' ଦୁର୍ଗାଙ୍କ ଷୋଳପୂଜା ମୂଳାଷ୍ଟମୀଠାରୁ ଆରମ୍ଭ ହୋଇଥିଲା। ମା'ଙ୍କ ମନ୍ଦିରରେ ପ୍ରତ୍ୟହ ପୂଜାର୍ଚ୍ଚନା ସହ ଦୁର୍ଗାପୂଜା ଉପଲକ୍ଷେ ସ୍ୱତନ୍ତ୍ର ନୀତିକାନ୍ତି ହେଉଛି। ରବିବାର ମହାଷ୍ଟମୀ ଉପଲକ୍ଷେ ସକାଳ ୬ଟାରେ ଜୟ ମଙ୍ଗଳା ଆଳତି, ୬ଟା ୨୦ରେ ମା'ଙ୍କୁ ଦଧିରେ ମାର୍ଜନା, ସାଢ଼େ ୬ଟାଟାରେ ସୂର୍ଯ୍ୟପୂଜା, ବଲ୍ଲବ ଧୂପ, ମାର୍ଜନା, ବାଲ୍ୟ ଧୂପ, ସକାଳଧୂପ ଅନୁଷ୍ଠିତ ହୋଇଥିଲା। ମା'ଙ୍କ ନିକଟରେ ଛେନା, ଗୁଡ଼, ଫଳ, ଚୁଡ଼ାଘଷା ପ୍ରଭୃତି ଭୋଗ ଲାଗିଥିଲା। ସକାଳ ଧୂପରେ କାନିକା, ଖେଚୁଡ଼ି, ଚକା, ଡାଲମା, ଅନ୍ନ ଖିରି ଆଦି ଭୋଗ ଲାଗି କରାଯାଇଥିଲା। ୧୦ଟାରେ ଚଣ୍ଡୀପାଠ, ଅପରାହ୍ନ ୧୨ଟା ୨୫ରେ ମାର୍ଜନା, ଅପରାହ୍ନ ୨ଟା ୩୦ରେ ମାଣ୍ଡୁଅ ପିଠା, ଉଖୁଡ଼ା, ଫଳ ଇତ୍ୟାଦି ଅର୍ପଣ କରାଯାଇଥିଲା। ପରେ ହୋମ ଓ ତର୍ପଣ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ପହଡ଼ ନୀତି ହୋଇଥିଲା। ପରେ ପହଡ଼ ଖୋଲାଯାଇ ଟେରାପଣା ଲାଗି କରାଯାଇଥିଲା। ସନ୍ଧ୍ୟା ଆଳତି ରାତ୍ରିଧୂପ ଆଦି ପରେ ରାତ୍ରିରେ ଷୋଡ଼ଶ ଉପଚାରରେ ସନ୍ଧି ପୂଜା ଆରମ୍ଭ ହୋଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା।

ଦେବୋତ୍ତର ନିରୀକ୍ଷକ ବସନ୍ତ ରଥଙ୍କ ତତ୍ତ୍ୱାବଧାନରେ ସମସ୍ତ ନୀତିକାନ୍ତି ହେଉଛି। ପର୍ବ ପାଳିଆ ନିରଞ୍ଜନ ପତି, କର୍ତ୍ତା ବିଶ୍ୱଜିତ ପତି, କପିଳାସ ସେବାୟତ ସଂଘ ସଭାପତି ପ୍ରକାଶ ପତି, ବରିଷ୍ଠ ସେବାୟତ ଗୁରୁଚରଣ ମହାପାତ୍ର, ଭଣ୍ଡାର ଘରିଆ ପୃଥ୍ୱୀରାଜ ମହାପାତ୍ର ପ୍ରମୁଖ ସମସ୍ତ ସହଯୋଗ କରୁଛନ୍ତି।

୭ ସାଇକେଲ ଉଦ୍ଧାର: ୨ ନାବାଳକ ଅଟକ

ଢେଙ୍କାନାଳ, ୧୮ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ଟାଉନ ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରୁ ସାଇକେଲ ଚୋରୀ ଅଭିଯୋଗରେ ପୋଲିସ ୨ ଜଣ ନାବାଳକଙ୍କ ସହିତ ୭ଟି ଦାମୀ ସାଇକେଲ ଜବତ କରିଥିବାର ଜଣାପଡ଼ିଛି। ଟାଉନ ଥାନା ଅନ୍ତର୍ଗତ ଭଗବାନପୁର ଅଞ୍ଚଳର ସୂର୍ଯ୍ୟକାନ୍ତି ସେଠୀଙ୍କ ପୁଅ ଜୀବନଜ୍ୟୋତି ସେଠିଙ୍କ ଅଭିଯୋଗ ଅନୁସାରେ ଗତ ୧୫ ତାରିଖ ଦିନ ଷ୍ଟାଡିୟମ ନିକଟରେ ଥିବା ହନୁମାନ ବାଟିକା ଠାରୁ ତାଙ୍କର ଏକ କଳାରଙ୍ଗର ହରକ୍ୟୁଲେସ ବାଇସାଇକେଲ ଚୋରୀ ହୋଇଥିଲା। ଥାନାରେ ଅଭିଯୋଗ ପରେ ପୋଲିସ ୭୪୨/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସେଠାରେ ଥିବା ସିସିଟିଭି ଯାଞ୍ଚ ସହିତ ବିଭିନ୍ନ ସୂଚନାକୁ ଆଧାର କରି ଦୁଇଜଣ ନାବାଳକ ଏହି ସାଇକେଲ ଚୋରୀ କରିଥିବାର ଜଣାପଡ଼ିଥିଲା। ପୋଲିସ ସେମାନଙ୍କୁ ଅଟକ ରଖି ପଚରା ଉଚରା ପରେ ସେମାନଙ୍କ ଠାରୁ ୭ଟି ସାଇକେଲ ଉଦ୍ଧାର କରିଥିବାର ଜଣାପଡ଼ିଛି। ଏହି ଘଟଣାରେ ପୋଲିସ ସେମାନଙ୍କ ଠାରୁ ଗୋଟିଏ କଳାରଙ୍ଗର ହିରୋ ନେକ୍ସଟ ସାଇକେଲ ସହିତ ଗୋଟିଏ ବ୍ଲୁ ରଙ୍ଗର ଷ୍ଟ୍ରାଇଡର, ଗ୍ରେ ରଙ୍ଗର ହରକ୍ୟୁଲେସ, କମବାକ୍ସ ସାଇକେଲ, ଷ୍ଟ୍ରାଇକର ଗ୍ୟାଙ୍ଗ, ଗିୟର ବିଷ୍ଟ ଲିଡର, ହରକ୍ୟୁଲେସ ଭେଲାର୍ଡ ଭିଭିଡ ବାଇସାଇକେଲ ଜବତ କରିଛି। ସେମାନେ ନାବାଳକ ଥିବାରୁ ସମସ୍ତଙ୍କ ନାମ ଗୋପନ ରଖାଯାଇଛି।

ବ୍ରାହ୍ମଣୀ ନଦୀ ବଞ୍ଚାଅ ଅଭିଯାନ

● ଆପ୍ ପକ୍ଷରୁ ସଚେତନତା

ଗଁଦିଆ, ୧୮ ।୧୦(ସମିସ): ବ୍ରାହ୍ମଣୀ ନଦୀ ବଞ୍ଚାଅ ଅଭିଯାନ କ୍ରମରେ ଆମ୍ ଆଦମୀ ପାର୍ଟି (ଆପ୍) ପକ୍ଷରୁ ରବିବାର ଗଁଦିଆ ବ୍ଲକ ଦଶମାଣ ପାଟଣା, ପିଙ୍ଗୁଆ, ଖଣ୍ଡବନ୍ଧ, କାଶୀପୁର, ଦିଗମ୍ବରପୁର, ମଦାର ପଞ୍ଚାୟତରେ ଲୋକଙ୍କୁ ସଚେତନ କରାଯାଇଛି। ଗତ ୭ ବର୍ଷ ହେଲା ନଦୀ ବିକ୍ରି ସରିଛି। ପୁଣି ଦୁଇ ବର୍ଷ ତଳେ ରାଜ୍ୟ ବିଜେପି ସରକାର ନଦୀର ପାଣି ଧାରକୁ ସଂକୀର୍ଣ୍ଣ କରି ଟନେଲ ତିଆରି କରିବାକୁ ଆମ ଟିକସ ଟଙ୍କାରୁ ୧୫୫୦ କୋଟି ପ୍ରଦାନ କରିଛି। ଗୋଟିଏ ପଟେ ରାଜ୍ୟ ସରକାର ବୃଦ୍ଧବୃଦ୍ଧାଙ୍କୁ ସାମାଜିକ ସୁରକ୍ଷା ଭତ୍ତା ଦେଇପାରୁନି। କେଉଁଠି ରାସ୍ତା ନାହିଁ ତ କେଉଁଠି ପାନୀୟ ଜଳ ନାହିଁ। ଗରିବ ଲୋକେ ଆବାସ ଯୋଜନାରେ ଘର ଖଣ୍ଡେ ପାଉନାହାନ୍ତି। ବିଦ୍ୟାଳୟରେ ଶିକ୍ଷକ ନାହାନ୍ତି, ମହାବିଦ୍ୟାଳୟରେ ଅଧ୍ୟାପକ ନାହାନ୍ତି। ହସ୍ପିଟାଲରେ ଡାକ୍ତର ନାହାନ୍ତି, ମେଡିସିନ ନାହିଁ। ଏପରି ସ୍ଥିତିରେ ଆମ ଟିକସ ଟଙ୍କା ନଦୀ ଟନେଲରେ କାହିଁକି ଲାଗିବ ବୋଲି ଆପ୍ ପ୍ରଶ୍ନ କରିଛି। ବ୍ରାହ୍ମଣୀ ନଦୀ କୂଳରେ ଅଞ୍ଚଳର ଅନେକ ଚାଷୀ ପନିପରିବା ଚାଷ କରନ୍ତି, ମତ୍ସ୍ୟଜୀବୀ ମାଛଧରି ଜୀବିକା ନିର୍ବାହ କରନ୍ତି। ଅନେକ ପଶୁପକ୍ଷୀ ନିଜ ତୃଷ୍ଣା ମେଣ୍ଟାନ୍ତି। ତଟବର୍ତ୍ତୀ ଲୋକଙ୍କୁ ପାନୀୟ ଜଳ ଯୋଗାଇଥାଏ ବ୍ରାହ୍ମଣୀ। ତେବେ ସରକାର ଏହାକୁ ହତ୍ୟା କରିବାକୁ ଯୋଜନା କରିଛନ୍ତି। ସମସ୍ତେ ଏହାର ପ୍ରତିବାଦ କରିଛନ୍ତି। ଏ ନେଇ ଆପ୍ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଇଛି। ଜିଲ୍ଲା ସଭାପତି ପଙ୍କଜ ନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା, ଗଁଦିଆ କାର୍ଯ୍ୟକାରୀ ସଭାପତି ରୋହିତ ବେହେରା, ସଦସ୍ୟ ଅକ୍ଷୟ ସାହୁ, ଦିଲୀପ ମଲିକ, ଭରତ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

ଧରାବତରଣ କଲେ ମା' ଜଗତଜନନୀ

ଭୁବନ, ୧୮ ।୧୦(ସମିସ): ସବୁ କଳ୍ପନାଜଳ୍ପନାର ଅନ୍ତ ଘଟାଇ ଧରାବତରଣ କରିଛନ୍ତି ଜଗତଜନନୀ ମା' ଦୁର୍ଗା। ମା'ଙ୍କ ଆଗମନରେ ଭୁବନ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ସବୁଠି ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ଚଳିତବର୍ଷ ଭୁବନ ସହରର ୨୦ରୁ ଊର୍ଦ୍ଧ୍ୱ ପୂଜା ମଣ୍ଡପରେ ଷଷ୍ଠୀ ଓ ସପ୍ତମୀ ପୂଜା ସହ ମା'ଙ୍କ ଆରାଧନା ଆରମ୍ଭ ହୋଇଛି। ଏଥିସହ ଭୁବନ ବ୍ଲକର ବିଭିନ୍ନ ଗ୍ରାମରେ ମଧ୍ୟ ଦୁର୍ଗାପୂଜା ଆୟୋଜନ କରାଯାଇଛି। ମା'ଙ୍କ ଆଗମନକୁ ନେଇ ଭକ୍ତଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ପ୍ରକାଶ ପାଇଛି। ପୂଜାକୁ ଆକର୍ଷଣୀୟ କରିବା ପାଇଁ ବିଭିନ୍ନ ମଣ୍ଡପରେ ପ୍ରସ୍ତୁତି ଶେଷ ହୋଇଛି। ମୃଣ୍ମୟୀ ପ୍ରତିମାରେ କାରିଗରମାନେ ତୁଳୀର ଶେଷ ସ୍ପର୍ଶ ଦେଇଥିବାବେଳେ ରଙ୍ଗିନ ଆଲୋକମାଳା, ସୁନ୍ଦର ଫୁଲସଜ୍ଜା ଓ ଆକର୍ଷଣୀୟ ତୋରଣରେ ମଣ୍ଡପଗୁଡ଼ିକ ଝଲସି ଉଠିଛି। କେତେକ ମଣ୍ଡପରେ ମା'ଙ୍କୁ ଚାନ୍ଦିର ଆଭୂଷଣରେ ସଜ୍ଜିତ କରାଯାଇଛି। ମା' ଦୁର୍ଗାଙ୍କ ସମେତ ପାର୍ଶ୍ୱଦେବଦେବୀ ଲକ୍ଷ୍ମୀ, ସରସ୍ୱତୀ, ଗଣେଶ ଓ କାର୍ତ୍ତିକଙ୍କ ମୂର୍ତ୍ତିର ସାଜସଜ୍ଜା ଭକ୍ତଙ୍କୁ ଆକୃଷ୍ଟ କରୁଛି। ପୂଜା କମିଟିର କର୍ମକର୍ତ୍ତାମାନେ ପୂଜାର ସୁପରିଚାଳନା ପାଇଁ ସମସ୍ତ ବ୍ୟବସ୍ଥା କରିଛନ୍ତି। ଭୁବନ ସହରର ପୁରାତନ ପୂଜା ମଣ୍ଡପ ମଧ୍ୟରେ ବନଦୁର୍ଗା, ଦେଶଦୁର୍ଗା, ହରପାର୍ବତୀ, ସେନ ସାହି ହରଗୌରୀ, ନୂଆଭୁବନ ଓ ବାଜିଛକ କ୍ଲାସିକ୍ କ୍ଲବ୍ର ପୂଜା ଅନ୍ୟତମ। ଏହାବ୍ୟତୀତ ହାଟୁଆ ବଣିକ ସଂଘ, ପୋଥାଳ ସାହି, ବିଘ୍ନ ମହାନ୍ତି ଛକ ଓ ନୂଆଭୁବନ ମଝି ସାହି ସମେତ ସହରର ବିଭିନ୍ନ ମଣ୍ଡପରେ ମା'ଙ୍କ ପୂଜା ଆରମ୍ଭ ହୋଇଛି। ଶନିବାର ଷଷ୍ଠୀ ଓ ସପ୍ତମୀ ପୂଜା ଅବସରରେ ବିଧିବିଧାନ ଅନୁଯାୟୀ ବେଲବରଣୀ ପୂଜା ସମ୍ପନ୍ନ ହୋଇଛି। ମଣ୍ଡପଗୁଡ଼ିକରେ ଭକ୍ତଙ୍କ ଭିଡ଼ ଜମିବା ସହ ପୂଜାର ଆଧ୍ୟାତ୍ମିକ ପରିବେଶ ସମଗ୍ର ସହରକୁ ଭକ୍ତିମୟ କରିଦେଇଛି।

ମା' ବନଦୁର୍ଗାଙ୍କ ପୀଠରେ ମହାଷ୍ଟମୀ ପୂଜା

ଢେଙ୍କାନାଳ, ୧୮ ।୧୦(ସମିସ): ସ୍ଥାନୀୟ କୈବଲ୍ୟବଜାରସ୍ଥିତ ଦୁର୍ଗତିନାଶିନୀ ମା' ବନଦୁର୍ଗାଙ୍କ ପୀଠରେ ରବିବାର ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି। ପ୍ରାତଃରୁ ମା'ଙ୍କ ମଙ୍ଗଳାଆଳତି ମହାସ୍ନାନ, ନୂତନ ବସ୍ତ୍ର ଓ ବିଭିନ୍ନ ଫୁଲରେ ସଜ୍ଜିତ କରାଯାଇଥିଲା। ସୂର୍ଯ୍ୟପୂଜା, ଗୋପୂଜା, କଳସ ପୂଜା, ମଣ୍ଡଳ ପୂଜା, ଷୋଡ଼ଶ ଉପଚାର ପୂଜା, ଚଣ୍ଡୀପାଠ, ସପ୍ତଚଣ୍ଡୀ ଆହୁତି ଓ ବିଭିନ୍ନ ଭୋଗ ଲାଗି କରାଯାଇଛି। ସନ୍ଧ୍ୟାରେ ଭକ୍ତଙ୍କ ପାଇଁ ପ୍ରସାଦସେବନ ସହିତ ସତରୂପା ଭଜନସନ୍ଧ୍ୟା ପକ୍ଷରୁ ଭଜନ ପରିବେଷଣ କରାଯାଇଛି। ସୋମବାର ମହାନବମୀ ପୂଜା ଅନୁଷ୍ଠିତ ହେବ। ପୂଜକ ଅମିୟ କର ଓ କର୍ତ୍ତା କୁଞ୍ଜବିହାରୀ ମହାପାତ୍ର ପୂଜା ସମ୍ପାଦନ କରୁଛନ୍ତି। ସଭାପତି ନରେନ୍ଦ୍ର ବେହେରା, ସମ୍ପାଦକ ସୂର୍ଯ୍ୟକାନ୍ତ ମହାନ୍ତି ଓ କୋଷାଧ୍ୟକ୍ଷ ମନୋଜ ମହନ୍ତିଙ୍କ ତତ୍ତ୍ୱାବଧାନରେ ପୂଜା ପରିଚାଳିତ ହେଉଛି।

ମା' କନକଦୁର୍ଗାଙ୍କ ପୀଠରେ ମହାଷ୍ଟମୀ ପୂଜା

ଢେଙ୍କାନାଳ, ୧୮ ।୧୦(ସମିସ): ଦେଉଳସାହିସ୍ଥିତ ମା' କନକଦୁର୍ଗାଙ୍କ ପୀଠରେ ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି। ଆଜି ମା'ଙ୍କୁ ଦୁର୍ଗାଦେବୀ ବେଶରେ ସଜ୍ଜିତ କରାଯାଇଥିଲା। ସୋମବାର ମହାନବମୀରେ କୁମାରୀ ପୂଜା ସହ ମହିଷାମର୍ଦ୍ଦିନୀ ବେଶ ଅନୁଷ୍ଠିତ ହେବ। ମଙ୍ଗଳବାର ଦଶହରା ଦିନ ମା'ଙ୍କ ରାଜରାଜେଶ୍ୱରୀ ବେଶ ସହ ପ୍ରସାଦସେବନ ଓ ସନ୍ଧ୍ୟାରେ ନଗର ପରିକ୍ରମା କରାଯିବ। ସୂଚନାଥାଉକି, ବିଜୟୱାଡାଠାରେ ଥିବା କନକ ଦୁର୍ଗାଙ୍କର ଓଡ଼ିଶାରେ ଏହା ପ୍ରଥମ ପୀଠ ହୋଇଥିବାରୁ ବିଜୟୱାଡା କନକ ଦୁର୍ଗାଙ୍କ ରୀତିନୀତି ଅନୁସାରେ ଏଠାରେ ନବରାତ୍ର ପୂଜାର୍ଚ୍ଚନା କରାଯାଏ। ନବରାତ୍ର ପ୍ରଥମ ଦିନ ବାଲାତ୍ରିପୁର ସୁନ୍ଦରୀ, ଦ୍ୱିତୟ ଦିନ ଗାୟତ୍ରୀ ଦେବୀ, ତୃତୀୟ ଦିନ ଅନ୍ନପୂର୍ଣ୍ଣା ଦେବୀ, ଚତୁର୍ଥ ଦିନ ମହାଚଣ୍ଡୀ, ପଞ୍ଚମ ଦିନ ଲଳିତା ତ୍ରିପୁରା ସୁନ୍ଦରୀ, ଷଷ୍ଠ ଦିନ ସରସ୍ୱତୀ ଦେବୀ, ସପ୍ତମ ଦିନ ମହାଲକ୍ଷ୍ମୀ ଦେବୀ ବେଶ ଅନୁଷ୍ଠିତ ହୋଇଥାଏ।

ଆନ୍ତର୍ଜାତିକ ବିପର୍ଯ୍ୟୟ ବିପଦ ହ୍ରାସ ଦିବସ

ଢେଙ୍କାନାଳ, ୧୮ ।୧୦(ସମିସ): ସ୍ଥାନୀୟ ମାଇ ଭାରତ ଆନୁକୂଲ୍ୟରେ କୁଞ୍ଜକାନ୍ତଠାରେ ବିପର୍ଯ୍ୟୟ ସମୟରେ ବିପଦକୁ ହ୍ରାସ କରିବା ପାଇଁ କିଭଳି ଉପସ୍ଥିତ ବୁଦ୍ଧି କାର୍ଯ୍ୟ କରିଥାଏ ସେ ବିଷୟରେ ଅବଗତ କରାଯାଇଛି। ସମସ୍ତେ କିଭଳି ବିପଦରୁ ନିଜକୁ ରକ୍ଷା କରିପାରିବା ସେ ନେଇ ସିଭିଲ ଡିଫେନ୍ସର ଚିନ୍ମୟ କୁମାର ବେହେରା ଓ ସୁଜିତ୍ କୁମାର ବେହେରା କେତେକ ଉଦ୍ଧାର କାର୍ଯ୍ୟର ପ୍ରକ୍ରିୟା କରି ସମସ୍ତଙ୍କୁ ଶିଖାଇଥିଲେ। ବିପ୍ରବର ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ମା' ବ୍ରାହ୍ମଣୀ ଦେବୀଙ୍କ ମହିଷାମର୍ଦ୍ଦିନୀ ବେଶ

ଢେଙ୍କାନାଳ, ୧୮ ।୧୦(ସମିସ): ବାଜିଚୌକସ୍ଥିତ ମା' ବ୍ରାହ୍ମଣୀ ଦେବୀଙ୍କ ମନ୍ଦିରରେ ମହାଷ୍ଟମୀ ଉପଲକ୍ଷେ ମା'ଙ୍କୁ ମହିଷାମର୍ଦ୍ଦିନୀ ବେଶ କରାଯାଇ ପୂଜାର୍ଚ୍ଚନା କରାଯାଇଛି। ପ୍ରାତଃରୁ ମା'ଙ୍କ ମାଜଣା, ଚୁଆ ସିନ୍ଦୂର ପ୍ରଲେପ, ଫୁଲ, ନୂତନବସ୍ତ୍ର ପରିଧାନ ଓ ମୁକୁଟ ସହ ଆବାହନ ନୀତିକାନ୍ତି କରାଯାଇଥିଲା। ଏହି ଉପଲକ୍ଷେ ଚୁଡ଼ାଘସା, ପଣା, ବିଭିନ୍ନ ଫଳମୂଳ ଲାଗି କରାଯାଇଲା। ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। ସନ୍ଧ୍ୟାରେ ୧୦୮ ଦୀପରେ ଆବାହନ କରାଯାଇ ସମସ୍ତଙ୍କ ମଙ୍ଗଳ କାମନା କରାଯାଇଥିଲା। ମହିଳା ଶ୍ରଦ୍ଧାଳୁମାନେ ମା'ଙ୍କ ପାଖରେ ଶଙ୍ଖା, ଶାଢ଼ି ଓ ଫଳମୂଳ ନେଇ ପୂଜାର୍ଚ୍ଚନା କରିଥିଲେ।

ମା' ମଙ୍ଗଳାଙ୍କ ପୀଠରେ ମହାଷ୍ଟମୀ ପୂଜା

ଢେଙ୍କାନାଳ, ୧୮ ।୧୦(ସମିସ): ସ୍ଥାନୀୟ ଗୁଡ଼ିଆନାଳୀ ଭାଗୀରଥି ସାଗର ନିକଟ ମା' ମଙ୍ଗଳାଙ୍କ ପୀଠରେ ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି। ମଧ୍ୟାହ୍ନରେ ଭକ୍ତଙ୍କ ପାଇଁ ପ୍ରସାଦସେବନ ବ୍ୟବସ୍ଥା ହୋଇଥିଲା। ପୂଜକ ତଥା କୋଷାଧ୍ୟକ୍ଷ କବୀନ୍ଦ୍ର ସେନାପତି, ସଭାପତି ରବୀନ୍ଦ୍ର କର, ସମ୍ପାଦକ ତପନ ରଣା ପ୍ରମୁଖ ପୂଜା ପରିଚାଳନା କରୁଛନ୍ତି।

ମା' ବନଦୁର୍ଗା ପୀଠରେ ମହାଷ୍ଟମୀ ପୂଜା

ଢେଙ୍କାନାଳ, ୧୮ ।୧୦(ସମିସ): ସ୍ଥାନୀୟ କୁଞ୍ଜକାନ୍ତସ୍ଥିତ ମା' ବନଦୁର୍ଗାଙ୍କ ପୀଠରେ ମହାଷ୍ଟମୀ ପୂଜା ପାଳିତ ହୋଇଛି। ଏହି ଅବସରରେ ମା'ଙ୍କୁ ମହାଗୌରୀ ବେଶରେ ସଜ୍ଜିତ କରାଯାଇଥିଲା। ସୋମବାର ମହାନବମୀରେ ସିଦ୍ଧିଦାତ୍ରୀ ବେଶ ଓ କୁମାରୀ ପୂଜା ପରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ।

ମା' ତାରିଣୀଙ୍କ ପୀଠରେ ମହାଷ୍ଟମୀ ପୂଜା

ଢେଙ୍କାନାଳ, ୧୮ ।୧୦(ସମିସ): ସ୍ଥାନୀୟ ଗାନ୍ଧିମନ୍ଦିରସ୍ଥିତ ମା' ତାରିଣୀଙ୍କ ପୀଠରେ ଶାରଦୀୟ ନବରାତ୍ର ପୂଜା ଜାରି ରହିଛି। ୯ଦିନ ଧରି ମା'ଙ୍କ ପୂଜାର୍ଚ୍ଚନା ସହ ବିଭିନ୍ନ ବେଶରେ ମା' ଦର୍ଶନ ଦେଉଛନ୍ତି। ରବିବାର ମହାଷ୍ଟମୀରେ ମହାଗୌରୀ ବେଶରେ ଦର୍ଶନ ଦେଇଛନ୍ତି ମା'। ସୋମବାର ମହାନବମୀ ପୂଜା ସହ ସିଦ୍ଧିଦାତ୍ରୀ ବେଶରେ ମା' ଦର୍ଶନ ଦେବେ। ପୂଜକ ଲିଙ୍ଗରାଜ ପତିଶର୍ମା ଓ ମନ୍ଦିର ପୂଜକ ଆପୁଲ୍ ରଣା ପୂଜାକାର୍ଯ୍ୟ ସମ୍ପାଦନ କରୁଛନ୍ତି।

ମା' ତାରିଣୀ ଶାନ୍ତିପୀଠରେ ମହାଷ୍ଟମୀ ପୂଜା

ଗଁଦିଆ, ୧୮ ।୧୦(ସମିସ): ଗଁଦିଆ ବ୍ଲକ ଦେଓଗାଁ ପଞ୍ଚାୟତର ଶ୍ୟାମଳୀସ୍ଥିତ ଶାନ୍ତିପୀଠରେ ପୂଜା ପାଉଥିବା ମା' ତାରିଣୀଙ୍କ ମହାଷ୍ଟମୀ ପୂଜା ଅନୁଷ୍ଠିତ ହୋଇଛି। ପୂଜକ ପଣ୍ଡିତ ଯୁଗଳ କିଶୋର ମିଶ୍ର ପୂଜାବିଧି ସମ୍ପନ୍ନ କରିଥିଲେ। ପୀଠ ପୂଜକ ରତ୍ନାକର ବାରିକ, ପୀଠ ପ୍ରତିଷ୍ଠାତା ଦେବରାଜ ମହାନ୍ତି ସହଯୋଗ କରିଥିଲେ। ପୂଜା ପରେ ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରିଥିଲେ।

ସମରକଳା ଦେଖି ତଥ୍ୟ ସଂଗ୍ରହ କଲେ ଐତିହ୍ୟ ପଦଯାତ୍ରୀ

ଢେଙ୍କାନାଳ, ୧୮ ।୧୦(ସମିସ)

ପବିତ୍ର ଦୁର୍ଗାଷ୍ଟମୀରେ ଓଡାପଡ଼ା ବ୍ଲକର କାଣ୍ଡବିନ୍ଧା ଗାଁ ଠାରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ୪୨ତମ ସଂସ୍କରଣ ଅନୁଷ୍ଠିତ ହୋଇ ଯାଇଛି। ଆଜି ପୂର୍ବାହ୍ନ ୧୦ଟା ସମୟରେ ଐତିହ୍ୟ ପଦଯାତ୍ରୀମାନେ ସେଠାରେ ପହଁଞ୍ଚିବା ପରେ ସ୍ଥାନୀୟ ମାଲଲୁହା କବାଟ ପାଇକ ଯୁବକ ସଂଘ ପକ୍ଷରୁ ପଦଯାତ୍ରୀମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ ଓ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏକ ଶୋଭାଯାତ୍ରାରେ ଗ୍ରାମରେ ଥିବା ଭୈରବ ପୀଠ ନିକଟସ୍ଥ ଦୁର୍ଗାପୂଜା ମଣ୍ଡପକୁ ପାଛୋଟି ନେଇଥିଲେ। ପରିଚୟ ଆଦାନ ପ୍ରଦାନ ପରେ ଐତିହ୍ୟ ପଦଯାତ୍ରାର ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ପତି ଏବଂ ଇଂ. ବିଶ୍ୱରଞ୍ଜନ ଦେହୁରୀ ମାଲଲୁହା କବାଟ ପାଇକ ଯୁବକ ସଂଘର ସଭାପତି ଅଶୋକ କୁମାର ସାହୁଙ୍କୁ ଉପଢୌକନ ଓ ଅନୁଷ୍ଠାନର ପ୍ରତୀକ(ଲୋଗୋ) ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଜିଲାର ପାଇକ ସଂସ୍କୃତି, ପରମ୍ପରା, ପାଇକ ମାନଙ୍କର କାଣ୍ଡବିନ୍ଧାକୁ ଆଗମନ ଓ ସେମାନଙ୍କର ଗୌରବମୟ ଐତିହ୍ୟ ସମ୍ପର୍କରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଇତିହାସ ଅନୁଯାୟୀ ବର୍ତ୍ତମାନ ଢେଙ୍କାନାଳ ଗଡ଼ର ପ୍ରତିଷ୍ଠାତା ରାଜା ହରିସିଂହ ବିଦ୍ୟାଧରଙ୍କ ସହିତ ଏହି ପାଇକ ମାନେ ଆସିଥିଲେ। ରାଜାଙ୍କ ସହିତ ଆସିଥିବା ଅତ୍ୟନ୍ତ ବଳଶାଳୀ ଓ ଯୋଦ୍ଧା ମାଲଲୁହା କବାଟଙ୍କୁ ରାଜା ଢେଙ୍କାନାଳ ଓ ହିନ୍ଦୋଳ ରାଜ୍ୟ ସୀମାନ୍ତରେ ଥିବା ଏହି ସ୍ଥାନରେ ୧୬ଏକର ଜମି ଜାଗିର ଦେଇ ଅବସ୍ଥାପିତ କରି ଥିଲେ ବୋଲି ଆଲୋଚନାରେ ଅଂଶଗ୍ରହଣ କରି ଆଶିଷ କୁମାର ସାହୁ ମତ ଦେଇଥିଲେ। ସେଇ ମାଲଲୁହା କବାଟ ପରିବାର ବୃଦ୍ଧି ପାଇ ଆଜି ଏକ ବିରାଟ ଗ୍ରାମରେ ପରିଣତ ହୋଇଛି। ଢେଙ୍କାନାଳ ଓ ମରହଟ୍ଟାଙ୍କ ଭିତରେ ଅନୁଷ୍ଠିତ ହୋଇଥିବା ୧୮ ଦିନର ମହାସମରରେ କାଣ୍ଡବିନ୍ଧାର ବୀର ପାଇକ ମାନେ ସେମାନଙ୍କ ରଣ କୌଶଳ ଓ ଅପୂର୍ବ ବୀରତ୍ୱ ପ୍ରଦର୍ଶନ କରିଥିଲେ ବୋଲି ଆଲୋଚନାରେ ଉପସ୍ଥିତ ଥିବା ରବି ନାରାୟଣ ସାହୁ ଓ ସଞ୍ଜୟ ସାହୁ ମତବ୍ୟକ୍ତ କରିଥିଲେ। କାଣ୍ଡବିନ୍ଧା ଗ୍ରାମ ଢେଙ୍କାନାଳ ଜିଲ୍ଲାର ସାମରିକ କଳା ପାଇଁ ପ୍ରସିଦ୍ଧି ଅର୍ଜନ କରିଛି। ଏବେବି ଏହି ଗ୍ରାମର ପାଇକ ମାନେ ଶାରଦୀୟ ଦଶହରା ସମୟରେ ସାମୂହିକ ଖଣ୍ଡାବସା ଓ ପୂଜା ସହିତ ଦଶହରା ଦିନ ଢେଙ୍କାନାଳ ରାଜବାଟୀ ଠାରେ ଦେବୀ ମନ୍ଦିରରେ ସେମାନଙ୍କ ଯୁଦ୍ଧ କୌଶଳ ପ୍ରଦର୍ଶନ କରି ଥାନ୍ତି।ଏହି ଆଲୋଚନାରେ ଅନ୍ୟ ମାନଙ୍କ ମଧ୍ୟରେ କାର୍ତ୍ତିକେଶ୍ୱର ସାହୁ, ଅଥାନୀ ସାହୁ, ପ୍ରସନ୍ନ ସାହୁ, ହରିହର ସାହୁ, ନିରଞ୍ଜନ ସାହୁ, ପ୍ରଭାତ ରଞ୍ଜନ ସାହୁ ପ୍ରମୁଖ ଅଂଶଗ୍ରହଣ କରି କାଣ୍ଡବିନ୍ଧା ଗ୍ରାମର ଐତିହ୍ୟ ଓ ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କରେ ନିଜନିଜର ମତ ପ୍ରଦାନ କରିଥିଲେ। ଆଲୋଚନା ପରେ ପଦଯାତ୍ରୀ ମାନେ ପାଇକ ସାହିର ଆରାଧ୍ୟା ଦେବୀ ମଙ୍ଗଳାଙ୍କ ୪୦୦ ବର୍ଷର ପୀଠ, ରଘୁନାଥ ମନ୍ଦିର, ଚଉପାଢ଼ୀ ଓ ୨୦୦ ବର୍ଷ ପୁରୁଣା ଶ୍ରୀଚୈତନ୍ୟ ମନ୍ଦିର ମଧ୍ୟ ପରିଦର୍ଶନ କରି ତଥ୍ୟ ସଂଗ୍ରହ କରିଥିଲେ। ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ରଙ୍କ ଆବାହକତ୍ୱରେ ପଦ୍ମନାଭ ଲେଙ୍କା, ଦୃଡାନନ୍ଦ ବେହେରା, ଜନ୍ମେଜୟ ରାଉତ, ବଦ୍ରୀନାଥ ଜେନା, ସୁନିତା ମହାପାତ୍ର, ଅକ୍ଷୟ କୁମାର ଦାସ, ନରହରି ମହାନ୍ତ, ସୁଜିତ କୁମାର ଦେବତା, ସାନିଆ ପରୱିନ୍ ପ୍ରମୁଖ ଆଜିର ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ। ଏହି ଅବସରେ ଯୁବକ ସଂଘ ତରଫରୁ ଏକ ଚିତାକର୍ଷକ ପାଇକ ଖେଳ ପ୍ରଦର୍ଶନ କରା ଯାଇଥଲା। ଆଜିର କାର୍ଯ୍ୟକ୍ରମରେ କାଣ୍ଡବିନ୍ଧା ଗ୍ରାମର ଶତାଧିକ ଯୁବକ, ବୟସ୍କ, ମହିଳା ଓ ଛାତ୍ରଛାତ୍ରୀ ମାନେ ଅଂଶଗ୍ରହଣ କରି ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଏହି ଅଭିନବ କାର୍ଯ୍ୟକୁ ପ୍ରଶଂସା କରିବା ସହିତ ଉତ୍ସାହିତ କରିଥିଲେ।

ନବରାତ୍ର ଦୁର୍ଗାପୂଜାରେ ଛପନ ଭୋଗ ଲାଗି

ଢେଙ୍କାନାଳ, ୧୮ ।୧୦(ସମିସ): ସ୍ଥାନୀୟ ରାଧାକୃଷ୍ଣ ବଜାର ଦୋଳମଣ୍ଡପ ସାହିଠାରେ ରାଧାକୃଷ୍ଣ ବଜାର ନବରାତ୍ର ଦୁର୍ଗାପୂଜା ସମିତି ପକ୍ଷରୁ ନବରାତ୍ର ଦୁର୍ଗାପୂଜାର ଷଷ୍ଠ ଦିବସରେ ଛପନ ଭୋଗ ଲାଗି କରାଯାଇଛି। ବିଭିନ୍ନ ପ୍ରକାର ମିଠା, ପିଠା ଓ ଫଳମୂଳ ଆଦି ଲାଗି କରାଯାଇଥିଲା। ବହୁ ଭକ୍ତ ସନ୍ଧ୍ୟା ଆଳତି ଦର୍ଶନ କରିଥିଲେ। ପୂଜକ ନରୋତ୍ତମ ଦାସ, ରୁଦ୍ରନାରାୟଣ କବିଶତପଥୀ, ଭବାନୀଶଙ୍କର ରଥ, ସୁବ୍ରତ ମହାପାତ୍ର, କର୍ତ୍ତା ଗଣେଶ୍ୱର ଓଝା ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ।

ଶନିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ କରି ଫେରୁଛନ୍ତି ପୂର୍ବତନ ୫ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନ

ବେତନଟୀରେ ବର୍ଷା-ପବନ

ଭୁଶୁଡ଼ିଲା ଦୁର୍ଗାପୂଜା ତୋରଣ; ଅଳ୍ପକେ ବର୍ତ୍ତିଲେ ଶ୍ରଦ୍ଧାଳୁ

ବେତନଟୀ,୧୮ ।୧୦(ସମିସ): ବେତନଟୀ ଅଞ୍ଚଳରେ ରବିବାର ସନ୍ଧ୍ୟାରେ ହଠାତ୍ ପ୍ରବଳ ବର୍ଷା ଓ ପବନ ଯୋଗୁଁ ବେତନଟୀ-ବଡ଼ସାହି ମୁଖ୍ୟ ରାସ୍ତାରେ ଥିବା ଏକ ବିରାଟକାୟ ଦୁର୍ଗାପୂଜା ସ୍ୱାଗତ ଆଲୋକ ତୋରଣ ଭାଙ୍ଗିପଡ଼ିଛି। ଫଳରେ ଉକ୍ତ ରାସ୍ତାରେ କିଛି ସମୟ ପାଇଁ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବ୍ୟାହତ ହୋଇଥିବାବେଳେ କେହି ମୃତାହତ ହୋଇ ନ ଥିବାରୁ ଏକ ବଡ଼ ବିପତ୍ତି ଟଳିଯାଇଛି।

ମିଳିଥିବା ସୂଚନା ମୁତାବକ, ରବିବାର ସନ୍ଧ୍ୟା ସମୟରେ ହଠାତ୍ ଆରମ୍ଭ ହୋଇଥିବା ପ୍ରବଳ ପବନ ଓ ବର୍ଷାରେ ବେତନଟୀ ଲ୍ୟାମ୍ପ୍‌ସ ସମ୍ମୁଖରେ କଙ୍କାକାଳିଆ ଦୁର୍ଗାପୂଜା କମିଟି ପକ୍ଷରୁ ନିର୍ମିତ ଆକର୍ଷଣୀୟ ଆଲୋକ

ତୋରଣ ମୁଖ୍ୟ ରାସ୍ତା ଉପରେ ଭୁଶୁଡ଼ି ପଡ଼ିଥିଲା। ତୋରଣ ପଡ଼ିଯିବା ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହି ତୀବ୍ର ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା। ଏ ସମୟରେ ତୋରଣ ତଳେ କୌଣସି ପଥଚାରୀ କିମ୍ବା ଯାନବାହନ ନ ଥିବାରୁ ଏକ ନିଶ୍ଚିତ ଦୁର୍ଘଟଣାରୁ ଲୋକେ ବର୍ତ୍ତିଯାଇଛନ୍ତି। ଘଟଣା ପରେ ପୁଲିସ ଟ୍ରାଫିକ ନିୟନ୍ତ୍ରଣ କରିବା ସହିତ ସ୍ଥାନୀୟ ଲୋକ ଓ ପୂଜା କମିଟି ସଦସ୍ୟ ତୁରନ୍ତ ରାସ୍ତା ଉପରୁ ଭଙ୍ଗା ବାଉଁଶ, ଏଲଇଡି ଆଲୋକ ତୋରଣର ଅଂଶବିଶେଷକୁ ହଟାଇବା ସହ ସଫେଇ କାର୍ଯ୍ୟ କରିଥିଲେ। ଏହାପରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।

କୋଟିଆର ୩ ପଞ୍ଚାୟତରେ ନିର୍ବାଚନ ପାଇଁ ଆନ୍ଧ୍ରର ବିଜ୍ଞପ୍ତି

ବିବାଦ ପରେ ଚେତିଲେ ସରକାର

ଭୁବନେଶ୍ୱର,୧୮ ।୧୦(ସମିସ): କୋଟିଆକୁ ନେଇ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ସୀମା ବିବାଦ ପୁଣି ତୀବ୍ର ହୋଇଛି। କୋରାପୁଟ ଜିଲ୍ଲା ପଟ୍ଟାଙ୍ଗି ବ୍ଲକ୍‌ର ବିବାଦୀୟ କୋଟିଆ

ଅଞ୍ଚଳର ୩ଟି ପଞ୍ଚାୟତରେ ନିର୍ବାଚନ କରାଇବାକୁ ଆନ୍ଧ୍ର ସରକାର ବିଜ୍ଞପ୍ତି ଜାରି କରିବା ପରେ ଓଡ଼ିଶା ସରକାର ତତ୍ପର ହୋଇଛନ୍ତି। ଏହି ପ୍ରସଙ୍ଗରେ ରାଜ୍ୟର ଆଭିମୁଖ୍ୟ ସ୍ପଷ୍ଟ କରିବା ସହ ଆନ୍ଧ୍ରର ପଦକ୍ଷେପକୁ ପ୍ରତିହତ କରିବାକୁ ସରକାର ଉଦ୍ୟମ କରୁଥିବା କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

ମନ୍ତ୍ରୀ କହିଛନ୍ତି, କୋଟିଆ ଓଡ଼ିଶାର। ଆନ୍ଧ୍ର ଯେଉଁ ଉଦ୍ୟମ କରୁଛି, ତାହାକୁ ରୋକିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରୟାସ କରୁଛନ୍ତି। ଏହି ଅଞ୍ଚଳରେ ଆନ୍ଧ୍ରର ଗତିବିଧି ଉପରେ ନଜର ରଖିବାକୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ କୁହାଯାଇଛି।

କୋଟିଆ ଓଡ଼ିଶାର, ଆନ୍ଧ୍ରର ଉଦ୍ୟମକୁ ପ୍ରତିହତ କରିବୁ: ସୁରେଶ ପୂଜାରୀ

କୋଟିଆବାସୀଙ୍କ ସ୍ୱାର୍ଥ ରକ୍ଷା ସହ ଅଞ୍ଚଳରେ ଓଡ଼ିଶା ସରକାରଙ୍କ ଉପସ୍ଥିତିକୁ ଆହୁରି ଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଉଛି।

କୋଟିଆବାସୀଙ୍କ ସହ ସରକାରଙ୍କ ସମ୍ପର୍କକୁ ଉଲ୍ଲେଖ କରି ମନ୍ତ୍ରୀ କହିଛନ୍ତି, ପୂର୍ବରୁ ଯେତେବେଳେ ଓଡ଼ିଶା ସରକାର କୋଟିଆବାସୀଙ୍କ ପାଖରେ ପହଞ୍ଚି ପାରୁନଥିଲେ, ସେତେବେଳେ ଆନ୍ଧ୍ର ସେମାନଙ୍କ ପାଇଁ ମାଉସୀ ସାଜୁଥିଲା। ଏବେ ମା’ ଆସିଯାଇଛି, ତେଣୁ ମାଉସୀର ଆବଶ୍ୟକତା ନାହିଁ। ଏହି ଉପମା ମାଧ୍ୟମରେ ସେ କୋଟିଆରେ ଓଡ଼ିଶା ସରକାରଙ୍କ ଉପସ୍ଥିତି ଓ ଜନକଲ୍ୟାଣକାରୀ ପଦକ୍ଷେପକୁ ଗୁରୁତ୍ୱ ଦେଇଛନ୍ତି।

ଆସନ୍ତା ୨୮ ତାରିଖରେ ଆନ୍ଧ୍ରର ନିର୍ବାଚନ ଥିବାରୁ କୋଟିଆବାସୀଙ୍କୁ ମଧ୍ୟ ଓଡ଼ିଶା ସହ ରହିବାକୁ ଅନୁରୋଧ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। କୋଟିଆବାସୀ ଓଡ଼ିଶା ସରକାରଙ୍କ ସହ ଅଛନ୍ତି ବୋଲି ସେ ଦୃଢ଼ୋକ୍ତି କରିଛନ୍ତି।

ଏହି ପ୍ରସଙ୍ଗରେ ବିରୋଧୀଙ୍କ ଅଭିଯୋଗର ଜବାବ ଦେଇ ସୁରେଶ ପୂଜାରୀ କହିଛନ୍ତି, କୋଟିଆର ସ୍ଥିତି ସମ୍ପର୍କରେ ଅଭିଯୋଗ କରୁଥିବା ରାଜନୈତିକ ଦଳଗୁଡ଼ିକ କେବଳ ହଟଚମଟ ନକରି ସରକାରଙ୍କ ଅଭିଯାନରେ ସାମିଲ ହେବା ଉଚିତ। ସେ କଂଗ୍ରେସ ବିଧାୟକ ଦଳ ନେତା ଓ ଅନ୍ୟ ବରିଷ୍ଠ ବିଧାୟକଙ୍କ ସହ କୋଟିଆ ଗସ୍ତ କରିଥିବା ଏବଂ ସେଠାରେ ସରକାର କ’ଣ କରୁଛନ୍ତି, ତାହା ସେମାନେ ଜାଣିଥିବା କହିଛନ୍ତି।

କୋଟିଆବାସୀଙ୍କୁ ସରକାର ସମସ୍ତ ଆବଶ୍ୟକ ସୁବିଧା ଓ ସୁଯୋଗ ଯୋଗାଇ ଦେଇଛନ୍ତି ବୋଲି ମନ୍ତ୍ରୀ ଦାବି କରିଛନ୍ତି। କୋଟିଆ ପ୍ରସଙ୍ଗରେ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ଥିବା ଏବଂ ଏଥିପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଉଥିବା ସେ ପୁନର୍ବାର କହିଛନ୍ତି।

ଚାନ୍ଦବାଲି ମହାବିଦ୍ୟାଳୟରେ ଛାତ୍ର ସଂଗଠନ ମଧ୍ୟରେ ବିବାଦ

ନବୀନଙ୍କ ଫଟୋଚିତ୍ରକୁ ଅସମ୍ମାନ, ଏତଲା ଦେଲା ବିସିଜେଡି

ଚାନ୍ଦବାଲି,୧୮ ।୧୦(ସମିସ): ଚାନ୍ଦବାଲି ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଛାତ୍ର ସଂଗଠନ ମଧ୍ୟରେ ବିବାଦ ତୀବ୍ର ହେବାରେ ଲାଗିଛି। ମହାବିଦ୍ୟାଳୟ ପରିସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋଚିତ୍ରକୁ ଅସମ୍ମାନ କରାଯାଇଥିବା ଅଭିଯୋଗ ଆଣିଛି ବିଜୁ ଛାତ୍ର ଜନତା ଦଳ (ବିସିଜେଡି)। ଏହି ଘଟଣାରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର କିଛି ଛାତ୍ରଙ୍କ ସମ୍ପୃକ୍ତି ଥିବା ଅଭିଯୋଗ କରି ବିସିଜେଡି ପକ୍ଷରୁ ରବିବାର ଅପରାହ୍ନ ପ୍ରାୟ୬ଟା ବେଳେ ଚାନ୍ଦବାଲି ଥାନାରେ ଏତଲା ଦିଆଯାଇଛି। ବିସିଜେଡି ପକ୍ଷରୁ ହୋଇଥିବା ଅଭିଯୋଗ ଅନୁଯାୟୀ, ଚାନ୍ଦବାଲି ମହାବିଦ୍ୟାଳୟର କାନ୍ଥରେ ପୂର୍ବରୁ ଫାଇଭ୍-ଟି ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋଚିତ୍ର ଲଗାଯାଇଥିଲା। ତେବେ ଉକ୍ତ ଫଟୋଚିତ୍ର ଉପରେ କିଛି ଛାତ୍ର ପାନଛେପ ପକାଇବା ସହ ନବୀନ ପଟ୍ଟନାୟକଙ୍କ ମୁହଁରେ ଗୋବର ଲଗାଇଥିବା ବିସିଜେଡି ଅଭିଯୋଗ କରିଛି। ଏଥିସହ ଉକ୍ତ ସ୍ଥାନରେ ଏବିଭିପିର ପୋଷ୍ଟର ଲଗାଯାଇଥିବା ମଧ୍ୟ ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣାକୁ ନେଇ ବିସିଜେଡି ଛାତ୍ର ସଂଗଠନ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯିବା ସହ ସମ୍ପୃକ୍ତ ଛାତ୍ରଙ୍କ ବିରୋଧରେ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ ଲାଗି ଦାବି ହୋଇଛି।

ଏବିଭିପି ଛାତ୍ରନେତାଙ୍କୁ ମୋହନଙ୍କ ଗୁରୁମନ୍ତ୍ର

କଟକ,୧୮।୧୦(ସମିସ): ଜବାହରଲାଲ ନେହରୁ ଇନ୍‌ଡୋର୍ ଷ୍ଟାଡ଼ିୟମରେ ଆଜି ଯୁବ ନେତୃତ୍ୱ ସମାବେଶ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀ ଉଦ୍‌ଘାଟନ କରି ଏବିଭିପି ଛାତ୍ରଛାତ୍ରୀଙ୍କୁ ରାଷ୍ଟ୍ର ନିର୍ମାଣ ଓ ଛାତ୍ରଶକ୍ତିର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ତାଙ୍କର ଭାଷଣରେ ଦେଶର ବିକାଶ, ଶିକ୍ଷା ବ୍ୟବସ୍ଥାରେ ସୁଧାର ଏବଂ ଯୁବସମାଜର ଦାୟିତ୍ୱ

ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଛାତ୍ରଶକ୍ତି ହେଉଛି ରାଷ୍ଟ୍ରଶକ୍ତି। ଯେତେବେଳେ ଯୁବବର୍ଗ ଉଚିତ୍ ଦିଗରେ ନିଜର ଶକ୍ତି ଓ ବୁଦ୍ଧି ପ୍ରୟୋଗ କରନ୍ତି, ସେତେବେଳେ ଗୋଟିଏ ନୂତନ ଏବଂ ସମୃଦ୍ଧ ଭାରତ ଗଠନ ହୋଇପାରେ। ଏବିଭିପି କେବଳ ଗୋଟିଏ ଛାତ୍ର ସଂଗଠନ ନୁହେଁ, ବରଂ ଏହା ଦେଶପ୍ରେମ, ସଂସ୍କାର, ଶୃଙ୍ଖଳା ଏବଂ ନେତୃତ୍ୱ ନିର୍ମାଣର ଏକ ବଡ଼ ପାଠଶାଳା। ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଏବଂ ଯୁବପିଢ଼ିର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବର୍ତ୍ତମାନର ସମୟ ହେଉଛି ଜ୍ଞାନ ଓ ବୈଷୟିକ ଜ୍ଞାନକୌଶଳର। ଓଡ଼ିଶାର ଯୁବପିଢ଼ି ନିଜର କର୍ମଚାତୁରୀ ଓ ନବସୃଜନ ମାଧ୍ୟମରେ ରାଜ୍ୟକୁ ସମୃଦ୍ଧିର ଶିଖରକୁ ନେଇପାରିବେ। ଚଳିତ ଛାତ୍ର ସଂସଦ ନିର୍ବାଚନରେ ଏବିଭିପି ପ୍ରାର୍ଥୀମାନେ ଏକ ଉଚିତ୍ ଶିକ୍ଷାଲାଭ କରିବା ଉଚିତ୍। ଯେଉଁମାନେ ବିଜୟ ଲାଭ କରିଛନ୍ତି, ସେମାନେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟକୁ ସଠିକ୍‌ମାର୍ଗରେ ପରିଚାଳିତ କରିବା ଆବଶ୍ୟକ। ହାରିବା ଶେଷ ନୁହେଁ, ଧୈର୍ଯ୍ୟ ଏବଂ ନିଷ୍ଠା ବଳରେ ପୁଣି ଥରେ ବିଜୟ ସ୍ୱାଦ ଚାଖି ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ଅଭିଭାଷଣରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ମନ୍ତ୍ରୀ ଗଣେଶରାମ୍ ଖୁଣ୍ଟିଆ ପ୍ରମୁଖ ଉଦବୋଧନ ଦେଇଥିଲେ।

ଦଶହରାରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସୁନାବେଶ

ପୁରୀ,୧୮।୧୦(ସମିସ): ଶ୍ରୀମନ୍ଦିରରେ ପବିତ୍ର ଦଶହରାରେ ସୁନାବେଶରେ ସଜେଇ ହେବେ ମହାପ୍ରଭୁ। ହଜାର ହଜାର ଭକ୍ତ ରତ୍ନସିଂହାସନରେ ଠାକୁରଙ୍କର ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରିବେ। ସେହିପରି ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ମଦନମୋହନ, ରାମ ଓ କୃଷ୍ଣଙ୍କ ବୀରବେଶ ଅନୁଷ୍ଠିତ ହେବ। ଦାରୁଦିଅଁଙ୍କ ସୁନାବେଶ ସଂକ୍ରାନ୍ତରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ଦୁର୍ଗାପୂଜା ଅବସରରେ ଅର୍ଥାତ୍ ସପ୍ତମୀ, ଅଷ୍ଟମୀ ଓ ନବମୀରେ ବଳଭଦ୍ରଙ୍କ ହଳମୂଷଳ, ଦେବୀ ସୁଭଦ୍ରାଙ୍କ ତଡ଼ଗୀ ଓ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶଙ୍ଖ, ଚକ୍ର ପୂଜାରେ ବସିଥାଏ। ଦୁଷ୍ଟ ମହିଷାସୁରକୁ ବଧ କରିବା ପାଇଁ ତିନିଠାକୁର ତାଙ୍କ ଆୟୁଧ ଦେବୀଙ୍କୁ ଅର୍ପଣ କରିଥାନ୍ତି ବୋଲି ଏହା ପ୍ରତିପାଦିତ କରିଥାଏ। ପୁନଶ୍ଚ ଦଶହରା ଦିନ ଦେବୀଙ୍କଠାରୁ ଏହି ଆୟୁଧ ଅଣାଯାଇ ଠାକୁରଙ୍କୁ ପରିଧାନ କରାଯାଏ। ବିଜୟା ଦଶମୀରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ବୀରବେଶ ଧାରଣ କରି ଦଶହରା ପଦା (ଜଗନ୍ନାଥ ବଲ୍ଲଭ ମଠ ସମ୍ମୁଖ)କୁ ବିଜେ କରିଥାନ୍ତି। ଅବକାଶ ନୀତି ପରେ ତିନିବାଡ଼ରେ ଚନ୍ଦନ ଲାଗି କରାଯାଏ। ନୂଆଲୁଗା ଲାଗିସାରିବା ପରେ ଠାକୁରଙ୍କ ସୁନାବେଶ ଅନୁଷ୍ଠିତ ହୁଏ। ଏହି ସୁନାବେଶରେ ଆୟୁଧମାନ ଲାଗି ହୋଇ ନ ଥାଏ। ବେଶ ବଢି ସକାଳ ଧୂପ ପରେ ଆୟୁଧମାନଙ୍କ ମହାସ୍ନାନ ବଢି ବରୁଣ ପୂଜା ହୁଏ। ତିନିଗୋଟି ରୁପା ଥାଳିରେ ଆୟୁଧମାନ ରଖାଯାଇ ଘଣ୍ଟ, ଛତା, କାହାଳୀ ସହ ତିନିଥର ମନ୍ଦିର ପରିକ୍ରମା କରାଯାଇ ସିଂହାସନକୁ ବିଜେ କଲା ପରେ ତିନିବାଡ଼ରେ ଆୟୁଧ ଲାଗି ହୁଏ। ଦଶହରା ପଦାକୁ ଯିବା ପାଇଁ ଚଳନ୍ତି ପ୍ରତିମା ମଦନମୋହନ ରାମ ଓ କୃଷ୍ଣ ବୀର ବେଶରେ ସଜ୍ଜିତ ହୋଇଥାନ୍ତି। ଠାକୁରମାନେ ବୀରତ୍ୱର ପ୍ରତୀକ ସ୍ୱରୂପ ବୀରବେଶ ଧାରଣ କରି ଦଶହରା ପଦାକୁ ଦୁର୍ଗାମାଧବଙ୍କ ସହିତ ଯାଇଥାନ୍ତି।

ଉତ୍କଳୀୟ ଗୌରବମୟ ସଂସ୍କୃତି, ଇତିହାସ ଏବଂ ଶକ୍ତି ସାଧନାର ପରମ୍ପରା ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଓଡ଼ିଶାର ପ୍ରତିଟି ପ୍ରାନ୍ତରେ ମା’ ଜଗତଜନନୀ ଭିନ୍ନ ଭିନ୍ନ ସ୍ୱରୂପରେ ବିରାଜମାନ କରି ଭକ୍ତଙ୍କୁ ଅଭୟ ପ୍ରଦାନ କରୁଛନ୍ତି । ବିଶେଷ କରି ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ମା’ ମଝିଘରିଆଣୀ, କଳାହାଣ୍ଡିର ଆରାଧ୍ୟା ମା’ ମାଣିକେଶ୍ୱରୀ ଏବଂ ବଲାଙ୍ଗୀର ଜିଲ୍ଲାର ପ୍ରସିଦ୍ଧ ସିନ୍ଧେକେଲା ସ୍ଥିତ ମା’ ଦ୍ୱାରସେନୀଙ୍କ ପୀଠ ଓଡ଼ିଶାର ଆଧ୍ୟାତ୍ମିକ ଚେତନାକୁ ସମୃଦ୍ଧ କରିଛନ୍ତି । ଏହି ପୀଠଗୁଡ଼ିକ କେବଳ ସନାତନ ହିନ୍ଦୁ ପରମ୍ପରା ନୁହେଁ; ବରଂ ଆଞ୍ଚଳିକ ଆଦିବାସୀ ସଂସ୍କୃତି ଓ ଲୋକବିଶ୍ୱାସର ଏକ ଅପୂର୍ବ ସମନ୍ୱୟ ସ୍ଥଳ ସାଜିଛି, ଯାହା ସମ୍ପ୍ରତି ସମଗ୍ର ରାଜ୍ୟ ତଥା ପଡ଼ୋଶୀ ଅଞ୍ଚଳର ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି ।

ଦକ୍ଷିଣ ଓଡ଼ିଶାର ଜାଗ୍ରତ ଦେବୀ
ମା’ ମଝିଘରିଆଣୀ

■ ଶିବ ନାରାୟଣ ଗୌଡ଼

ଦକ୍ଷିଣ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ରାୟଗଡ଼ା ସହରରେ ପବିତ୍ର ନାଗାବଳୀ ନଦୀ କୂଳରେ ବିରାଜମାନ କରିଛନ୍ତି ମା’ ମଝିଘରିଆଣୀ । ସେ କେବଳ ରାୟଗଡ଼ାର ଅଧିଷ୍ଠାତ୍ରୀ ଦେବୀ ନୁହନ୍ତି, ବରଂ ସମଗ୍ର ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ର ଲକ୍ଷ ଲକ୍ଷ ଭକ୍ତଙ୍କର ପରମ ଆରାଧ୍ୟା ଏବଂ ଭରସାର କେନ୍ଦ୍ରବିନ୍ଦୁ । ମା’ ମଝିଘରିଆଣୀ ଅତ୍ୟନ୍ତ ଜାଗ୍ରତ ଦେବୀ ଭାବେ ଖ୍ୟାତ । ମା’ଙ୍କ ପୀଠରେ ଆଦିବାସୀ ପରମ୍ପରା ଏବଂ ଶାକ୍ତ ପଦ୍ଧତିର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳେ ।

ନାମକରଣର ରହସ୍ୟ

ପ୍ରାସାଦ ବା ଦୁର୍ଗର “ମଝି ଘରେ” (ଅନ୍ତଃପୁର) ପ୍ରତିଷ୍ଠିତ ହୋଇଥିବାରୁ ଏବଂ ରାଜବଂଶ ତଥା ସମଗ୍ର ସାମ୍ରାଜ୍ୟକୁ ଜଣେ ଗୃହିଣୀ ବା ମାତୃଶକ୍ତି ଭଳି ଆଗୋଳି ରଖିଥିବାରୁ ସ୍ଥାନୀୟ ଲୋକେ ଓ ରାଜା ତାଙ୍କୁ ‘ମଝିଘରିଆଣୀ’ ନାମରେ ନାମିତ କରିଥିଲେ ।

ମୂର୍ତ୍ତିର ସ୍ୱରୂପ ଓ ଆଧ୍ୟାତ୍ମିକ ରହସ୍ୟ

ମା’ ମଝିଘରିଆଣୀଙ୍କ ବିଗ୍ରହ ଅନ୍ୟ ଶକ୍ତିପୀଠ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏଠାରେ ଦେବୀଙ୍କର କୌଣସି ପୂର୍ଣ୍ଣାଙ୍ଗ ମୂର୍ତ୍ତି ନାହିଁ । ଭୂମି ସଂଲଗ୍ନ ଏକ ପବିତ୍ର ଶିଳାଖଣ୍ଡ ଉପରେ କେବଳ ମା’ଙ୍କର ଭବ୍ୟ ଚକ୍ଷୁ, ନାସିକା ଓ ମୁଖାବୟବ ଶୋଭା ପାଇଥାନ୍ତି ।

ନବରାତ୍ରରେ ସୁନାବେଶ

ନବରାତ୍ର ନଅଦିନ ପାରମ୍ପରିକ ନୀତିକାନ୍ତି ଅନୁଯାୟୀ, ପୂଜାର୍ଚ୍ଚନା କରିବା ସହ ନବରାତ୍ରରେ ମା’ଙ୍କୁ ସୁନାବେଶରେ ସୁସଜ୍ଜିତ କରାଯାଏ । ଏହା ଦେଖିବା ପାଇଁ ଭକ୍ତଙ୍କ ସମାଗମ ହୋଇଥାଏ । ସୁନାବେଶ ଏହି ପୀଠର ମୁଖ୍ୟ ଆକର୍ଷଣ ଏବଂ ଧାର୍ମିକ ପରମ୍ପରା ମଧ୍ୟରୁ ଅନ୍ୟତମ । ଏଥିରେ ମା’ଙ୍କୁ ସୁନାର ମସ୍ତକ ମୁକୁଟ, ମଥାମଣି, ମଥାପଟି, ଭ୍ରୂଲତା, ଚକ୍ଷୁ, ତୃତୀୟ ନୟନ, କର୍ଣ୍ଣ ଅଳଙ୍କାର, ନାସାଭୂଷଣ, ନୋଥ, କର୍ଣ୍ଣକୁଣ୍ଡଳ ଓ ମୁଖହାର ଆଦି ଅଳଙ୍କାରରେ ସଜ୍ଜିତ କରାଯାଏ । ଅଷ୍ଟମୀ ତିଥିରେ ଜେନା ବଳିମା ପୂଜାସ୍ଥଳରେ ବିଳମ୍ବିତ ରାତିରେ ସ୍ୱତନ୍ତ୍ର ନିଶା ପୂଜା ଅନୁଷ୍ଠିତ ହୋଇଥାଏ । ବର୍ଷକୁ ଦୁଇଥର ଚୈତ୍ର ଓ ଆଶ୍ୱିନ ନବରାତ୍ରରେ ମାଆ ସୁନାବେଶ ହୁଅନ୍ତି ।

ନବରାତ୍ର ପୂର୍ବରୁ ଖଣ୍ଡାପୂଜା

ଚୈତ୍ର ପର୍ବରେ ପାରମ୍ପରିକ ରୀତିରେ ନିଆଁ ଉପରେ ଚାଲିବା ଓ କଣ୍ଟା ଦୋଳିରେ ଝୁଲିବା ଭଳି ଆଚାର ଅନୁଷ୍ଠିତ ହୋଇଥାଏ । ଅନ୍ୟପକ୍ଷରେ ଦଶହରା ନବରାତ୍ର ପୂଜା ପୂର୍ବରୁ ମା’ଙ୍କ ଖଣ୍ଡାପୂଜିବାର ପରମ୍ପରା ରହିଛି । ମା’ଙ୍କ ପାଞ୍ଚଟି ଖଣ୍ଡା ମଧ୍ୟରୁ ଗୋଟିଏ ଖଣ୍ଡାକୁ ତହସିଲ କାର୍ଯ୍ୟାଳୟ ପରିସରରେ ପୂଜା କରାଯାଏ । ଏହି ଖଣ୍ଡାକୁ ମା’ଙ୍କ ଚଳନ୍ତି ପ୍ରତିମା ସଦୃଶ ପୂଜାର୍ଚ୍ଚନା କଲେ ଦୈବୀ ଦୁର୍ବିପାକ ଓ ମହାମାରୀରୁ ରକ୍ଷା ମିଳେ ବୋଲି ଲୋକବିଶ୍ୱାସ ରହିଛି । ମହାଷ୍ଟମୀରେ ମା’ଙ୍କୁ ଚାମୁଣ୍ଡା ରୂପେ ପୂଜା କରାଯାଏ । ମା’ଙ୍କ ପୀଠରେ ବଳି ପରମ୍ପରା ମଧ୍ୟ ପ୍ରଚଳିତ ରହିଛି ।

ଲୋକକଥା

ମଝିଘରିଆଣୀ ପୀଠକୁ ନେଇ ଅନେକ ଐତିହାସିକ ତଥ୍ୟ ଓ ଲୋକକଥା ପ୍ରଚଳିତ । ପଞ୍ଚଦଶ ଶତାବ୍ଦୀରେ ସୂର୍ଯ୍ୟବଂଶୀ ରାଜା ବିଶ୍ୱନାଥ ଦେବ ଗଜପତି ନିଜ ରାଜଧାନୀ ନନ୍ଦପୁରରୁ ରାୟଗଡ଼ାକୁ ସ୍ଥାନାନ୍ତର କରିଥିଲେ । ସେ ଝଞ୍ଜାବତୀ ନଦୀ କୂଳରେ ଏକ ଦୁର୍ଗ ନିର୍ମାଣ କରିଥିବା କୁହାଯାଏ । ଦୁର୍ଗର ମଝି ଘର ଚାରିକାନ୍ଥ ମଧ୍ୟରେ ଦେବୀ ପୂଜା ପାଉଥିବାରୁ ମା’ଙ୍କ ନାମ ମଝିଘରିଆଣୀ ହୋଇଥିବା ଜନଶ୍ରୁତି ରହିଛି । ଅନ୍ୟ ଏକ କଥା ଅନୁସାରେ, ୧୯୩୮ ମସିହାରେ ବ୍ରିଟିଶ ଶାସନ ସମୟରେ ବିଜୟନଗରମରୁ ରାୟପୁର - ରେଳପଥ ନିର୍ମାଣ ବେଳେ ଝଞ୍ଜାବତୀ ନଦୀ ଉପରେ ସେତୁ ନିର୍ମାଣ ଦାୟିତ୍ୱ ଜଣେ ଠିକାଦାରଙ୍କୁ ଦିଆଯାଇଥିଲା । ଦୀର୍ଘ ସମୟ ଧରି ସେତୁ ନିର୍ମାଣରେ ଅସଫଳ ହେବାରୁ ଠିକାଦାର ନିରାଶ ହୋଇ ନଦୀକୂଳରେ ବିଶ୍ରାମ ନେଇଥିଲେ । ଏହି ସମୟରେ ମା’ ସ୍ୱପ୍ନାଦେଶ ଦେଇ ଦେବୀ ପୂଜା କଲେ ସେତୁ ନିର୍ମାଣ ସମ୍ପୂର୍ଣ୍ଣ ହେବ ବୋଲି ମା କହିଥିବା ନେଇ ଲୋକକଥା ରହିଛି । ଏହାପରେ ଠିକାଦାର ମା’ଙ୍କ ପଥର ପ୍ରତିମାକୁ ଠାବ କରି ପୂଜାର୍ଚ୍ଚନା କଲେ ଏବଂ ପରବର୍ତ୍ତୀ ସମୟରେ ସେତୁ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲା ।

ଆସ୍ଥା ଏବଂ ବିଶ୍ୱାସର ଦେବୀ
ମା’ ମାଣିକେଶ୍ୱରୀ

■ ସ୍ୱାଧୀନ ପାତ୍ର

ଧର୍ମ, ଦର୍ଶନ ଏବଂ ମତବାଦର ସମନ୍ୱିତ ପରମ୍ପରାକୁ ନେଇ ଓଡ଼ିଶା ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନା ପରିପୁଷ୍ଟ । ପ୍ରାଚୀନ ସଭ୍ୟତାର କେନ୍ଦ୍ର କଳାହାଣ୍ଡି ସଦର ମହକୁମା ଭବାନୀପାଟଣାରେ ଜଗତଜନନୀ ମା’ ମାଣିକେଶ୍ୱରୀଙ୍କ ଭବ୍ୟ ଶୁଭ୍ର ମନ୍ଦିର ଅବସ୍ଥିତ । ସର୍ବମୟୀ, ସର୍ବସ୍ୱରୂପିଣୀ ମା’ ମାଣିକେଶ୍ୱରୀ କଳାହାଣ୍ଡିର ଅଧିଷ୍ଠାତ୍ରୀ ଦେବୀ ସର୍ବ ବିଦିତ । ଏହା ଓଡ଼ିଶାର ପ୍ରାଚୀନ ଶକ୍ତିପୀଠ ଭାବେ ପରିଚିତ ।

ଦୁର୍ଗାପୂଜା ସ୍ୱତନ୍ତ୍ର ମୁଣ୍ଡବସା ନୀତି

ଶାରଦୀୟ ଦୁର୍ଗାପୂଜାରେ ଅନୁଷ୍ଠିତ ମା’ ମାଣିକେଶ୍ୱରୀଙ୍କ ମୁଣ୍ଡବସା ନୀତିର ଏକ ସ୍ୱତନ୍ତ୍ରତା ରହିଛି । ପ୍ରତିବର୍ଷ ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ ବା ମୂଳାଷ୍ଟମୀରେ ମା’ଙ୍କ ପୀଠରେ ଏକ ମାଟି ନିର୍ମିତ ହୀରା, ନୀଳା, ମୋତି, ମାଣିକ୍ୟ ଖଚିତ ନୂତନ ମସ୍ତକ ସ୍ଥାପନ କରି ନବକଳେବର କରାଯାଏ । ମୂଳାଷ୍ଟମୀ ଠାରୁ ଆଶ୍ୱିନ ଶୁକ୍ଳ ଅଷ୍ଟମୀ ପର୍ଯ୍ୟନ୍ତ ଦୀର୍ଘ ୧୬ ଦିନ ବ୍ୟାପୀ ସ୍ୱତନ୍ତ୍ର ଭାବେ ମନ୍ଦିରକୁ ମାର୍ଜନା କରି ଷୋଡ଼ଷ ଉପଚାର ଓ ଚଣ୍ଡିପାଠ ଗୁପ୍ତ ରୀତିରେ ତନ୍ତ୍ର ମତରେ ଶୃଙ୍ଖଳିତ ଭାବରେ କରାଯାଏ ।

ମନ୍ଦିର ନିର୍ମାଣ ଇତିହାସ

ମା’ ମାଣିକେଶ୍ୱରୀ ମନ୍ଦିର ନିର୍ମାଣ ଇତିହାସ ପୃଷ୍ଠାକୁ ଲେଉଟାଇଲେ ଜଣାଯାଏ ଯେ, ୧୮୪୯ ଖ୍ରୀଷ୍ଟାବ୍ଦରେ କଳାହାଣ୍ଡିର ପୁରାତନ ରାଜଧାନୀ ଜୁନାଗଡ଼ରୁ ଭବାନୀପାଟଣା ସ୍ଥାନାନ୍ତରିତ ହେବାପରେ ମା’ ମାଣିକେଶ୍ୱରୀ ପୀଠ ନିର୍ମାଣ ହୋଇଥିଲା । ମହାରାଜ ଉଦିତ ପ୍ରତାପ ଦେଓଙ୍କ ରାଜତ୍ୱର ଅନ୍ତିମ ପାଦରେ ମନ୍ଦିରର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା । ପରେ ତାଙ୍କ ନାତି ମହାରାଜ ବ୍ରଜମୋହନ ଦେଓଙ୍କ ରାଜତ୍ୱ ସମୟରେ ନିର୍ମାଣ କାର୍ଯ୍ୟ ଶେଷହୋଇ ରାଜପ୍ରାସାଦ ପାର୍ଶ୍ୱରେ ସଗର୍ବେ ବିଦ୍ୟମାନ ହେଲା ମା’ ମାଣିକେଶ୍ୱରୀଙ୍କ ମନ୍ଦିର । ମା’ଙ୍କ ପୀଠରେ ପାର୍ଶ୍ୱଦେବୀ ଭାବେ ତିନି ଦିଗରେ ଜଗନ୍ମାତା ମା’ ବୈଷ୍ଣବୀ, ବରାହୀ ଏବଂ ନାରସିଂହାଙ୍କର ତିନୋଟି କ୍ଷୁଦ୍ର ମନ୍ଦିର ଥିବାବେଳେ ମନ୍ଦିରର ଉତ୍ତର ଦିଗରେ ମହାକାଳ ଭୈରବ, ବୁଢ଼ାରଜାଙ୍କ ନାମରେ ପୂଜା ପାଉଛନ୍ତି ।

ମହାଷ୍ଟମୀରେ ଖୋଲେ ବୁଢ଼ାରଜା ମନ୍ଦିର ଦ୍ୱାର

ବୁଢ଼ାରଜା ମନ୍ଦିରର ଦ୍ୱାର ବର୍ଷ ସାରା ବନ୍ଦ ରହୁଥିବାବେଳେ ଦଶହରା ଆଶ୍ୱିନ ମାସ ଶୁକ୍ଳପକ୍ଷ ମହାଷ୍ଟମୀରେ ଖୋଲିଥାଏ । ଏଥିସହ ମାଣିକେଶ୍ୱରୀ ପୀଠରେ ଶାକ୍ତଉପାସନା ସହ ତନ୍ତ୍ରମତରେ ଦେବୀଙ୍କ ପୂଜାର୍ଚ୍ଚନା ଶୃଙ୍ଖଳିତ ଭାବେ କରାଯାଏ । ଦଶମହାବିଦ୍ୟାର ଆଦ୍ୟ ମହାବିଦ୍ୟା ଦକ୍ଷୀଣକାଳୀଙ୍କ ଏକାକ୍ଷରୀ ‘କ୍ରିଂ’ ବୀଜମନ୍ତ୍ରରେ ମାଙ୍କ ପୂଜାର୍ଚ୍ଚନା ସହ ତନ୍ତ୍ରୋକ୍ତ ପଞ୍ଚମକାର ପୂଜାବିଧି କରାଯାଏ । ଦଶମହାବିଦ୍ୟା କହିଲେ କାଳୀ, ତାରା, ଷୋଡ଼ଶୀ, ଛିନ୍ନମସ୍ତା, ଭୁବନେଶ୍ୱରୀ, ବଗଳାମୁଖୀ, ଧୂମାବତୀ, କମଳା, ମାତଙ୍ଗୀ ଏବଂ ଭୈରବୀଙ୍କୁ ବୁଝାଏ ।

ସନ୍ଧିପୂଜା ଓ ଛତର ଯାତ୍ରା

ମହାଷ୍ଟମୀ ରାତ୍ରିରେ ଅଷ୍ଟବଳି ଅର୍ପଣ ପରେ ମଧରାତ୍ରୀରେ ମାଙ୍କୁ ଗମ୍ଭିରା ଭିତରୁ ପୂଜକ ପ୍ରମୁଖ, ସେବାୟତ, ମୁଣ୍ଡଛିନା ଛତ୍ରବାହକ ସହରର ପଶ୍ଚିମ ଉପକଣ୍ଠସ୍ଥ ଜେନାଖାଲକୁ ନିଶାର୍ଦ୍ଧରେ ସନ୍ଧିପୂଜା ପାଇଁ ନିଆଯାଏ । ସେଠାରେ ମା’ଙ୍କ ଗୁପ୍ତବିଧି ପୂଜାର୍ଚ୍ଚନା ପରେ ମହାନବମୀ ସକାଳୁ ଜେନାବାଦ୍ୟ, ସିଂହବାଦ୍ୟ, ଘଣ୍ଟ ଦଳ, ସମେତ ଲୋକବାଦ୍ୟ ତାଳେ ତାଳେ ମାଙ୍କ ବିଜୟ ଛତର ମନ୍ଦିର ଅଭିମୁଖେ ଯାତ୍ରା କରନ୍ତି । ଏହି ସମୟରେ ମାଙ୍କ ସମ୍ମୁଖରେ ବୀରବାଦ୍ୟ ଘୁମୁରା ନୃତ୍ୟ ପରିବେଷଣ କରି ପାଛୋଟି ଅଣାଯାଏ । ବେଲ କାଠ ଉର୍ଦ୍ଧ୍ୱରେ ଦଶମହାବିଦ୍ୟା ଯନ୍ତ୍ର ଖୋଦିତ ରୂପାଛତ୍ର ଏବଂ ଏହା ଉପରେ କଳା କପଡ଼ା ଘୋଡ଼ାଇ ମା’ଙ୍କ ପ୍ରତିନିଧିତ୍ୱକୁ ଅନୁଭବ କରାଯାଏ । ମାନସିକଧାରୀମାନେ ମାନସିକ ପୂରଣ ପରେ ମା’ଙ୍କ ପାଖରେ ଛେଳି, ବୋଦା, କୁକୁଡ଼ାକୁ ଭୋଗ ପୂର୍ବକ ବଳି ଅର୍ପଣ କରିଥାନ୍ତି । ଏଥିସହ ମାନସିକଧାରୀ ବିଜୟ ପ୍ରତିମା ଛତର ଉପରକୁ ଜିଅନ୍ତା ପାରା ଉଡ଼ାଇଥାନ୍ତି । ମା’ଙ୍କ ବିଜୟ ଛତର ମାଣିକେଶ୍ୱରୀ ମନ୍ଦିର ସିଂହଦ୍ୱାରରେ ପହଁଞ୍ଚିବା ପରେ ମା’ଙ୍କ ଆଦ୍ୟ ସେବକ ଭାବେ କଳାହାଣ୍ଡି ମହାରାଜା ଧୂପ, ଦୀପ, ନୈବେଦ୍ୟ ଦେଇ ପୂଜାର୍ଚ୍ଚନା କରି ଛତ୍ରବାହକଙ୍କ ହାତରୁ ଛତରକୁ ନିଜେ କାନ୍ଧରେ ବୋହି ମନ୍ଦିର ଗମ୍ଭୀରାକୁ ନେଇଯାଆନ୍ତି ।



କରୁଣାମୟୀ
ମା’ ଦ୍ୱାରସେନୀ

■ ଅଭିଳାଷ ହୋତା

ବଲାଙ୍ଗିର ଜିଲ୍ଲାରେ ରହିଥିବା ଅନେକ ପ୍ରସିଦ୍ଧ ଶକ୍ତିପୀଠମାନଙ୍କ ମଧ୍ୟରେ ସିନ୍ଧେକେଲାର ମା’ ଦ୍ୱାରସେନୀଙ୍କ ପୀଠ ଅନ୍ୟତମ । ରାଜା ରାଜୁଡ଼ା ଅମଳରୁ ପାଳିତ ହୋଇଆସୁଥିବା ଏହି ପୀଠର ପ୍ରଥା, ପରମ୍ପରା ଓ ଅଲୌକିକ ମାହାତ୍ମ୍ୟ ଉପରେ ଆଜି ବି ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ପ୍ରଗାଢ଼ ବିଶ୍ୱାସ ରହିଛି । ପବିତ୍ର ଦଶହରା ମାସରେ ମା’ଙ୍କ ପୀଠ ଉତ୍ସବମୁଖର ହୋଇଉଠୁଥିବାବେଳେ ଏଠାରେ ମା’ଙ୍କର ସ୍ୱତନ୍ତ୍ର ‘ଷୋହଳ ପୂଜା’ ଅତ୍ୟନ୍ତ ନିଷ୍ଠାର ସହ ଅନୁଷ୍ଠିତ ହୋଇଥାଏ ।

ଖଣ୍ଡାବସା, ଛତରଭଙ୍ଗା ଓ ବିବାହ ପରମ୍ପରା

ମା’ଙ୍କର ଏହି ଶାରଦୀୟ ସ୍ୱତନ୍ତ୍ର ଉପଚାର ମୂଳାଷ୍ଟମୀରୁ ଆରମ୍ଭ ହୋଇଥାଏ । ଏହି ପବିତ୍ର ତିଥିରେ ମା’ଙ୍କଠାରେ ‘ଖଣ୍ଡାବସା’ ପର୍ବ ଅନୁଷ୍ଠିତ ହୋଇ ସମସ୍ତ ପୂଜା ବିଧି ଆରମ୍ଭ ହୁଏ । ରୀତି ଅନୁସାରେ, ପବିତ୍ର ମହାଳୟା ଦିନ ମା’ଙ୍କର ପ୍ରସିଦ୍ଧ ‘ଛତରଭଙ୍ଗା’ ଯାତ୍ରା ହୋଇଥାଏ । ଏହା ପରେ ଦେବୀଙ୍କର ‘ଡେଙ୍ଗସର୍ଗୀ’ ଯାତ୍ରା ଅନୁଷ୍ଠିତ ହୁଏ । ଯେଉଁଥିରେ ଏକ ବିରାଟ ଶୋଭାଯାତ୍ରାରେ ମା’ ନିକଟସ୍ଥ ଇଜଗାଁକୁ ବିଜେ କରନ୍ତି । ସେଠାରେ ବୁଢ଼ାରଜାଙ୍କ ସହିତ ମା’ଙ୍କର ପାରମ୍ପରିକ ବିବାହ ଉତ୍ସବ ସମ୍ପନ୍ନ ହେବା ପରେ ମା’ ପୁଣି ନିଜ ପୀଠକୁ ବାହୁଡ଼ି ଆସନ୍ତି ।

‘ଉପେନ ଚାଲ’ ଓ ରାଜଭୋଗ ପ୍ରଥା

ମହାଷ୍ଟମୀ ତିଥିରେ ମା’ଙ୍କଠାରେ ‘ଉପେନ ଚାଲ’ ଉପଚାର କରାଯାଇଥାଏ । ରାଜକୀୟ ପ୍ରଥା ଅନୁଯାୟୀ, ଏହି ଦିନ ସ୍ଥାନୀୟ ରାଜାଙ୍କ ଘରୁ ମା’ଙ୍କ ପାଇଁ ସ୍ୱତନ୍ତ୍ର ଭୋଗ ଆସିବାର ବିଧି ରହିଛି । ଏହି ସମସ୍ତ ଉପଚାର ସରିବା ପରେ ବିଜୟା ଦଶମୀ ଦିନ ମା’ଙ୍କର ସବୁଠାରୁ ପ୍ରସିଦ୍ଧ ବଏଲ ଯାତ୍ରା ଅନୁଷ୍ଠିତ ହୁଏ ।

ଭକ୍ତଙ୍କୁ ଦର୍ଶନ ଦେଇ ଗ୍ରାମ ପରିକ୍ରମା

ପବିତ୍ର ବିଜୟା ଦଶମୀ ତିଥିରେ ମା’ ଦ୍ୱାରସେନୀ ନିଜ ମନ୍ଦିରରୁ ବାହାରକୁ ଆସି ସମସ୍ତ ଗ୍ରାମବାସୀଙ୍କୁ ଦର୍ଶନ ଦେଇଥାନ୍ତି । ବିଧି ଅନୁସାରେ, ମା’ ପ୍ରଥମେ ସ୍ଥାନୀୟ ରାଜାଙ୍କ ଘରକୁ ଯାଇ ସେଠାରେ ପୂଜା ପାଇଥାନ୍ତି ଏବଂ ଏହା ପରେ ଗ୍ରାମ ପରିକ୍ରମା କରନ୍ତି । ବିଜୟା ଦଶମୀରେ ଆରମ୍ଭ ହେଉଥିବା ଏହି ବଏଲ ଯାତ୍ରା ପରଦିନ ସକାଳ ପର୍ଯ୍ୟନ୍ତ ନିରନ୍ତର ଚାଲିଥାଏ ।

ଜେନା ରୂପ, ଖପରଚୁପା ଓ ‘ରଣିଘିଚା’ ମଣ୍ଡପ

ସମଗ୍ର ଗ୍ରାମର ସମସ୍ତ ଘର ବୁଲି ସାରିବା ପରେ ପୀଠକୁ ଫେରିବା ବାଟରେ ଦେବୀ ‘ଭତରିଆ’ ଘରେ ‘ଜେନା’ ରୂପ ଧାରଣ କରିଥାନ୍ତି । ସେଠାରୁ ଛତରବାଉତୀ ମନ୍ଦିରକୁ ଆସିବା ପରେ ଦେବୀ ପୁଣି ନିଜର ମୂଳ ‘ଦ୍ୱାରସେନୀ’ ରୂପ ଧାରଣ କରନ୍ତି । ଏହି ସମୟରେ ମା’ଙ୍କଠାରେ ‘ଖପରଚୁପା’ ଉପଚାର ସମ୍ପୂର୍ଣ୍ଣ କରାଯାଇଥାଏ । ଶେଷରେ ମନ୍ଦିର ପରିସରରେ ଥିବା ପ୍ରସିଦ୍ଧ ‘ରଣିଘିଚା’ ମଣ୍ଡପରେ ମା’ଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଏ ଏବଂ ଏହି ମଣ୍ଡପରେ ମା’ଙ୍କ ଠାରେ ପାରମ୍ପରିକ ବୋଦାବଳି ଲାଗି କରାଯାଇଥାଏ । ଅନ୍ୟପଟେ ଶତାବ୍ଦୀ ଶତାବ୍ଦୀ ଧରି ଚାଲିଆସୁଥିବା ମା’ ଦ୍ୱାରସେନୀଙ୍କ ଏହି ଅନନ୍ୟ ଶାରଦୀୟ ପରମ୍ପରା ଆଜି ବି ସିନ୍ଧେକେଲା ତଥା ସମଗ୍ର ବଲାଙ୍ଗିର ଅଞ୍ଚଳର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଗୌରବକୁ ଉଜ୍ଜୀବିତ କରି ରଖିଛି ।

ମାତାତା, ଆଲିମୁ ଜିତିଲେ ଦିଲ୍ଲୀ ହାଫ୍ ମାରାଥନ



ନୂଆଦିଲ୍ଲୀ, ୧୮ ।୧୦ (ଏଜେନ୍ସି): ଦିଲ୍ଲୀ ହାଫ୍ ମାରାଥନ (୨୧.୦୯୭ ମିଟର)ର ୨୧ତମ ସଂସ୍କରଣ ରବିବାର ଅନୁଷ୍ଠିତ ହୋଇଯାଇଛି । କେନିଆର ଚାର୍ଲିସ ମାତାତା ପୁରୁଷ ଓ ଇଥିଓପିଆର ଉଡିନେଶ ଆଲିମୁ ମହିଳା ବିଭାଗରେ ଚାମ୍ପିଅନ ହୋଇଛନ୍ତି । ମାତାତା ୫୮ ମିନିଟ ୫୨ ସେକେଣ୍ଡ ସମୟ ନେଇ ଏହି ଦୂରତାକୁ ଅତିକ୍ରମ କରିଥିଲେ । ଯାହାକି ଦିଲ୍ଲୀ ହାଫ୍ ମାରାଥନର ପୁରୁଷ ବିଭାଗରେ ନୂଆ ରେକର୍ଡ ହୋଇଛି । ପୂର୍ବରୁ ୨୦୨୦ ମସିହାରେ ଇଥିଓପିଆର ଆମେଡେୱର୍କ ୱଲେଲେଗାନ ୫୮ ମିନିଟ ୫୩ ସେକେଣ୍ଡରେ ଫିନିଶ କରି ଏହି ରେକର୍ଡର ଅଧିକାରୀ ରହିଥିଲେ । ଚାମ୍ପିଅନ ବାବଦକୁ ମାତାତାଙ୍କୁ ସ୍ୱର୍ଣ୍ଣ ପଦକ ସହ ୨୭ ହଜାର ଡଲାର (ପ୍ରାୟ ୨୫ ଲକ୍ଷ ୬୪ ହଜାର ଟଙ୍କା) ପ୍ରଦାନ କରାଯାଇଥିଲା । ସେହିଭଳି ନୂଆ ରେକର୍ଡ କରିଥିବାରୁ ଅତିରିକ୍ତ ୧୧ ଲକ୍ଷ ୩୯ ହଜାର ଟଙ୍କା ପାଇଥିଲେ । ଉଲ୍ଲେଖନୀୟ ସଫଳତା ହେଉଛି ମାତାତାଙ୍କ ଭାଇ ଆଲେକ୍ସ ୨୦୨୫ରେ ଏଠାରେ ଚାମ୍ପିଅନ ହୋଇଥିଲେ । ଅପରପକ୍ଷରେ ମହିଳା ବିଭାଗରେ ଆଲିମୁ ଏକ ଘଣ୍ଟା ୬ ମିନିଟ ଓ ୩୫ ସେକେଣ୍ଡରେ ରେସ ଫିନିଶ କରି ପ୍ରଥମ ସ୍ଥାନ ହାସଲ କରିଥିଲେ । କେନିଆର ଦୁଇ ଧାବିକା ସେଲାହ ବୁସିନେଇ (୧:୦୭:୦୧ସେକେଣ୍ଡ) ଓ ସିନ୍ଥିଆ ଚେଲାଙ୍ଗତ (୧:୦୭:୩୨) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ ।

ଆଘାଙ୍କ ଶତକ; ଶ୍ରୀଲଙ୍କା ପରାସ୍ତ

ରାୱଲପିଣ୍ଡି, ୧୮ ।୧୦ (ଏଜେନ୍ସି): ଆୟୋଜକ ପାକିସ୍ତାନ କ୍ରିକେଟ୍ ଦଳ ବିଜୟରୁ ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜରେ ଅଭିଯାନ ଆରମ୍ଭ କରିଛି । ରବିବାର ଏଠାରେ ଖେଳାଯାଇଥିବା ସିରିଜର ପ୍ରଥମ ମ୍ୟାଚରେ ପାକିସ୍ତାନ ୩୭ ରନରେ ଶ୍ରୀଲଙ୍କାକୁ ହରାଇଦେଇଛି । ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ୪୯.୫ ଓଭରରେ ୩୦୫ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ପୂର୍ବତନ ଅଧିନାୟକ ସଲମାନ ଆଘା ୯୦ ବଲରେ ୧୦୭ ରନର ଶତକୀୟ ପାଳି ଖେଳିଥିଲେ । ବାବର ଆଜମ ୪୫ ଓ ସାଦ୍ ବେଗ ୩୯ ରନ କରିଥିଲେ । ଶ୍ରୀଲଙ୍କାର ଇଶାନ ମାଲିଙ୍ଗା ୪ ଓ ଅସିଥା ଫର୍ଣ୍ଣାଣ୍ଡୋ ୩ଟି ୱିକେଟ ନେଇଥିଲେ । ଜବାବରେ ଶ୍ରୀଲଙ୍କା ଦଳ ୧୧ଟି ବଲ୍ ପୂର୍ବରୁ ୨୬୮ ରନରେ ସମସ୍ତ ୱିକେଟ ହରାଇ ପରାସ୍ତ ହୋଇଥିଲା । ପବନ ରତ୍ନାୟକେ ୭୯, ଜାନିଥ ଲିୟାଙ୍ଗେ ଓ କାମିନ୍ଦୁ ମେଣ୍ଡିସ ୪୪ ରନ କରିଥିଲେ । ମଙ୍ଗଳବାର ସିରିଜର ଦ୍ୱିତୀୟ ମ୍ୟାଚ୍‌ରେ ପାକିସ୍ତାନ ଓ ଇଂଲଣ୍ଡ ସାମ୍ନାସାମ୍ନି ହେବେ ।

ଦିଲ୍ଲୀର ଦ୍ରୁତ ବୋଲିଂ କୋଚ୍ ହେଲେ ଚାମିଣ୍ଡା ଭାସ୍

ନୂଆଦିଲ୍ଲୀ, ୧୮ ।୧୦ (ଏଜେନ୍ସି): ଶ୍ରୀଲଙ୍କାର ପୂର୍ବତନ ମହାନ ବୋଲର ଚାମିଣ୍ଡା ଭାସଙ୍କୁ ବଡ଼ ଦାୟିତ୍ୱ ମିଳିଛି । ଆଇପିଏଲ୍‌ର ଆଗାମୀ ସିଜନ ଲାଗି ଦିଲ୍ଲୀ କ୍ୟାପିଟାଲ୍ସ ଭାସଙ୍କୁ ଦ୍ରୁତ ବୋଲିଂ କୋଚ୍ ନିଯୁକ୍ତ କରିଛି । ଦିଲ୍ଲୀ ଫ୍ରାଞ୍ଚାଇଜ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏହି ସୂଚନା ଦିଆଯାଇଛି । ଫଳରେ ୫୨ ବର୍ଷୀୟ ଭାସ୍‌ଙ୍କ ଲାଗି କୋଚ୍ ଭାବରେ ଆଇପିଏଲ୍‌ରେ ଏହା ପଦାର୍ପଣ ହେବ । ଏଥିପୂର୍ବରୁ ସେ ଖେଳାଳି ଭାବରେ ୩ଟି (୨୦୦୮, ୨୦୦୯ ଓ ୨୦୧୦) ସିଜନ ଡେକାନ ଚାର୍ଜର୍ସ ପକ୍ଷରୁ ଖେଳିଥିଲେ । ଉଲ୍ଲେଖଯୋଗ୍ୟ ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ବର୍ତ୍ତମାନ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ମୁଖ୍ୟ କୋଚ୍ ରହିଛନ୍ତି । ନିକଟରେ ଯୁବରାଜ ସିଂହଙ୍କୁ ସହାୟକ କୋଚ୍ ଭାବରେ ନିଯୁକ୍ତ କରାଯାଇଥିଲା ।

● ବିନୁ ମଙ୍କଡ ଟ୍ରଫି

ପ୍ଲେଟ୍ ଲିଗ୍‌ରେ ତ୍ରିପୁରା ଚାମ୍ପିଅନ

ଭୁବନେଶ୍ୱର,୧୮ ।୧୦ (ସମିସ): ସ୍ଥାନୀୟ କିଟ୍ ଷ୍ଟାଡିୟମ୍‌ରେ ଚାଲିଥିବା ୧୯ ବର୍ଷରୁ କମ୍ ବିନୁ ମଙ୍କଡ ଟ୍ରଫି ପ୍ଲେଟ ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଶେଷ ହୋଇଛି । ଏହି ପ୍ରତିଯୋଗିତାର ଫାଇନାଲରେ ତ୍ରିପୁରା ୪ ୱିକେଟରେ ମିଜୋରାମକୁ ପରାସ୍ତ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଫାଇନାଲରେ ପ୍ରଥମେ ବ୍ୟାଟିଂ କରି ମିଜୋରାମ ମାପୁଇଆଙ୍କ ୬୨ ରନ୍ ସହାୟତାରେ ୧୬୭ ରନ୍ କରି ଅଲଆଉଟ ହୋଇଯାଇଥିଲା । ଜବାବରେ ଆୟାନ ରାୟଙ୍କ ଅପରାଜିତ ୪୫ ଓ ସିଦ୍ଧାର୍ଥ ଦେବନାଥଙ୍କ ୪୦ ରନ୍ ସହାୟତାରେ ତ୍ରିପୁରା ୬ ୱିକେଟରେ ୧୭୦ ରନ୍ କରି ଏହି ମ୍ୟାଚ୍‌କୁ ଜିତିନେଇଥିଲା । ମିଜୋରମ କିନ୍ତୁ ଲଢୁଆ ଖେଳ ପ୍ରଦର୍ଶନ କରିଥିଲା ।

ପାରା ଏସିଆନ୍ ଗେମ୍ସ ଉଦ୍‌ଘାଟିତ

ଟୋକିଓ,୧୮ ।୧୦(ଏଜେନ୍ସି)

ପ୍ରମୋଦ ଭଗତ ଓ ସିମରନ ଶର୍ମା

ଜାପାନର ନାଗୋୟାସ୍ଥିତ ପାରା ପାଲୋମା ମିଜୁହୋ ସ୍ପୋର୍ଟ୍ସ ପାର୍କ ଷ୍ଟାଡିୟମ୍‌ରେ ୫ମ ପାରା ଏସିଆନ ଗେମ୍ସ ଆଜି ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି । ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ସାଙ୍ଗକୁ ଖେଳାଳିଙ୍କ ପରେଡ ଏସିଆ ମହାଦେଶ ପାରା କ୍ରୀଡ଼ାବିତ୍‌ଙ୍କ ଏହି ସର୍ବଶ୍ରେଷ୍ଠ ପ୍ରତିଯୋଗିତାକୁ ଜାପାନର ମହାରାଜା ନାରୁହିତୋ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ । ପ୍ରଧାନମନ୍ତ୍ରୀ ତାକାହାଚି ସମସ୍ତ ପ୍ରତିଯୋଗୀଙ୍କୁ ତାଙ୍କ ଟୁଇଟର ସୋସିଆଲ ଆକାଉଣ୍ଟରେ ସ୍ୱାଗତ କରିଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଯେତିକି ଆକର୍ଷଣୀୟ ହୋଇଥିଲା ତା'ଠାରୁ ଅଧିକ ଆକର୍ଷଣୀୟ ଥିଲା ଖେଳାଳିଙ୍କ ଖେଳୁଆଡ଼ ମନୋଭାବ ଓ ଉତ୍ସାହ । ଏହି ଉତ୍ସବରେ ଭାଗନେଇଥିବା ଭାରତୀୟ ଦଳ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଭାରତୀୟ ଖେଳାଳିମାନେ ସିନ୍ଧୁ ସଭ୍ୟତା ଦ୍ୱାରା ଅନୁପ୍ରାଣୀତ ପୋଷାକ ପରିଧାନ କରିଥିଲେ । ଗାଢ଼ ନିଳ ରଙ୍ଗର ବ୍ଲେଜର ଗୁଡ଼ିକ ଉପରେ ସିନ୍ଧୁ ସଭ୍ୟତାର କିଛି ପ୍ରସିଦ୍ଧ କଳାକୃତିର ସୁବର୍ଣ୍ଣ ଚିତ୍ର ଅଙ୍କିତ ହୋଇଥିଲା । ପରେଡ୍‌ରେ ଭାରତର ପ୍ରାଚୀନ ଐତିହ୍ୟର ଝଲକ ଦେଖିବାକୁ ମିଳିଥିଲା । ଏହି ଉତ୍ସବରେ ପରେଡରେ ଓଡ଼ିଶାର ବ୍ୟାଡମିଣ୍ଟନ ତାରକା ପ୍ରମୋଦ ଭଗତ ଓ ସ୍ପ୍ରିଣ୍ଟର ସିମରନ ଶର୍ମା ଭାରତର ଜାତୀୟ ପତାକା ଧରିଥିଲେ । ଭାରତ ଏହି ପ୍ରତିଯୋଗିତାରେ ୧୧ଟି ଶୃଙ୍ଖଳାରେ ୧୬୮ ଜଣ ପ୍ରତିଯୋଗୀଙ୍କୁ ଅଂଶଗ୍ରହଣ କରିବାର ସୁଯୋଗ ଦେଇଛି । ଏଥିରେ ୧୧୨ଜଣ ପୁରୁଷ ଓ ୫୬ ଜଣ ମହିଳା ପ୍ରତିଯୋଗୀ ରହିଛନ୍ତି । ଗତଥର ଭଳି ଏଥର ମଧ୍ୟ ଦେଶ ୧୦୦ରୁ ଊର୍ଦ୍ଧ୍ୱ ପଦକ ଜିତିବ ବୋଲି ଆଶା ରଖିଛି । ଅକ୍ଟୋବର ୨୪ ତାରିଖ ଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୪୮୯ଟି ସ୍ୱର୍ଣ୍ଣ ପଦକ ଲାଗି ମୁକାବିଲା ହେବ । ୧୯ଟି କ୍ରୀଡ଼ା ଶୃଙ୍ଖଳାରେ ଏସିଆ ମହାଦେଶରୁ ୪୫ଟି ଦେଶର ପ୍ରାୟ ୩,୦୦୦ରୁ ଊର୍ଦ୍ଧ୍ୱର୍ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି ।

ଆଗୁଆ ଟି-୨୦ ସିରିଜ୍ ଜିତିଲା ଭାରତ

ରାୟପୁର, ୧୮ ।୧୦ (ଏଜେନ୍ସି): ଭ୍ରମଣକାରୀ ଜିମ୍ବାୱେ ମହିଳା କ୍ରିକେଟ୍ ଦଳ ବିପକ୍ଷରେ ରବିବାର ଏଠାରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ ମ୍ୟାଚରେ ଭାରତ ୯ ୱିକେଟ୍‌ରେ ବିଜୟୀ ହୋଇଛି । ୧୦୩ ରନର ଛୋଟିଆ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଭାରତୀୟ ମହିଳା ଦଳ ୮.୫ ଓଭରରେ ଗୋଟିଏ ୱିକେଟ୍ ହରାଇ ହାସଲ କରିନେଇଥିଲା । ଦୁଇ ଓପନର୍ ଶେଫାଳି ବର୍ମା ୨୫ ବଲରେ ସର୍ବାଧିକ ୫୫ ରନ କରି ଆଉଟ ହୋଇଥିଲେ । ସେହିଭଳି ଅଧିନାୟିକା ସ୍ମୃତି ମନ୍ଧାନା ୪୭ ଓ ଅନୁଷ୍କା ଶର୍ମା ୧ ରନ କରି ଅପରାଜିତ ରହିଥିଲେ । ପୂର୍ବରୁ ଏଠାରେ ଖେଳାଯାଇଥିବା ସିରିଜର ପ୍ରଥମ ମ୍ୟାଚକୁ ମଧ୍ୟ ଭାରତ ୪ ୱିକେଟରେ ବିଜୟୀ ହୋଇଥିଲା । ଫଳରେ ଗୋଟିଏ ମ୍ୟାଚ୍ ବାକିଥାଇ ଭାରତ ଆଗୁଆ ସିରିଜ କବ୍‌ଜା କରିନେଇଛି । ନୂଆ ଅଧିନାୟିକା ମନ୍ଧାନାଙ୍କ ନେତୃତ୍ୱରେ ଭାରତ ମଧ୍ୟ ପ୍ରଥମ ସିରିଜ ବିଜୟ ସ୍ୱାଦ ଚାଖିଛି । ସିରିଜର ଅନ୍ତିମ ତଥା ୩ୟ ଟି-୨୦ ମଙ୍ଗଳବାର ଖେଳାଯିବ । ପୂର୍ବରୁ ଏହି ଦ୍ୱିତୀୟ ମ୍ୟାଚରେ ଟସ୍ ଜିତି ବ୍ୟାଟିଂ କରିଥିବା ଜିମ୍ବାୱେ ସମ୍ପୂର୍ଣ୍ଣ ୨୦ ଓଭର ଖେଳିଥିଲେ ମଧ୍ୟ ୮ ୱିକେଟରେ ୧୦୨ ରନର ଛୋଟିଆ ସ୍କୋର ଠିଆ କରାଇଥିଲା । ଚିପୋ ମୁଗେରି-ତିରିପାନୋ ୩୪ ଓ ଅଧିନାୟିକା ଜୋସେଫିନ ନକୋମୋ ୨୭ ରନ କରିଥିଲେ ।

● ରଣଜୀ ହାଇଲାଇଟ୍ସ

ପ୍ରିୟାଂଶଙ୍କ ୧୯୯; ରିଙ୍କୁଙ୍କ କ୍ରମାଗତ ଶତକ

ନୂଆଦିଲ୍ଲୀ, ୧୮ ।୧୦ (ଏଜେନ୍ସି): ଚଳିତ ରଣଜୀ ଟ୍ରଫିର ଦ୍ୱିତୀୟ ରାଉଣ୍ଡ ରବିବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି । ସ୍ଥାନୀୟ ପାଲମ-ବି ଗ୍ରାଉଣ୍ଡରେ ଗୁଜରାଟ ବିପକ୍ଷରେ ଅନୁଷ୍ଠିତ ମ୍ୟାଚରେ ଘରୋଇ ଦିଲ୍ଲୀ ଦମଦାର ପ୍ରଦର୍ଶନ କରିଛି । ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ଦିଲ୍ଲୀ ୮୪ ଓଭରରେ ୪ ୱିକେଟ ହରାଇ ୩୮୧ ରନ ସଂଗ୍ରହ କରିଛି । ଓପନର ପ୍ରିୟାଂଶ ଆର୍ଯ୍ୟ ଦୁର୍ଭାଗ୍ୟଜନକ ଭାବରେ ୧୯୯ ରନରେ ଆଉଟ୍ ହୋଇଥିଲେ । ତେବେ ଅଧିନାୟକ ଆୟୁଷ ବଦୋନୀ ୧୧୫ ରନର ଶତକୀୟ ପାଳି ଖେଳି ଅପରାଜିତ ରହିଛନ୍ତି । ଗୁଜରାଟର ହର୍ଶଲ ପଟେଲଙ୍କୁ ୨ଟି ୱିକେଟ୍ ମିଳିଛି । ଉଲ୍ଲେଖଯୋଗ୍ୟ ଏହି ମ୍ୟାଚ୍ ସହ ପାଲମ-ବି ଗ୍ରାଉଣ୍ଡରେ ପ୍ରଥମଶ୍ରେଣୀ କ୍ରିକେଟ୍ ପଦାର୍ପଣ କରିଛି । ଅପରପକ୍ଷରେ କାନପୁରର ଗ୍ରୀନପାର୍କ ଷ୍ଟାଡିୟମ ଗୋଆ ବିପକ୍ଷରେ ଅନୁଷ୍ଠିତ ଗ୍ରୁପ୍-ଏ'ର ଏକ ମ୍ୟାଚରେ ଘରୋଇ ଉତ୍ତର ପ୍ରଦେଶ ଦୟନୀୟ ପ୍ରଦର୍ଶନ କରିଛି । ଟସ୍ ଜିତି ବ୍ୟାଟିଂ କରିଥିବା ଉତ୍ତର ପ୍ରଦେଶ ରିଙ୍କୁ ସିଂଙ୍କ ଶତକ ସତ୍ତ୍ୱେ ପ୍ରଥମ ପାଳିରେ ମାତ୍ର ୨୦୨ ରନରେ ଅଲଆଉଟ୍ ହୋଇଯାଇଛି । ରିଙ୍କୁ ୧୮୬ ବଲରେ ୧୧୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ । ଚଳିତ ରଣଜୀ ଟ୍ରଫିରେ ଏହା ତାଙ୍କର କ୍ରମାଗତ ଦ୍ୱିତୀୟ ଶତକ । ଏଥିପୂର୍ବରୁ ବିହାର ବିପକ୍ଷ ପ୍ରଥମ ରାଉଣ୍ଡ ମ୍ୟାଚରେ ସେ ୧୧୨ ରନର ପାଳି ଖେଳିଥିଲେ ।

ରଣଜୀ ଟ୍ରଫି: ୩୬ ଓଭର ପରେ ବୋଲର୍‌ଙ୍କ ବ୍ୟାଟେରୀ ଶେଷ

ସଚିନ-ଆଝାରୁଦ୍ଦିନଙ୍କୁ ଅଟକାଇପାରିଲାନି ଓଡ଼ିଶା

ସଚିନ ବେବି

ତିରୁଅନନ୍ତପୁରମ,୧୮ ।୧୦(ଏଜେନ୍ସି): ସଚିନ ବେବିଙ୍କ ଶତକ ଓ ମହମ୍ମଦ୍ ଆଝାରୁଦ୍ଦିନଙ୍କ ଅର୍ଦ୍ଧଶତକ ବଳରେ ଏଠାରେ ଆଜି ଆରମ୍ଭ ହୋଇଥିବା ଓଡ଼ିଶା ବିପକ୍ଷ ରଣଜୀ ମୁକାବିଲାର ପ୍ରଥମ ଦିନରେ କେରଳ ୬ ୱିକେଟରେ ୨୪୫ ରନ୍ ସଂଗ୍ରହ କରିନେଇଛି । ନଂ-୪ରେ ବ୍ୟାଟିଂ କରିବାକୁ ଆସିଥିବା ବେବି ୧୧୨ ରନ୍ କରି ଆଉଟ ହୋଇଥିଲାବେଳେ ଓ ତାଙ୍କୁ ଉପଯୁକ୍ତ ସାଥ୍ ଦେଇଥିବା ୱିକେଟରକ୍ଷକ ଆଝାରୁଦ୍ଦିନ ୭୨ରନ୍‌ରେ ଅପରାଜିତ ରହିଛନ୍ତି । ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ୧୦୧ ରନ୍‌ରେ ୫ ୱିକେଟ ହରାଇବା ପରେ ଏହି ଦୁଇ ବ୍ୟାଟର ଏକତ୍ର ହୋଇ ୬ଷ୍ଠ ୱିକେଟ ପାର୍ଟନରସିପ୍‌ରୁ ୨୮୬ ବଲ୍ ସାମ୍ନା କରି ୧୪୧ ରନ୍ ଉଠାଇଥିଲେ । ଏହି ପାର୍ଟନରସିପ୍ କେବଳ ଘରୋଇ ଦଳକୁ ବିପଦରୁ ରକ୍ଷା କରି ନ ଥିଲା ବରଂ ପ୍ରଥମ ଦିନରେ ଏକ ଦୃଢ଼ସ୍ଥିତିରେ ପହଞ୍ଚାଇଥିଲା । ଆଉଟ ହୋଇଥିବା କେରଳ ଖେଳାଳିଙ୍କ ମଧ୍ୟରେ ଅଭିଷେକ ପି. ନାୟର ୦, ଅଭିଷେକ ଜେ. ନାୟକ ୧୧, ଜଳଜ ସକ୍ସେନା ୦ ଓ ଅଧିନାୟକ ବିଷ୍ଣୁ ବିନୋଦ ୨୧ ରନ୍ କରିଥିଲେ । କିନ୍ତୁ ଦଳକୁ ବିପଦମୁକ୍ତ କରିଥିବା ସଚିନ ବେବି ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂ କରି ୨୩୫ ବଲ୍‌ରୁ ୧୧ ଚୌକା ଓ ୧ ଛକା ସହ ସର୍ବାଧିକ ୧୧୨ ରନ୍ କରିଥିଲେ । ଓଡ଼ିଶା ପକ୍ଷରୁ ପେସାଦାର ଖେଳାଳି ଲଳିତ ଯାଦବ ଓ ସୌମ୍ୟରଞ୍ଜନ ଲେଙ୍କା ୨ଟି ଲେଖାଏଁ, ରାଜେଶ ମହାନ୍ତି ଓ ବାଦଲ ବିଶ୍ୱାଳ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ଓଡ଼ିଶା ଦଳ ୩୫.୪ ଓଭରରେ କେରଳର ୫ଟି ୱିକେଟ ଅକ୍ତିଆର କରିଥିଲେ ମଧ୍ୟ ଏହା ପରେ ବେବି ଓ ଆଝାରୁଦ୍ଦିନଙ୍କୁ ଅଟକାଇବାରେ ବିଫଳ ହୋଇଥିଲା । ପ୍ରଥମ ମ୍ୟାଚ୍‌ରେ ପରାଜିତ ହୋଇଥିବା ଓଡ଼ିଶା ଓପନର ସ୍ୱସ୍ତିକ ସାମଲ, ୱିକେଟରକ୍ଷକ ଆଶୀର୍ବାଦ ସ୍ୱାଇଁ ଓ ସମ୍ବିତ ବେଜାଙ୍କୁ ବାଦ୍ ଦେଇ ଯଥାକ୍ରମେ ଶାନ୍ତନୁ ସ୍ୱାଇଁ, ରାଜେଶ ଧୂପର ଓ ସୌମ୍ୟରଞ୍ଜନ ଲେଙ୍କାଙ୍କୁ ଏହି ମ୍ୟାଚ୍‌ରେ ଖେଳିବାକୁ ସୁଯୋଗ ଦେଇଥିଲା । ୨୩ ବର୍ଷୀୟ ପେସ୍ ବୋଲିଂ ଅଲରାଉଣ୍ଡର ସୌମ୍ୟରଞ୍ଜନ ଏଠାରେ ପ୍ରଥମଶ୍ରେଣୀ ଡେବ୍ୟୁ କରିଛନ୍ତି । ସେ ବେବିଙ୍କୁ ଆଉଟ କରି ଏହି ବିରାଟ ପାର୍ଟନରସିପ୍ ଭାଙ୍ଗିଦେଇଥିଲେ ।

୨୩ ବର୍ଷରୁ କମ୍ ଇଣ୍ଡିଆନ୍ ଓପନ ଆଥଲେଟିକ୍ସ

ମାହିକଙ୍କୁ ସ୍ୱର୍ଣ୍ଣିମ ସଫଳତା

ଭୁବନେଶ୍ୱର, ୧୮ ।୧୦ (ସମିସ): ରାଜସ୍ଥାନର ସୱାଇ ମାନସିଂହ ଷ୍ଟାଡିୟମରେ ରବିବାର ଉଦ୍‌ଯାପିତ ହୋଇଥିବା ୨୩ ବର୍ଷରୁ କମ୍ ଷଷ୍ଠ ଇଣ୍ଡିଆନ ଓପନ୍ ଆଥଲେଟିକ୍ସରେ ଓଡ଼ିଶାର ମାହିକ ନର୍ସିନ ପଡ଼ିଆଙ୍କୁ ସ୍ୱର୍ଣ୍ଣିମ ସଫଳତା ମିଳିଛି । ମାହିକ ମହିଳା ହାଇଜମ୍ପରେ ୧.୬୯ ମିଟର ଉଚ୍ଚକୁ ଡେଇଁ ପୋଡିୟମର ପ୍ରଥମ ସ୍ଥାନ ଅଧିକାର କରିଥିଲେ । ମହିଳା ଟ୍ରିପଲ୍ ଜମ୍ପରେ ମାର୍ଯ୍ୟମୁକ୍ତା ସୋରେଙ୍ଗ ମଧ୍ୟ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । ସୋରେଙ୍ଗ ୧୨.୫୭ ମିଟର ଲମ୍ବକୁ ଲମ୍ଫ ପ୍ରଦାନ କରି ପୋଡିୟମର ପ୍ରଥମ ସ୍ଥାନରେ ରହିଥିଲେ । ସେହିଭଳି ମହିଳା ୮୦୦ ମିଟରରେ ଲକ୍ଷ୍ମୀପ୍ରିୟା କିଶାନ ଓ ମହିଳା ୩୦୦୦ ମିଟର ଷ୍ଟିପଲଚେଜ୍‌ରେ ସୁସ୍ମିତା ଟିଗା ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଥିଲେ ।

ଜାତୀୟ ତୀରନ୍ଦାଜୀରେ ଭାଗନେବେ ୨୪ ଓଡ଼ିଆ

କଟକ,୧୮ ।୧୦(ସମିସ): ରାଜସ୍ଥାନର ଜୟପୁରଠାରେ ୪୬ତମ ଜାତୀୟ ଜୁନିଅର ତୀରନ୍ଦାଜୀ ପ୍ରତିଯୋଗିତା ଅକ୍ଟୋବର ୨୧ରୁ ୨୮ ତାରିଖ ଯାଏ ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତା ଲାଗି ଓଡ଼ିଶାରକୁ ଏକ ୨୪ ଜଣିଆ ତୀରନ୍ଦାଜ ଦଳ ଏଥିରେ ଭାଗନେବାକୁ ଜୟପୁର ଅଭିମୁଖେ ଯାତ୍ରା କରିଛନ୍ତି । ରିକର୍ଭ ପ୍ରତିଯୋଗୀମାନେ ହେଲେ ବାଳକ ବିଭାଗରେ ରସାନନ୍ଦ ବିରୁର, ବିଜୟ ମାଢ଼ୀ, ସତାରୀ ହୋ (କେନ୍ଦୁଝରର), କିସ୍‌ର ତ୍ରିଦେବ ମୁଣ୍ଡା । ବାଳିକା ବିଭାଗରେ କିସ୍‌ର ମନସ୍ୱରୀ ହାଁସ୍‌ଦକ୍, କେନ୍ଦୁଝରର ସୁନିତା ନାଏକ ଓ ଲିପ୍ସାମୟୀ ନାଏକ, ସୁନ୍ଦରଗଡର ସାଇକେନ୍ଦ୍ରର ମମିତା ଓରାମ । ସେହିପରି କମ୍ପାଉଣ୍ଡ ବାଳକ ବିଭାଗରେ କେଶବ ବନାରା, ଦଇନେଶ୍ୱର ବେହେରା ଓ ରାମାଇ ମୁର୍ମୁ (ସମସ୍ତେ କେନ୍ଦୁଝର), କିସ୍‌ର ସାଗର ରାଇତା । ବାଳିକା ବିଭାଗରେ ମୋନାଲିସା ନାଏକ, ସ୍ୱପ୍ନାରାଣୀ ବେହେରା, ସୀତା ହେମ୍ବ୍ରମ୍ ଓ ଚନ୍ଦ୍ରିକା ମହାପାତ୍ର (ସମସ୍ତେ କେନ୍ଦୁଝର) । ଇଣ୍ଡିଆନ୍ ରାଉଣ୍ଡର ବାଳକ ବିଭାଗରେ କିସ୍‌ର ଅଜୟ କୁମାର ମାରାଣ୍ଡି, କେନ୍ଦୁଝରର ଚନ୍ଦ୍ରମୋହନ ଟୁଡୁ, ମୟୁରଭଞ୍ଜର ଗୋବିନ୍ଦ ମାଝି ଓ କୋରାପୁଟର ପ୍ରତାପରୂପ ମାଝି । ବାଳିକାରେ ସମ୍ବଲପୁରର ଚନ୍ଦ୍ର ନାଗ, କିସ୍‌ର ପୂର୍ଣ୍ଣିମା ପୂର୍ତ୍ତି, ସୁନ୍ଦରଗଡର ଆର୍ଯ୍ୟସ୍ମିତା ନାଏକ ଓ ଅମିଷା ମୁଣ୍ଡା ।

ରାଜ୍ୟ ଓପନ ଚେସ୍

ବିନୀତ ନାୟକଙ୍କୁ ଟାଇଟଲ

ଭୁବନେଶ୍ୱର,୧୮ ।୧୦ (ସମିସ): ବକ୍ସି ଜଗବନ୍ଧୁ ଇଂଲିଶ ମିଡିୟମ୍ ସ୍କୁଲ୍‌ର ବିନୀତ ନାୟକ ଦ୍ୱିତୀୟ ଭାଗ୍ୟଶ୍ରୀ ପଣ୍ଡା ମେମୋରିଆଲ ଓପନ ଚେସ୍ ଚାମ୍ପିଅନ ହୋଇଛନ୍ତି । ଓଡ଼ିଶା ରାଜ୍ୟ ଚେସ୍ ସଂଘ ଦ୍ୱାରା କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଓମ୍‌ଆଦିତ୍ୟ ଖାଡଙ୍ଗା ରନର୍ସ ଅପ୍ ଏବଂ ଟପ୍ ସିଡ୍ ସୌମ୍ୟରଞ୍ଜନ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ । ଚେସ୍ ପ୍ରଶିକ୍ଷକ ପ୍ରଦୀପ ପଣ୍ଡା ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲାବେଳେ ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ । ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ ।

ରାଜ୍ୟ ମିନି ଓ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ଉଦ୍‌ଯାପିତ

ବଂଶିକା ଓ ପ୍ରସିଦ୍ଧି ପ୍ରିୟାଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର,୧୮ ।୧୦(ସମିସ): ପୋଖରୀପୁଟ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ୍‌ରେ ଚାଲିଥିବା ରାଜ୍ୟ ୧୧ ଓ ୧୩ ବର୍ଷରୁ କମ୍ ମିନି ଓ ସବ୍‌ଜୁନିଅର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ୧୧ ବର୍ଷରୁ କମ୍ ବିଭାଗରେ କଟକର ବଂଶିକା ମଲିକ୍ ଓ ୧୩ ବର୍ଷରୁ କମ୍ ବୟସ ବିଭାଗରେ ଗଞ୍ଜାମର ପ୍ରସିଦ୍ଧି ପ୍ରିୟାଙ୍କୁ ଦ୍ୱିମୁକୁଟ ମିଳିଛି । ବଂଶିକା ସିଙ୍ଗଲ୍ସରେ ଓ ଅଦିତି ଜେନାଙ୍କୁ ସାଥିକରି ଡବଲ୍ସରେ ଚାମ୍ପିଅନ ହୋଇଛନ୍ତି । ବାଳକ ସିଙ୍ଗଲ୍ସରେ ବଲାଙ୍ଗିରର ସମର୍ଥ ପାଢ଼ୀ, ଡବଲ୍ସରେ ସମ୍ବଲପୁରର ଅନ୍ୱେଷ ବେହେରା ଓ ଭିବାନ ପୁରୋହିତଙ୍କ ଯୋଡିଙ୍କୁ ଟାଇଟଲ ମିଳିଛି ।

ସେହିପରି ୧୩ ବର୍ଷରୁ କମ୍ ବାଳିକା ଡବଲ୍ସରେ ଖୋର୍ଦ୍ଧାର ସାଇପ୍ରିୟା ସୁବୁଦ୍ଧିଙ୍କୁ ଏବଂ ମିକ୍ସଡ ଡବଲ୍ସରେ ଖୋର୍ଦ୍ଧାର ମାଷ୍ଟର ଇଭାନଙ୍କୁ ସାଥିକରି ଗଞ୍ଜାମର ପ୍ରସିଦ୍ଧି ପ୍ରିୟା ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ସିଙ୍ଗଲ୍ସରେ ଖୋର୍ଦ୍ଧାର ବରେଣ୍ୟା ପଟେଲ ଓ ବାଳକ ସିଙ୍ଗଲ୍ସରେ ଖୋର୍ଦ୍ଧାର ଫସ୍ଟୁଲ ସେଠୀ ଚାମ୍ପିଅନ ହୋଇଛନ୍ତି । ବାଳକ ଡବଲ୍ସରେ ବଲାଙ୍ଗିର ଯୋଡି ଆଦିତ୍ୟ କର ଓ ଜି ଗୌତମ ଚାମ୍ପିଅନ, ଖୋର୍ଦ୍ଧା-ଢ଼େଙ୍କାନାଳ ଯୋଡି ଫସ୍ଟୁଲ ଓ ଯୁବରାଜ ଯାଦବ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି । ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଆନୁକୂଲ୍ୟରେ ଏବଂ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ସହାୟତାରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କ୍ରୀଡ଼ା ବିଭାଗର ଅଧିକାରୀ ସୋନାଲି ଚାନ୍ଦ ମୁଖ୍ୟ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କମଲ ଦାସ, ଦୀପକ ମହାନ୍ତି, ଅଜିତ ମହାନ୍ତି, ଶୈଳେନ୍ଦ୍ର, ପ୍ରଦୀପ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO
PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY